
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୦ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 MAY 2022
Vol.No. 33 ■ No. 121 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ରୁଷର ଶକ୍ତି ପ୍ରଦର୍ଶନ : କ୍ରେମଲିନ ପାଳିଲା ବିଜୟ ଦିବସ



ନୂଆଦିଲ୍ଲୀ, ୦୯/୦୫ : ରୁଷ ରାଜଧାନୀ ମସ୍କୋର ରେଡ୍ ସ୍କୋୟାରରେ ଶକ୍ତି ପ୍ରଦର୍ଶନ କଲା କ୍ରେମଲିନ । ୟୁକ୍ରେନ ସହ ଯୁଦ୍ଧ ମଧ୍ୟରେ ରୁଷିଆ ସୋମବାର ୭୭ତମ ବିଜୟ ଦିବସ ପାଳନ କରିଛି । ରୁଷ ସେନା ପାୱାରଫୁଲ ଏୟାର ସୋ ଓ ପରେଡ କରି ପୁଣି ଥରେ ପୁରା ବିଶ୍ୱ ନିକଟରେ ନିଜର ଶକ୍ତି ଦେଖାଇଛି । ବିଜୟ ଦିବସରେ ରୁଷ ସେନାର ଥର୍ମୋନ୍ୟୁକ୍ଲିୟର ମିସାଇଲ, ୧୩୦ଟି ଅସ୍ତ୍ରଶସ୍ତ୍ର ସଜ୍ଜିତ ଯୁଦ୍ଧଯାନ, ୩୪ଟି ଟ୍ୟାଙ୍କ, ଟି-୯୦ ପରଭ୍ୟୁ ଯୁଦ୍ଧ ଟ୍ୟାଙ୍କ, ଅତ୍ୟାଧୁନିକ ଏସ ୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ ପରେଡରେ ସାମିଲ ହୋଇଛନ୍ତି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବିଜୟ ଦିବସ ସମାରୋହରେ ଯୋଗ ଦେଇ ନିଜ ସେନାକୁ ସମ୍ବୋଧିତ କରିଛନ୍ତି । ଏଥିସହ ସେନା କମାଣ୍ଡରଙ୍କୁ ଭେଟି ସେମାନଙ୍କ ମନୋବଳ ବୃଦ୍ଧି ମଧ୍ୟ କରିଛନ୍ତି । ଏହି ସମୟରେ ପୁଟିନ ୟୁକ୍ରେନ ସହ ଚାଲିଥିବା ଯୁଦ୍ଧକୁ ନେଇ ମଧ୍ୟ ନିଜର ବୟାନ ରଖିଛନ୍ତି । ୟୁକ୍ରେନ ବିରୋଧରେ ରୁଷିଆର ସେନା କାର୍ଯ୍ୟାନୁଷ୍ଠାନ ଏକ ଉଚିତ ପଦକ୍ଷେପ ବୋଲି କହିଛନ୍ତି ରୁଷ ରାଷ୍ଟ୍ରପତି । ପୁଟିନ କହିଛନ୍ତି ଏହାଦ୍ୱାରା ପାଶ୍ଚାତ୍ୟନୀତିକୁ ଠିକ ସମୟରେ ଉଚିତ ଜବାବ ଦିଆଯିବା ସମ୍ଭବପର ହୋଇଛି । ବିଜୟ ଦିବସ ସମାରୋହରେ ଯୋଗ ଦେଇ ପୁଟିନ ଏକଥା ବି କହିଛନ୍ତି କି ରୁଷସେନା ନିଜ ମାତୃଭୂମିର ସୁରକ୍ଷା ପାଇଁ ଲଢୁଛି । ହିଟଲରଙ୍କ ଭଳି ୟୁକ୍ରେନକୁ ମଧ୍ୟ ରୁଷିଆ ଜବାବ ଦେବ ବୋଲି ପୁଟିନ କହିଛନ୍ତି । ଏହି ସମୟରେ ନାଟୋ ଦେଶଙ୍କୁ ରୁଷ ପାଇଁ ବିପଦର ଦେଶ ବୋଲି କହିଛନ୍ତି ପୁଟିନ । ପାଶ୍ଚାତ୍ୟଦେଶ ରୁଷ ସୀମାରେ ହତିଆର ଠୁଳ କରୁଛନ୍ତି । ତେଣୁ ଶତ୍ରୁଦେଶଙ୍କୁ ରୁଷ ମୁହଁତୋଡ ଜବାବ ଦେବ ବୋଲି ଚେତାବନୀ ଦେଇଛନ୍ତି ରୁଷ ରାଷ୍ଟ୍ରପତି । ବିଜୟ ଦିବସରେ ନାଟୋଦେଶମାନଙ୍କୁ ସିଧାସଳଖ ଦାୟୀ କରିଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ । ପୁଟିନ କହିଛନ୍ତି, ରୁଷ ଉପରେ ନାଟୋ ଦେଶମାନେ ଆକ୍ରମଣ ଯୋଜନା କରୁଥିଲେ । ତେଣୁ ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ରୁଷ ଯଥା ସମୟରେ ପଦକ୍ଷେପ ନେଇଛି । ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ମେ ୯ ତାରିଖକୁ ବିଜୟ ଦିବସ ଭାବେ ରୁଷ ପାଳନ କରି ଆସୁଛି । ମେ ୯ରେ ୨ୟ ବିଶ୍ୱଯୁଦ୍ଧରେ ଜର୍ମାନୀକୁ ପରାସ୍ତ କରିଥିଲା ସୋଭିଏତ ସଂଘ । ଏହି ଦିନ ବର୍ଲିନ ସମ୍ପୂର୍ଣ୍ଣଭାବେ ସୋଭିଏତ ସେନା ନିୟନ୍ତ୍ରଣକୁ ଆସିଥିଲା । ମେ ୯ ତାରିଖରେ ୨ୟ ବିଶ୍ୱଯୁଦ୍ଧ ଓ ହିଟଲର ଶାସନର ଅନ୍ତ ହୋଇଥିଲା ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ଦିଆଯାଇନି କୌଣସି ଅନୁମତି: ଏଏସ୍ଆଇ



କଟକ, ୦୯/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ କୌଣସି ପ୍ରକାର ଅନୁମତି ଦେଇନି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବା ଏଏସ୍ଆଇ । ଆଜି ହାଇକୋର୍ଟରେ ଏଏସ୍ଆଇ ପକ୍ଷରୁ ଏନେଇ ସତ୍ୟପାଠ ଦାଖଲ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଏଏସ୍ଆଇ ଦାଖଲ କରିଥିବା ସତ୍ୟପାଠରେ ଆଉ କିଛି ସାଂଘାତିକ ତଥ୍ୟ ଦେଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ କୌଣସି ପ୍ରକାର ଅନୁମତି କିମ୍ବା ଏନ୍ଓସି ଦିଆଯାଇ ନଥିବା ବେଳେ ସରକାରଙ୍କ ପକ୍ଷରୁ ବାରମ୍ବାର ଡିଜାଇନ ମଧ୍ୟ ବଦଳାଯାଇଥିବା କଥା କହିଛି ଏଏସ୍ଆଇ । ନ୍ୟାସ୍‌ନାଲ ମନୁମେଣ୍ଟ ଅଥରିଟି (ଏନ୍ଏମ୍ଏ)କୁ ଦିଆଯାଇଥିବା ଡିଜାଇନ ଓ ବର୍ତ୍ତମାନର ଡିଜାଇନ ଭିନ୍ନ ବୋଲି କୁହାଯାଇଛି । ଏହା ସହିତ ଖନନ ଦ୍ୱାରା ଐତିହ୍ୟସ୍ଥଳୀର କୀର୍ତ୍ତିରାଜି ନଷ୍ଟ ହୋଇଥାଇପାରେ ବୋଲି ଏଏସ୍ଆଇ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ନିକଟରେ ୭୫ ମିଟର ଭିତରେ ଏବେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିରର କ'ଣ ସବୁ କ୍ଷତି ହୋଇଛି, ସେନେଇ ସତ୍ୟପାଠରେ କିଛି ବିସ୍ତୃତ ବିବରଣୀ ପ୍ରଦାନ କରିନି ଏଏସ୍ଆଇ । ତେଣୁ ହାଇକୋର୍ଟ ପୁଣି ଥରେ ଏକ ବିସ୍ତୃତ ରିପୋର୍ଟ ▶▶ପୃଷ୍ଠା ୭

## ଦେଶର ହେବ ଇ-ଜନଗଣନା

ନୂଆଦିଲ୍ଲୀ, ୦୯/୦୫ : ଦେଶରେ ଆଗାମୀ ଦିନରେ ହେବେ ଇ-ଜନଗଣନା । ୧୦୦ ପ୍ରତିଶତ ସଠିକ୍ ଜନସଂଖ୍ୟା ଜାଣିବା ପାଇଁ ଏଭଳି କରାଯିବ । ଆସାମାର ଗୌହାଟିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ବଡ ଘୋଷଣା କରିଛନ୍ତି । ଅମିଗାଓଁରେ ଜନଗଣନା କେନ୍ଦ୍ର ଉଦାଘାଟନ ଅବସରରେ ଗୃହମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଦେଶରେ ଇ-ଜନଗଣନା ହେବ । ଏହା ହେବା ଦ୍ୱାରା ୧୦୦ ପ୍ରତିଶତ ସଠିକ ଜନସଂଖ୍ୟା ଜଣାପଡିବ । ଜନଗଣନାକୁ ସଠିକ କରିବା ପାଇଁ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରାଳୟ ପଦକ୍ଷେପ ନେଉଛି ।

## ପୁରୀଠାରୁ ୫୯୦ କିମି ଦୂରରେ ବାତ୍ୟା ଅସାନି




ଭୁବନେଶ୍ୱର, ୦୯/୦୫ (ନି.ପ୍ର): ପୁରୀ ଠାରୁ ଦକ୍ଷିଣ ଦିଗରେ ୫୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି ଭୀଷଣ ସାମୁଦ୍ରିକ ବାତ୍ୟା 'ଅସାନି' । ବର୍ତମାନ ଏହାର ଗତି ଉତର-ପଶ୍ଚିମ ଦିଗରେ ଘଂଟା ପ୍ରତି ୧୬କିମି ରହିଛି । ଆଗାମୀ ୨୪ ଘଂଟା ମଧ୍ୟରେ ଏହା ଧୀରେ ଧୀରେ ଦୁର୍ବଳ ହୋଇ ଭୀଷଣ ବାତ୍ୟାରୁ ଏକ ବାତ୍ୟାର ରୂପ ନେବା ସମ୍ଭାବନା ରହିଛି । ଏହା ମେ ୧୦ ତାରିଖ ପର୍ଯ୍ୟନ୍ତ ଉତର-ପଶ୍ଚିମ ଦିଗକୁ ଗତି କରି ଉତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳରେ ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗରରେ ପହଂଚିବାର ସମ୍ଭାବନା ରହିଛି । ଏହା ପରେ ଏହା ଉତର-ଉତର-ପୂର୍ବ ଦିଗକୁ ପୁନଃ ବକ୍ର (କର୍ଭ) କରି ଓଡ଼ିଶା ଉପକୂଳରେ ଉତର-ପଶ୍ଚିମ ବଙ୍ଗୋପସାଗର ଆଡକୁ ଯିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତାକାଲି ଗଞ୍ଜାମ, ଗଜପତି ଓ ପୁରୀରେ ପ୍ରବଳ ବର୍ଷା ହୋଇପାରେ । ସେହିପରି ୧୧ ତାରିଖରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହ ୧୨ ତାରିଖରେ ମଧ କିଛି ଜିଲ୍ଲାରେ ବର୍ଷାର ପ୍ରଭାବ ରହିବା ସହ ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡା, ବାଲେଶ୍ୱର,ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଉପକୂଳବର୍ତୀ ଜିଲ୍ଲାରେ ଘଂଟାପ୍ରତି ୪୦ ରୁ ୫୦ କିମି ଏବଂ ଝଟକା ପବନ ୬୦ କିମି ବେଗରେ ପବନ ସମ୍ଭାବନା ଥିବାରୁ ଗୋପାଳପୁର, ଧାମରା, ପାରାଦୀପ ଏବଂ ପୁରୀ ସିଗନାଲ ବନ୍ଦର ପାଇଁ ୨ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ଭୀଷଣ ବାତ୍ୟା "ଅସାନି" ସହ ଜଡିତ ବାହ୍ୟ ମେଘ ଖଣ୍ଡ ପ୍ରଭାବରେ ଭୁବନେଶ୍ୱର ଓ କଟକ ସହର ସମେତ ଉପକୂଳ ଓଡିଶାର କିଛି ସ୍ଥାନରେ ବର୍ଷା ହୋଇଛି ।

## ବ୍ରଜରାଜନଗର ଉପନିର୍ବାଚନ ଲାଗି ଅଳକା ମହାନ୍ତି ବିଜେଡି ପ୍ରାର୍ଥୀ ଓ କିଶୋର ପଟେଲ ହେଲେ କଂଗ୍ରେସ ପ୍ରାର୍ଥୀ




ଭୁବନେଶ୍ୱର, ୦୯/୦୫ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି । ଅଳକା ମହାନ୍ତିଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ପାର୍ଟୀର ଗଣମାଧ୍ୟମ ବ୍ୟାପାର ମହାସଚିବ ମାନସ ମଙ୍ଗରାଜ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି । ବ୍ରଜରାଜନଗରର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ବିଧବା ପତ୍ନୀ ହେଉଛନ୍ତି ଅଳକା ମହାନ୍ତି । ପ୍ରାର୍ଥୀ ଘୋଷଣା ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ । ଏହା ସହିତ ସେ ବ୍ରଜରାଜନଗରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ସେମାନଙ୍କ ଆଶୀର୍ବାଦ କାମନା କରିଛନ୍ତି । ସେ ତାଙ୍କ ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ଅଳକା ମହାନ୍ତି । ସେପଟେ କିଶୋର ଚନ୍ଦ୍ର ପଟେଲଙ୍କୁ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ । ଏସମ୍ପର୍କରେ ଆଜି ଏଆଇସିସି ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ପୂର୍ବରୁ ବିଜେପି ଓ ବିଜେଡି ବ୍ରଜରାଜନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ବିଜେପି ପ୍ରାର୍ଥୀ କରିଥିବା ବେଳେ ଦିବଂଗତ ବିଧାୟକ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତିଙ୍କୁ ପ୍ରାର୍ଥୀ ଘୋଷଣା କରିଛି ବିଜେଡି ।

## ମାଟ୍ରିକ୍ ପରୀକ୍ଷାରେ ପିଲା ଅନୁପସ୍ଥିତ ରହିବା ପ୍ରସଙ୍ଗ : ୧୦ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୯/୦୫ (ନି.ପ୍ର): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୪୩ ହଜାରରୁ ଅଧିକ ପିଲା ଅନୁପସ୍ଥିତ ପ୍ରସଙ୍ଗରେ ୧୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ସଚିବ ବିଷ୍ଣୁପଦ ସେଠୀ । ଗଣଶିକ୍ଷା ସଚିବ ଚିଠି ଲେଖି ଡିଇଓ ମାନଙ୍କୁ ସ୍କୁଲ ସ୍ତରରେ ତର୍ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଅନୁସାରେ ୪୩ ହଜାର ୪୮୯ ପିଲା ମାଟ୍ରିକ ସମ୍ମେଟିଭ୍ ୨ ପରୀକ୍ଷା ଦେଇନାହାନ୍ତି । ଏତେ ସଂଖ୍ୟକ ପିଲା ମାଟ୍ରିକ ପରୀକ୍ଷା ନଦେବା ଅତ୍ୟନ୍ତ ଚିନ୍ତାର ବିଷୟ । ମୟୂରଭଞ୍ଜ, ଗଞ୍ଜାମ ଓ ବଲାଙ୍ଗିର ଜିଲ୍ଲାରେ ସର୍ବାଧିକ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ଥିଲେ । ଏହାର କାରଣ କ'ଣ ହୋଇପାରେ ସେନେଇ ଶୀଘ୍ର ରିପୋର୍ଟ ଦେବାକୁ କୁହାଯାଇଛି । ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବେ ସମ୍ମେଟିଭ୍ ୧ ପରୀକ୍ଷା ଦେଇଥିବେ ଏବଂ ନିଜେ ଫର୍ମ ଫିଲଅପ୍ କରିଥିବେ । ଏହାସତ୍ତ୍ୱେ ଏତେ ସଂଖ୍ୟକ ପିଲା ପରୀକ୍ଷା ନଦେବାନେଇ ସେ ଚିନ୍ତା ପ୍ରକଟ କରିଛନ୍ତି । ତେଣୁ ସ୍କୁଲ ସ୍ତରରେ ଏହାର କାରଣ ଖୋଜି ୧୦ ଦିନ ମଧ୍ୟରେ ଜଣାଇବାକୁ ଗଣଶିକ୍ଷା ସଚିବ ଡିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବହୁଚର୍ଚ୍ଚିତ ପ୍ରମୋଦିନୀ ରାଉଳଙ୍କୁ ଏସିଡ ମାଡ ଘଟଣା : ୨ ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ



ଭୁବନେଶ୍ୱର, ୦୯/୦୫ (ନି.ପ୍ର):୧୩ ବର୍ଷ ପରେ ବହୁ ଚର୍ଚ୍ଚିତ ପ୍ରମୋଦିନୀ ରାଉଳଙ୍କୁ ଏସିଡ୍ ମାଡ଼ ଘଟଣାର ରାୟ ପ୍ରକାଶ ପାଇଛି । ଦୁଇ ଦୋଷୀଙ୍କୁ ୧୪ ବର୍ଷ ଜେଲ ଦଣ୍ଡାଦେଶ ସହ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜଗତସିଂହପୁର ଏଏସଜେ ମହିଳା କୋର୍ଟ । ଏକତରଫା ପ୍ରେମକୁ ନେଇ ପ୍ରମୋଦିନୀଙ୍କୁ ହୋଇଥିଲା ଏସିଡ ଆଟାକ । ତେବେ ଏହି ମାମଲାକୁ ୨୦୧୨ରେ ପୋଲିସ ବନ୍ଦ କରିଦେଇଥିଲା । ହେଲେ ପରେ ୨୦୧୭ ମସିହାରେ ତତକାଳିନ ଏସପି ଜୟ ନାରାୟଣ ପଙ୍କଜ ଏହି କେସକୁ ରି-ଓପନ କରିଥିଲେ । ପରେ ଅଭିଯୁକ୍ତ ଏବଂ ତାର ସହଯୋଗୀ ଗିରଫ କରାଯାଇଥିଲା । ବହୁ ଚର୍ଚ୍ଚିତ ପ୍ରମୋଦିନୀ ରାଉଳଙ୍କୁ ଏସିଡ୍ ମାଡ଼ ଘଟଣାରେ ଆସିଛି ରାୟ । ୧୩ ବର୍ଷ ପରେ ୨ ଦୋଷୀଙ୍କୁ ୧୪ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି ଜଗତସିଂହପୁର ଏଏସଜେ ମହିଳା କୋର୍ଟ । ▶▶ପୃଷ୍ଠା ୭

## ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତିଙ୍କ ଇସ୍ତଫା

ଭୁବନେଶ୍ୱର, ୦୯/୦୫ ବ୍ରଜରାଜନଗର ଉପନିର୍ବାଚନ ଲାଗି ରାଧାରାଣୀ ପଣ୍ଡାଙ୍କୁ ବିଜେପି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ ନିଜ ପଦବିରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ପଠାଇ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କର ପ୍ରାର୍ଥୀ ହେବା ପାଇଁ ଇଚ୍ଛା ଥିଲା । ତେବେ ତା ଠାରୁ ବଡ କଥା ହେଲା ଦଳର ପ୍ରାର୍ଥୀ ଘୋଷଣା ପାଇଁ ତାଙ୍କ ସହ ସହମତି ପ୍ରକାଶ କରିବାକୁ ଚେଷ୍ଟା ମଧ କରାଯାଇ ନାହିଁ ।

## ସାହିନବାଗରେ ଜବରଦଖଲ ଉଚ୍ଛେଦ ପାଇଁ ବୁଲିଲା ବୁଲଡୋଜର

ନୂଆଦିଲ୍ଲୀ, ୦୯/୦୫ : ରାଜଧାନୀ ଦିଲ୍ଲୀରେ ପୁଣି ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ଅଭିଯାନ । ଦିଲ୍ଲୀର ସବୁଠାରୁ ଚର୍ଚ୍ଚିତ ଅଞ୍ଚଳ କୁହାଯାଉଥିବା ସାହିନବାଗରେ ବୁଲଡୋଜର ଚଳେଇଛି ପୌରପାଳିକା । ଘଟଣାକୁ ସ୍ଥାନୀୟ ବାସିନ୍ଧା କଡା ପ୍ରତିବାଦ କରିଛନ୍ତି । ଏହାରି ଭିତରେ ମାମଲାକୁ ନେଇ ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ । କୋର୍ଟ କହିଛନ୍ତି, ଜବରଦଖଲ ଉଚ୍ଛେଦର ସାଧାରଣ ପ୍ରଭାବିତ ହୋଇଛନ୍ତି । ଜବରଦଖଲ ଉଚ୍ଛେଦ ଅଭିଯାନରେ ଲୋକ ପ୍ରଭାବିତ ହୋଇଛନ୍ତି କିନ୍ତୁ ଏଥିରେ ରାଜନୈତିକ ପାର୍ଟିର ▶▶ପୃଷ୍ଠା ୭

## ମଝି ସମୁଦ୍ରରୁ ଏୟାରଲିଫ୍ଟ : ଉଦ୍ଧାର ହେଲେ ୧୧ ମତ୍ସ୍ୟଜୀବୀ

ବ୍ରହ୍ମପୁର, ୦୯/୦୫ : ମଝି ସମୁଦ୍ରରୁ ଉଦ୍ଧାର ହେଲେ ସମସ୍ତ ୧୧ ମତ୍ସ୍ୟଜୀବୀ । ବିଶାଖାପାଟଣାରୁ ଓଡିଶା ଉପକୂଳକୁ ଫେରୁଥିବା ମତ୍ସ୍ୟଜୀବୀଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିଛି । ସମସ୍ତଙ୍କୁ ସମୁଦ୍ର ମଝିରୁ ଏୟାରଲିଫ୍ଟ କରାଯାଇଛି । ଫେରିବା ବେଳେ ବୋଟ ଖରାପ ହେବା ଯୋଗୁ ଗଞ୍ଜାମ ଚିକିଟି ଅଞ୍ଚଳର ୧୧ ମତ୍ସ୍ୟଜୀବୀ ସମୁଦ୍ର ଭିତରେ ଫସିରହିଥିଲେ । ଏନେଇ ଜିଲ୍ଲା ପ୍ରଶାସନକୁ ସେମାନେ ସୂଚନା ଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳ ଏସଆରସିଙ୍କୁ ଏନେଇ ସୂଚନା ଦେବା ପରେ ପାରାଦୀପରେ ଥିବା କୋଷ୍ଟଗାର୍ଡ ସମସ୍ତଙ୍କୁ ଉଦ୍ଧାର ପାଇଁ ଏୟାରଲିଫ୍ଟ ପ୍ରକ୍ରିୟା ଆରମ୍ଭ କରିଥିଲା । ଜଣଙ୍କ ପରେ ଜଣେ ସମସ୍ତଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିଥିଲେ । ମାଛଧରା ଡଙ୍ଗାରେ ଏସମସ୍ତେ ଫସି ରହିଥିଲେ । ବାତ୍ୟା ଅସାନିର ପ୍ରଭାବ ଯୋଗୁ ସମୁଦ୍ରରେ ପ୍ରବଳ ଢେଉଥିବା ବେଳେ ସେମାନେ ଡଙ୍ଗା ଖରାପ ଯୋଗୁ ଏହାକୁ କାଟି ଫେରିପାରୁନଥିଲେ । ପରେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା ପରେ ବର୍ତ୍ତମାନ ସମସ୍ତେ ଉଦ୍ଧାର ହୋଇଛନ୍ତି ।

## କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର 'ଉତ୍କର୍ଷ ମହୋତ୍ସବ'ରେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୯/୦୫ (ନି.ପ୍ର): ସଂସ୍କୃତ ଭାଷା ଆମର ବେଦ ଭାଷା ଓ ଆଦ୍ୟ ଭାଷା । ସଂସ୍କୃତ କେବଳ ଏକ ଭାଷା ନୁହେଁ ଆମର ଏକ ଆବେଗ ଓ ଅଭିବ୍ୟକ୍ତିର ପରିପ୍ରକାଶ ବୋଲି ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ 'ଉତ୍କର୍ଷ ମହୋତ୍ସବ'ରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ସମସ୍ତ ଭାଷା ଗୁଡ଼ିକ ଶ୍ରେଷ୍ଠ । ଭାରତୀୟ ଭାଷାର ବିବିଧତା ମଧ୍ୟରେ ଯେଉଁ ଏକତା ଅଛି ସେଥିରେ ସଂସ୍କୃତର ବହୁତ ବଡ଼ ଯୋଗଦାନ ରହିଛି । ସଂସ୍କୃତ ଭାଷାର ମହତ୍ୱ କଣ ଏହା ଆମକୁ ବୁଝିବାକୁ ହେବ । ସଂସ୍କୃତ ଭାଷା ଆମର ବେଦ ଭାଷା ଓ ଆଦ୍ୟ ଭାଷା । ଚୀନ ପରିବ୍ରାଜକ ହୁଏନସାଂ ଭାରତ ଭ୍ରମଣରେ ଆସିଥିବା ବେଳେ ବିଭିନ୍ନ ସ୍ଥାନ ପରିଦର୍ଶନ ପରେ ସଂସ୍କୃତରେ ଲିଖିତ ଏକାଧିକ ଭାରତୀୟ ଗ୍ରନ୍ଥାବଳୀ ସାଙ୍ଗରେ ନେଇ ଚୀନ ପ୍ରତ୍ୟାବର୍ତନ କରିଥିଲେ । ସେ ସମୟର ଗ୍ରନ୍ଥାବଳୀରୁ ସଂସ୍କୃତ ଭାଷାର ମହତ୍ୱ କେତେ ଥିଲା ଏ ସବୁରୁ ଜଣାପଡ଼େ । ସେହିପରି ଆଜିର ଦିନରେ ରାଇସିନିଆ ଡ଼ାଇଲୋଗକୁ ବିଚାର କଲେ ସଂସ୍କୃତର ସହଜତା ଓ ଆଧୁନିକତା ▶▶ପୃଷ୍ଠା ୭


SAI SADHANA SCIENCE HIGHER SECONDARY SCHOOL
(+2 SCIENCE RESIDENTAL COLLEGE)
DIBYASINGPUR, UDALA, MAYURBHANJ
(Permanent Recognized by Govt. of Odisha & affiliated to CHSE)
ADMISSION OPEN

ପ୍ରିୟ ଅଭିଭାବକ !
ଆସନ୍ତା ତା୧୫/୦୫/୨୦୨୨ରିଖ (ରବିବାର) ଦିନ ଆମ ଅନୁଷ୍ଠାନରେ ଦ୍ୱିତୀୟ ପ୍ରତିଭା ଅନ୍ୱେଷଣ (2nd Talent Test) ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମେଟ୍ରିକ୍ ପରୀକ୍ଷା ଦେଇଥିବା ଇଚ୍ଛୁକ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରି ପାରିବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକ ନମ୍ବର ରଖିଥିବା ୨୦ ଜଣଙ୍କୁ ପୁରସ୍କୃତ କରାଯିବ । ତତ୍ ସହିତ ଆମ +୨ ବିଜ୍ଞାନ କଲେଜରେ ନାମ ଲେଖାଇବାର ସୁଯୋଗ ପାଇପାରିବେ । ଏଥି ସହିତ ଆସନ୍ତା ୧୨/୦୫/୨୦୨୨ ତାରିଖରୁ ଗ୍ରୀଷ୍ମକାଳୀନ ଶିକ୍ଷାଦାନ (SUMMER COURSE) ପାଇଁ ନାମଲେଖା ଆରମ୍ଭ ହୋଇ ୧୬/୦୫/୨୦୨୨ (ସୋମବାର) ଠାରୁ ପିଲାଙ୍କର SUMMER COURSE ପାଠ ପଢ଼ା ଆରମ୍ଭ ହେବ । ଅଧ୍ୟୟନ ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ନିମ୍ନରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରନ୍ତୁ ।
ଯୋଗାଯୋଗ : ୯୪୩୭୨୯୪୫୮୭, ୯୪୩୭୪୪୩୯୫୦, ୯୯୩୭୫୫୭୧୫୮
ବିଦ୍ର : ପ୍ରଥମ ପର୍ଯ୍ୟାୟ TALENT TESTରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ଏହି ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

# ପଚାଂୟତ ଗଠନର ୫ ବର୍ଷ ପରେ ନିଜ ପଚାଂୟତରେ ଚାଉଳ ପାଇଲେ ହିତାଧିକାରୀ

ବଲାଙ୍ଗିର,୯/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ବାଘମୁଣ୍ଡ ପଚାଂୟତ ଠାରୁ ଚଙ୍ଗରିଆ ନୂତନ ପଚାଂୟତ ଗଠନ ହେବାର ୫ ବର୍ଷ ବିତିଯାଇଥିଲେ ମଧ ଚଙ୍ଗରିଆ ପଚାଂୟତରେ ହିତାଧିକାରୀ ରାସନ୍ ସମାଗ୍ରୀ ବଂଟନ କରିବା ବ୍ୟବସ୍ଥା ନଥିବା ଯୋଗୁଁ ଚାଉଳ, ଗହମ ଆଦି ରାସନ୍ ସମାଗ୍ରୀ ପାଇଁ ବାଘୁମୁଣ୍ଡା ପଚାଂୟତକୁ ଯିବାକୁ ପଡୁଥିଲା । ସରକାର ପଚାଂୟତ ଦୂରତାକୁ ଦୃଷ୍ଟିରେ ରଖି ନୂତନ ପଚାଂୟତ ଗଠନ କରିଛନ୍ତି । ହେଲେ ୨୦୧୭ ମସିହାରେ ନୂତନ ପଚାଂୟତ ଚଙ୍ଗରିଆ ଗଠନ ହୋଇ ୫ ବର୍ଷ ବିତିଯାଇଥିଲେ ବି ପଚାଂୟତର ସାଧାରଣ ଲୋକେ ସେହି ପୁରୁଣା ବାଘମୁଣ୍ଡ ପଚାଂୟତ ଉପରେ ନିର୍ଭର କରି ପ୍ରାୟ ୧୦ କି.ମି. ଦୂର ରାସ୍ତା ଯାଇ ଚାଉଳ ଗହମ ଆଦି ରାସନ୍ ସମାଗ୍ରୀ ଆଣୁଥିଲେ । ଯାହାଫଳରେ ବହୁ ହିତାଧିକାରୀ ଏବଂ ବିଶେଷ କରି ବୃଦ୍ଧବୃଦ୍ଧା ମାନେ ବହୁ ହଇରାଣ ହରକତ ହେଉଥିଲେ । ଚଳିତବର୍ଷ ୨୦୨୨ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ସମୟରେ ନିର୍ବାଚନରେ ସରପଂଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ସମାଜସେବୀ ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଶୀଲ କୁମାର ଗୁରୁ ମୁଁ ବିଜୟ ଲାଭ କଲେ ଆମ ନୂତନ ଚଙ୍ଗରିଆ ପଚାଂୟତରେ ଚାଉଳ ଗହମ ମିଳିବା ବ୍ୟବସ୍ଥା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ଗୁରୁ ସରପଂଚ ଭାବେ ଦାୟିତ୍ୱ ନେବା ପରେ ପଚାଂୟତରେ ଚାଉଳ ମିଳିବ ବୋଲି ଦେଇଥିବା ପ୍ରତିଶୃତି ଆଜି ରକ୍ଷା କରିଛନ୍ତି । ସମାଜସେବୀ ସରପଂଚ ସୁଶୀଲ କୁମାର ଗୁରୁଙ୍କ ତତ୍ୱାବଧାନରେ ଚଙ୍ଗରିଆ ଗ୍ରାମପଚାଂୟତରେ ଚାଉଳ ଗହମ ବଂଟନ କରାଯାଇଥିଲା । ହିତାଧିକାରୀ ମାନେ ନିଜ ନୂତନ ପଚାଂୟତ ଚଙ୍ଗରିଆ କାର୍ଯ୍ୟାଳୟରେ ଚାଉଳ ଗହମ ପାଇଥିବାରୁ ବହୁତ ଖୁସି ବ୍ୟକ୍ତ କରିବା ସହ ସରପଂଚ ଶ୍ରୀ ଗୁରୁଙ୍କୁ ହିତାଧିକାରୀ ମାନେ କହିଛନ୍ତି ଦାଦା ୫ ବରଷ୍ ବିତିଗଲା ଆମେ ବାଘମୁଣ୍ଡ କେ ୧୦ କିଲୋମିଟର ରାସ୍ତା ଯିବାକେ ପଡୁଥିଲା ଖରାବର୍ଷା ଶୀତ କାକରରେ ବଡ଼ା କଷ୍ଟେ ଚାଉଳ ଗହମ ଆଣୁ ଥିଲୁ ଆମେ, ନିଜର ପଚାଂୟତ ହେଲା ନାଇଁ ପାଇ ଇ ଥର ଗାଁରେ ଚାଉଳ ଗହମ ପାଇ କରି ହିତାଧିକାରୀଙ୍କ ସହ ଚଙ୍ଗରିଆ ପଚାଂୟତର ଜନସାଧାରଣ ସମସ୍ତେ ଖୁସିବ୍ୟକ୍ତ କରିବା ସହ ସରପଂଚ ଶ୍ରୀ ଗୁରୁଙ୍କ ଏପରି ଉଦ୍ୟମ ଓ ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ଆଗାମୀ ଦିନରେ ପଚାଂୟତର ଉନ୍ନତି ଦିଗରେ ସରପଂଚ ଶ୍ରୀ ଗୁରୁଙ୍କ ପ୍ରୟାସ ଜାରି ରହିବ ବୋଲି ପଂଚାୟତର ଜନସାଧାରଣ ଆଶା ବାନ୍ଧିଛନ୍ତି । ପଚାଂୟତରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା, ରାସ୍ତାଘାଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତା ଆଦି ସମସ୍ୟାର ସମାଧାନ ଧିରେଧିରେ ସେ କରିପାରିବେ ବୋଲି ସରପଂଚ ଶ୍ରୀ ଗୁରୁ କହିଛନ୍ତି ।

# ବଲାଙ୍ଗିର ସହରର ପାଣି ସମସ୍ୟା ଦୂର ପାଇଁ ସ୍ଥିତି ପରଖିଲେ ପୌରାଧକ୍ଷା

ବଲାଙ୍ଗୀର,୯/୦୫ (ନି.ପ୍ର): ବଲାଙ୍ଗିର ସହରରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଦାଉ ସାଧୁଛି ପିଇବା ପାଣି ସମସ୍ୟା । ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି ସହରବାସୀ । ତେବେ ଏଭଳି ସ୍ଥିତିରେ ସହରର ବିଭିନ୍ନ ସ୍ଥାନ ବୁଲି ସ୍ଥିତି ପରଖିଛନ୍ତି ବଲାଙ୍ଗୀର ପୌରାଧକ୍ଷା ଲୀକା ସାହୁ । ସୂଚନା ଅନୁସାରେ, ସହରର ଅନେକ ସ୍ଥାନକୁ ପାଇପ ଯୋଗେ ପାଣି ପହଂଚି ପାରିନାହିଁ । ସେହିପରି ଯେଉଁଠି ପାଇପ ଲାଇନ୍ ଅଛି ସେଠି ମଧ ଚାରି ଦିନରେ ଥରେ ପାଣି ଏକ ଘଂଟା ପାଇଁ ଦିଆଯାଇଛି । ଯାହାଫଳରେ ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି । ଏହାର ସମାଧାନ ପାଇଁ ଘନ ଘନ ବୈଠକ ସତ୍ୱେ ସମସ୍ୟାର ସମାଧାନ ହୋଇ ପାରୁ ନାହିଁ । ତେବେ ନବ ନିର୍ବାଚିତ ପୌରାଧକ୍ଷା ଲୀକା ସାହୁ ନିଜେ ସ୍ଥିତି ପରିଖିବା ସହ ବଲାଙ୍ଗୀର ସହରକୁ ପାଣି ଆସୁଥିବା ଲିଫ୍ଟ ପଏଂଟକୁ ନିଜେ ଯାଇ ସମସ୍ୟାର ଅନୁଧାନ କରିଛନ୍ତି । ବଲାଙ୍ଗୀର ସହରକୁ ସୁବର୍ଣ୍ଣପୁର ଜିଲ୍ଲା ତରଭା ବୁନ୍ଦେଲ ବହାଳ ଠାରୁ ପାଣି ଆସିଥାଏ । ଏହାର ସମାଧାନ ପାଇଁ ବଲାଙ୍ଗୀର ପୌରପରିଷଦ ଦେଢ଼ କୋଟି ଟଙ୍କାର ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଜେନେରେଟର ବ୍ୟବସ୍ଥା ପାଇଁ ପ୍ରସ୍ତାବ ନେଇଛି । ଏହାର ମଞ୍ଜୁର ପାଇଁ ସରକାରଙ୍କ ପାଖକୁ ଏହି ପ୍ରସ୍ତାବ ପଠାଯିବ ବୋଲି ପୌରାଧକ୍ଷା ଲୀକା ସାହୁ କହିଛନ୍ତି । ତେବେ ଏହାଦ୍ୱାରା ବଲାଙ୍ଗୀର ସହରରେ ଆଉ ପିଇବା ପାଣିର ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି । ତାଙ୍କ ସହ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମଧ ସାମିଲ ଥିଲେ ।

## ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ପୁରୀ,୯/୦୫ (ନି.ପ୍ର): ଜିଲ୍ଲା ରେଡ଼କ୍ରସ ସମିତି ପକ୍ଷରୁ ବିଶ୍ୱ ରେଡ଼କ୍ରସ ଦିବସ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ରେଡ଼କ୍ରସ ପତାକା ଉତୋଳନ କରିଥିଲେ । ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟର୍ପଣ ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁରାଂଟଙ୍କ ସେବା ଓ ତ୍ୟାଗ ସମ୍ପର୍କରେ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ଆଚାର୍ଯ୍ୟ ହରିହର ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନର ଅଧକ୍ଷ ଚଣ୍ଡେଶ୍ୱର ମହାପାତ୍ର, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ବିଦ୍ୟାଧର ମିଶ୍ର, ରେଡ଼କ୍ରସ ସଦସ୍ୟ ରାଧାକାନ୍ତ ଦାଶ, ପ୍ରଭାକର ତ୍ରିପାଠୀ, ଜୟନ୍ତୀ ମହାପାତ୍ର, ମଧୁମିତା ଦାସ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ମେଡ଼ିକାଲ କର୍ମଚାରୀମାନେ ଯୋଗ ଦେଇଥିଲେ ।

# ଆକାଶବାଣୀର କୃଷି କାର୍ଯ୍ୟକ୍ରମରେ ସାମିଲ ହେଲେ ଚାଷୀ

ପୁରୀ,୯/୦୫ (ନି.ପ୍ର): ଆକାଶବାଣୀ ପୁରୀର କିଷାନବାଣୀ ଟିମ୍ କଣାସ ବ୍ଲକ ଅନ୍ତର୍ଗତ ଚୁପୁରିଙ୍ଗ ପଂଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାବେ ନାବାର୍ଡ଼ ପୁରୀର ଡ଼ି଼ିଏମ ବିଷ୍ଣୁଭୂଷଣ ମହାନ୍ତି ଯୋଗଦେଇ ଅକ୍ଷୟ ତୃତୀୟାର ଯଥାର୍ଥତା ଓ ମହିଳା ସଶକ୍ତିକରଣ ଉପରେ ଅଲୋକପାତ କରିଥିଲେ । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ନାବାର୍ଡ଼ର ପ୍ରମୁଖ ଭୂମିକା ରହିଥିବା ଶ୍ରୀ ମହାନ୍ତି କହିଥିଲେ । ଅବସରପ୍ରାପ୍ତ ପୋଲିସ କମାଣ୍ଡାଂଟ ତଥା କୃଷି ବିକାଶ ପରିଷଦ ସଭାପତି ବିଷ୍ଣୁପଦ ଦାସ, କୃଷି କ୍ଷେତ୍ରରେ ଆଗେଇବା ପାଇଁ ଚାଷୀମାନଙ୍କୁ ପରମର୍ଶ ଦେଇଥିଲେ । ଆକାଶବାଣୀ ପୁରୀର ପ୍ରସାରଣ ନିଷ୍ପାଦକ ଦିଲୀପ କୁମାର ନାୟକ ଆକାଶବାଣୀର କିଷାନବାଣୀ କାର୍ଯ୍ୟକ୍ରମର ଉପାଦେୟ ତଥ୍ୟ ଓ ବିଶେଷଜ୍ଞଙ୍କ ପରାମର୍ଶ ଶୁଣି ଚାଷୀମାନେ ବେଶ ସଫଳତା ପାଇପାରିଛନ୍ତି ବୋଲି ସେ କହିଥିଲେ । ଆକାଶବାଣୀ ପୁରୀର ଉଦ୍‌ଘୋଷିକା ମାନସୀ ଦେଇ କୃଷି କ୍ଷେତ୍ରରେ ମହିଳାମାନେ ସାମିଲ ହୋଇ ସଫଳତା ପାଇବା ସହିତ ଆତ୍ମନିଯୁକ୍ତି ପାଇ ନିଜ ନିଜ ପରିବାରକୁ ରୋଜଗାରକ୍ଷମ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ କଣାସ ଅଂଚଳର ଶତାଧିକ ଚାଷୀ ଭାଇଭଉଣୀ ଓ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ । କୃଷି ବିକାଶ ପରିଷଦର ସଂପାଦକ ପ୍ରତାପ କୁମାର ପାହାନ୍ତାସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଞ୍ଜୁକ୍ତା ପାହାନ୍ତାସିଂହ ଧନ୍ୟବାଦ ଅର୍ପଣ କାରିଥିଲେ ।

# ଗ୍ରାମ୍ୟ ଉନୟନ୍ନ ବିଭାଗ ଦ୍ୱାରା ଏମଭି -୫୫ ଠାରୁ ଏମଭି -୯୪ ପର୍ଯ୍ୟନ୍ତ କରାଯାଇଥିବା ରାସ୍ତା ଅତି ନିମ୍ନ ମାନର ଅଭିଯୋଗ

ମାଲକାନଗିରି,୯/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ଅଧୀନରେ ଥିବା କାଲିମେଳା ବ୍ଲକ ର ଚିତ୍ରାଙ୍ଗପା ଲ୍ଲୀ ପଂଚାୟତ ଅନ୍ତର୍ଗତ ଏମଭି -୫୫ ଠାରୁ ଏମଭି -୯୪ ପର୍ଯ୍ୟନ୍ତ ୩ କିଲୋମିଟର ୩ ୦ଲକ୍ଷ ଟଙ୍କା ବ୍ୟୟ ରେ କରାଯାଇଥିବା ପିଚୁ ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ନେଇ ଚିତ୍ରାଙ୍ଗ ପାଲି ପଂଚା ୟତ ର ନାୟବ ସରପଂଚ ରତନ ମଜୁମଦାର ଓ ଏମ ଭି -୫୫ଗ୍ରାମବାସୀ ଅଭିଯୋଗ କରିଛନ୍ତି ! ଗ୍ରାମବାସୀ ଙ୍କ କହିବା ଅନୁଯାୟୀ ଗତ ୨ବର୍ଷ ତଳେ ରାସ୍ତା କାମ ଆରମ୍ଭ ହୋଇଥିଲା, ସେତେବେଳେ ମେଟାଲ ମୋରମ ପକାଇ ଛାଡି ଦିଆଯାଇଥିଲା ! ଚଳିତ ବର୍ଷ ମାର୍ଚ୍ଚ ମାସରେ ପୁରୁଣା ରାସ୍ତାରେ ନିୟମାନୁସାରେ ଧୁଳି ଉଡେଇ ପାଣି ସିଂଚନ କରି ପିଚୁ କାମ କରିବା କଥା, କିନ୍ତୁ କାମ ନେଇ ଥିବା ଠିକାଦାର ତରବରିଆ ଭାବେ ପିଚୁ ରାସ୍ତା କରିଥିଲେ ! କାମ ହେବା ର ୧ମାସ ନଯାଉଣୁ ସାମାନ୍ୟ ବର୍ଷା ରେ ଠାଏଁଠାଏଁ ରାସ୍ତାରୁ ପିଚୁ ଉଠିଗଲାଣି ! ଗ୍ରାମବାସୀ ଙ୍କ କହିବାନୁଯାୟୀ ରାସ୍ତା ନିର୍ମାଣ ସମୟରେ ଠିକ୍ ଭାବରେ ରୋଲର ଚଳାଇ ନଥିବାରୁ ଏହି ରାସ୍ତା ଟି ସମତଳ ନରହି ଖାଲଢିପ ହୋଇରହିଛି ! ଫଳରେ ଯାନବାହନ ଚଳେଇ ବାରେ କଷ୍ଟ ହେଉଛି, ଏପରିକି ପିଚୁ କାମ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ ପାଇଁ ଆସିନଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ! ଏ ସଂପର୍କରେ ଗ୍ରାମ ଉନ୍ନୟନ ବିଭାଗ-୨ର କନିଷ୍ଠ ଯନ୍ତ୍ରୀ ଶ୍ରୀ ସେଠି ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଥିଲେ ନିମ୍ନମାନର କାମ ନେଇ ମୋପାଖରେ କୌଣସି ଅଭିଯୋଗ ଆସିନାହିଁ, ଯଦି ନିମ୍ନମାନର କାମ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ମୁଁ କାମ ଦେଖିବା ପରେ ସଂପୃକ୍ତ ଠିକାଦାର ଙ୍କୁ ପୁନର୍ବାର କରିବା ପାଇଁ କହିବି ! ଏଠାରେ ଏଭଳି ନିମ୍ନମାନର କାର୍ଯ୍ୟ ଉପରେ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି, ପ୍ରକାଶ ଥାଉକି ଗ୍ରାମ୍ୟ ଉନ୍ନୟନ ବିଭାଗ -୧ର ଅଧିକ୍ଷଣ ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟ କରାଇ ଠିକାଦାରଙ୍କ ଠାରୁ ଲାଂଚ ନେଉଥିବା ଅଭିଯୋଗ ହେବାପରେ ଭିଜିଲାନ୍ସ ତାଙ୍କ ଉପରେ ନଜର ରଖିଥିଲେ, ସେ ୧୦ ଲକ୍ଷ ଟଙ୍କା ନେଇ ବ୍ୟାଙ୍କ ରେ ଡିପୋଜିଟ କରୁଥିବା ସମୟରେ ଭିଜିଲାନ୍ସ ଜାଲରେ ଧରାପଡିଥିଲେ !

# ମେଗାପାନୀୟ ପ୍ରକଳ୍ପ ଷ୍ଟକ ୟାର୍ଡରେ ଗଣ୍ଡଗୋଳ ଓ ଚୋରି ଘଟଣାରେ ୧୦ ଗିରଫ

ଧର୍ମଶାଳା,୯/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଧିନସ୍ଥ ପୋବଳ ତରଞ୍ଜିଆ ଗ୍ରାମରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଷ୍ଟକ ୟାର୍ଡରେ କିଛି ଦିନ ପୂର୍ବେ ସ୍ଥାନୀୟ ଲୋକେ ଗଣ୍ଡଗୋଳ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ସେହିପରି ଗଣ୍ଡଗୋଳ ପରେ ଷ୍ଟକ ୟାର୍ଡରୁ ୧୧୩୫ ପିସ ମୂଲ୍ୟବାନ ବ୍ରାସ ସକେଟ ଚୋରି ହୋଇଥିବା ନେଇ ଆଉ ଏକ ଅଭିଯୋଗ ହୋଇଥିଲା । ଉଭୟ ଘଟଣାର ପୁଲିସ ତଦନ୍ତ କରି ମୋଟ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ଅଭିଯୁକ୍ତମାନେ ହେଲେ ସୋଲେଇ ଗ୍ରାମର ଦୀନବନ୍ଧୁ ସାମଲ(୨୦), କାଳନ୍ଦୀ ଦେଉରୀ(୨୨), ଲିପୁ ସାମଲ(୨୬), ସୁବଳ ଦେଉରୀ(୨୫), ଚଗଲା ସାମଲ(୨୪) ଏବଂ ଚୋରା ସାମଗ୍ରୀ କିଣିବା ଅଭିଯୋଗରେ ରାମଚନ୍ଦ୍ରପୁର ଅଂଚଳର ବ୍ରଜ କିଶୋର ସେଠୀ, କୁଣ୍ଡପାଟଣା ଗ୍ରାମର ଜଗନ୍ନାଥ ସାହୁ, ପୋବଳ ଗ୍ରାମର ଅଜିଦ ଜେନା ଓ ସେକ୍‌ଟିକୁ ବୋଲି ଜଣାପଡିଛି ।

## ସାନମାଣଡିଆ ପଂଚାୟତରେ ଚକ୍ଷୁ ଚିକିତ୍ସା ଶିବିର

କେନ୍ଦ୍ରାପଡ଼ା,୯/୦୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣଡିଆ ପଂଚାୟତ କାର୍ଯ୍ୟାଳୟ ପରିସର ରେ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୦ଜଣ ଚକ୍ଷୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୮ ଜଣଙ୍କୁ ଅସ୍ତ୍ରୋପଚାର ଚିକିତ୍ସା ପାଇଁ ଭୂମିକା ଚକ୍ଷୁ ହସପିଟାଲ କୁ ପଠାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ସରପଂଚ ଜୟପ୍ରକାଶ ଗିରି, ଶିବ ଚରଣ ବେହେରା, ଖଗେଶ୍ୱର ମିଶ୍ର, ସଂଜୟ ମଲିକ, ଉମେଶ ଥାଟୋଇ ଓ ନିରାକାର ସାମଲ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଭୁମିକା ଚକ୍ଷୁ ହସପିଟାଲର ସ୍ୱାସ୍ଥ୍ୟକର୍ମୀ ମାନେ ସହାୟତା କରିଥିଲେ ।

## ମୁଖ୍ୟ ଚିକିତ୍ସାଳୟରେ ଔଷଧ ନେବାକୁ ଲମ୍ବା ଧାଡି

କେନ୍ଦ୍ରାପଡ଼ା,୯/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଔଷଧ ନେବାପାଇଁ ରୋଗୀ ମାନଙ୍କୁ ଲମ୍ବା ଧାଡିରେ ଦୀର୍ଘ ସମୟଧରି ଅପେକ୍ଷା କରିବାକୁ ପଡୁଛି । ଦୀର୍ଘଦିନ ହେଲା ଏହି ସମସ୍ୟା ଲାଗି ରହିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉ ନଥିବା କାରଣରୁ ଅସନ୍ତୋଷ ଦେଖାଯାଉଛି । ଔଷଧ ଦେବାପାଇଁ ଚିକିତ୍ସାଳୟ ପକ୍ଷରୁ ଗୋଟିଏ କାଉଣ୍ଟର ଖୋଲାଯାଇ ଥିବାରୁ ରୋଗୀ ଓ ସଂପର୍କୀୟଙ୍କ ଗହଳି ଲାଗି ରହୁଛି ।

# ବିଭିନ୍ନ ଅନୁଷ୍ଠାନ ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ

ଜୟପୁର,୯/୦୫ (ନି.ପ୍ର): ବିଭିନ୍ନ ଅନୁଷ୍ଠାନ ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି । ଜୟପୁର ଅରବିନ୍ଦ ନଗର ସ୍ଥିତ ଶିଶୁ ମନ୍ଦିର ଠାରେ ବିଶ୍ୱ ରେଡ କ୍ରସ ଦିବସ ପାଳିତ ହୋଇଛି । ଜେ.ଆଇ.ସି କାଉନସିଲର ସୁକ ଦେବ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ କାଯ୍ୟକ୍ରମରେ ପ୍ରଧାନ ଆଚାଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟବକ୍ତା ରୁପେ ଯୋଗଦେଇ ରେଡ କ୍ରସର ମୈଳିକ ନିତି ଗୁଡିକ ସମ୍ବନ୍ଧରେ ଆଲୋକ ପାତ କରିଥିଲେ । ଆମ ସସ୍କୃତି ଓ ପରମ୍ପରା ସଦା ସବଦା ଏହି ନିତି ଗୁଡିକ ପାଳନ କରିଆସିଥିବା ଯୋଗୁଁ ବିଶ୍ୱ ଏକତା ରହିଛି । ଜେଆରସି କ୍ୟାଡେଟ ମାନେ ଏହି ନିତି ଗୁଡିକୁ ବ୍ୟକ୍ତି ଗତ ଜୀବନରେ ପାଳନ କଲେ ଆମ ଦେଶ ନିର୍ଶ୍ଚିତ ଭାବେ ବିଶ୍ୱ ଗୁରୁ ହେବ ବୋଲି ଲକ୍ଷ୍ମୀକାନ୍ତ ମିଶ୍ର ମତ ବ୍ୟକ୍ତ କରିଥିଲେ । ଭାଗବତ ଷଡଙ୍ଗି, ସନ୍ତୋଷିନି ପାତ୍ର କ୍ୟାଡେଟ ମାନଙ୍କୁ ରେଡକ୍ରସ ର ପ୍ରତିଜ୍ଞା ପାଠ କରାଯାଇଥିଲେ । ପଦ୍ମିନି ମହାପାତ୍ର ପରିଚୟ ପ୍ରଦାନ କରିଥିବା ବଳେ ସ୍ୱୀକୃତି ଦାସ ଧନ୍ୟ ବାଦ ଅର୍ପଣ କରିଥିଲେ । ଗୌରି ପଣ୍ଡା, ହୃଷି କେଶ ପାଣିଗ୍ରାହୀ, ସ୍ୟାମ ପାଙ୍ଗି, ଝୁନୁ ନାୟକ ପରିଚାଳନା କରିଥିଲେ । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଜୁନିୟର ରେଡକ୍ରସ ଶାଖା ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଂଚଳ ମିଶ୍ର ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାଯ୍ୟକ୍ରମରେ ଜିଲା ଜୁନିୟର ରେଡକ୍ରସ ଅଧିକାରି ଯଜ୍ଞେଶ୍ୱର ପଣ୍ଡା ଜିଲା ଜୁନିୟର ରେଡକ୍ରସ ସାଧନାକର୍ମି ଶୁଭସ୍ମିତା ସାହୁ ଶିକ୍ଷକ ଦିଲ୍ଲପ କୁମାର ପଣ୍ଡା, ନରେଶ କୁମାର ଷଡଙ୍ଗୀ, ପ୍ରବାକର ମହାରଣା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ବିଶ୍ୱ ରେଡ କ୍ରସ ଦିବ ପାଳନର ତାତ୍ପଯ୍ୟ ହେନେରୀ ଡୁନାଣ୍ଟଙ୍କ ଜୀବନୀ, ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରେଡକ୍ରସର ବିଭିନ୍ନ କାଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । କାଯ୍ୟକ୍ରମ ଆରମ୍ଭରେ ପ୍ରଧାନ ଶିକ୍ଷକ ରେଡକ୍ରସ ପତାକା ଉତୋଳନ କରି କାଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶାରଦା ବିହାର ଠାରେ ପ୍ରଧାନ ଆଚାଯ୍ୟ ପ୍ରସନ୍ନ କୁମାର ବସ୍ତିଆଙ୍କ ଅଧକ୍ଷତାରେ ରେଡକ୍ରସ ଦିବସ ପାଳିତ ହୋଇଛି । ବିଭିନ୍ନ ଉଦାହରଣ ମାଧମରେ ଆଜିର ଦିନର ମହତ୍ୱ ବିଷୟରେ ପ୍ରଧାନ ଆଚାଯ୍ୟ ଶିଶୁ ମାନଙ୍କୁ ଅଭି ଭାଷାଣ ପ୍ରଦାନ କରିବା ସହିତ ଦିନଟିକୁ ସେବା ଦିବସ ଭାବେ ବର୍ଣ୍ଣନା କରିଥିଲେ । ଶେୟଶ୍ରୀ ସାବତ ଓ ଶୋହନ ଦାସ ନିଜ ନିଜର ବୌଦ୍ଧିକ ପ୍ରଦାନ କରିଥିଲେ । ଲମ୍ବୋଦର ମହାରଣା ରେଡକ୍ରସ ସଦସ୍ୟ ଭାବେ ଯୋଗଦେଇଥିଲେ । ରାମ ଚନ୍ଦ୍ର ମହାନ୍ତି କାଯ୍ୟକ୍ରମ ପରିଚାଳନା କରିଥିଲେ ।

# ପଶ୍ଚିମ ଓଡିଶା କୁମ୍ଭାର ମହାସଂଘ ସ୍ତରୀୟ ସମ୍ବର୍ଦ୍ଧନା ସଭା

ବଲାଙ୍ଗିର,୯/୦୫ (ନି.ପ୍ର): ମହାସଂଘ ସଭାପତି ପିତାମ୍ବର ରଣାଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ବଲାଙ୍ଗିର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ବସନ୍ତ ଚକ୍ରଧାରୀ, ମାଟିକଳା ବୋର୍ଡ ଛତିଶଗଡ, ସମ୍ମାନିତ ଅତିଥି ମହୀଧର ରଣା ବିଧାୟକ କଣ୍ଟାମାଲ, ମୁଖ୍ୟବକ୍ତା ଭାବେ ରଘୁରାଜ ରଣା , ଉପସଭାପତି ଦିଲିପ ରଣା, ଉପଦେଷ୍ଟା କମ୍ପୁପାଣି ରଣା, ଅମରେନ୍ଦ୍ର ରଣା, ମହିଳା ସଭାନେତ୍ରୀ ରମ୍ଭାବତୀ ରଣା, ତିଲୋତମା ରଣା, କୋଷାଧକ୍ଷ ଚକ୍ରପାଣି ରଣା, ମହାସଚିବ ଅରୁଣ ରଣା ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଚଳିତ ନିର୍ବାଚନରେ ଜିତିଥିବା କୁମ୍ଭାର ସମାଜ ସଦସ୍ୟ ମହେନ୍ଦ୍ର ରଣା ଜିଲ୍ଲା ପରିଷଦ ସଭ୍ୟ କର୍ଲାମୁଣ୍ଡା, ଜଗତରାମ ରଣା ଉପାଧକ୍ଷ ଟିଟିଲାଗଡ ବ୍ଲକ, ରମ୍ଭାବତୀ ରଣା ସରପଂଚ ମନହିରା, ସୁମିତ୍ରା ରଣା, ଜ୍ୟୋସ୍ନାମୟୀ ରଣା, ପ୍ରତିମା ରଣା, ଦେବେନ୍ଦ୍ର ରଣା, ସେବତି ରଣା, କୌଶଲ୍ୟା ରଣା, କାଂଚନପ୍ରଭା ରଣା, କୁନ୍ତଳା ରଣା, ଗିତାଞ୍ଜଳୀ ରଣା, ପ୍ରତିମା ରଣା, ଜ୍ୟୋସ୍ନା ରଣା ସମେତ ୩୦ ରୁ ଉର୍ଦ୍ଧ ସରପଂଚ ସମିତି ସଭ୍ୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା ଅବସରରେ ସମ୍ମାନିତ ଅତିଥି ମହୀଧର ରଣା ବିଧାୟକ କଣ୍ଟାମାଲ ସମାଜର ନିମ୍ନ ବର୍ଗର ବ୍ୟକ୍ତି ବିଶେଷ ଉନ୍ନତି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ବସନ୍ତ ଚକ୍ରଧାରୀ ଓଡିଶାରେ ମାଟିକଳା ବୋର୍ଡ ଗଠନ କରିବା ଆହ୍ୱାନ ଜଣାଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ସଗୁନଲାଲ ବର୍ମା ସଭାପତି ଓ.ବି.ସି. ମହାସଂଘ ଛତିଶଗଡ ଏକତ୍ରିତ ହୋଇ ଲଢେଇ ପାଇଁ ଆହ୍ୱାନ ଜଣାଇଥିଲେ ।

## ବିଶ୍ୱ ମାତୃ ଦିବସ ଉପଲକ୍ଷେ ଲେମ୍ବୁ ଚାରା ରୋପଣ

ଜୟପୁର,୯/୦୫ (ନି.ପ୍ର): ବିଶ୍ୱ ମାତୃ ଦିବସ ଉପଲକ୍ଷେ ସ୍ୱେଚ୍ଛାସେବି ଅନୁଷ୍ଠାନ ସିଓ୍ୱା ମହିଳା ଉଇଙ୍ଗ ତରଫରୁ ଲେମ୍ବୁ ଚାରା ରୋପଣ କରାଯାଇଛି । ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଠାରେ ଏହି ଲେମ୍ବୁ ଚାରା ରୋପଣ କରାଯାଇଛି । ଏହି କାଯ୍ୟକ୍ରମରେ ସଭାପତି ସୁମନ ମୁନ୍ଧ୍ରା, ସଦସ୍ୟ ଦିବ୍ୟା ମୋହନ, କି. ମୌତ୍ରି, ସିଓ୍ୱାର ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ଅଧକ୍ଷ ଜି. ଭି ରେଡ୍ଡି, କୃଷକ ସାଥି ଲଇଛନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସିଓ୍ୱା ତରଫରୁ ବିଗତ ଦିନରେ ଶହେ ଘରେ ୨ଟି ଲେଖାଏ ଅମୃତ ଭଣ୍ଡା ଓ ସଜନା ଚାରା ରୋପଣ କରାଯାଇଥିଲା ।

# ସିନ୍ଧ୍ରିମାଳ ପଂଚାୟତର ୬ ଟି ଓ୍ୱାର୍ଡ ବିଭିନ୍ନ ସମସ୍ୟା ନେଇ ବୈଠକ

ମାଲକାନଗିରି,୯/୦୫ (ନି.ପ୍ର): ମାଲକାନଗିରି ବ୍ଲକ ର ସିନ୍ଧ୍ରିମାଳ ଗ୍ରାମ ପଂଚାୟତ ଅନ୍ତର୍ଗତ ୬ ଗୋଟି ଓ୍ୱାର୍ଡ କୁ ନେଇ ଏକ ସ୍ୱତନ୍ତ୍ର ଭାବେ ବିଭିନ୍ନ ମୌଳିକ ସମସ୍ୟା ଉପରେ ଚମ୍ପାଖାରୀ ଗ୍ରାମର ମା କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ନୂତନ ଜନ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମୀ ,ଓ ସମ୍ମାନିତ ଅତିଥି ଭାବରେ ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ଯୋଗ ଦେଇ ସିନ୍ଧ୍ରିମାଳ ଗ୍ରାମ ପଂଚାୟତ ର ୬ଟି ଓ୍ୱାର୍ଡ ର ମୁଖ୍ୟ ସମସ୍ୟା ପିଇବା ପାଣି ,ମୋବାଇଲ୍ ଟାଓ୍ୱାର ,ପଂଚାୟତ ର ସମସ୍ତ ମୁଖ୍ୟ ରାସ୍ତାର ନିର୍ମାଣ ,ସ୍ଥାୟୀ ଘର ବାରି ପଚ୍ଚା ,ମିଶନ ଶକ୍ତି ଗୃହ ,ଗୋଷ୍ଠି କେନ୍ଦ୍ର ,ନୂତନ ବିଜୁ ପକା ଘର ଓ ନୂତନ ଆବାସ ଗୃହ ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ସହ ଲୋକଙ୍କ ଘରର ମନ ଇଛା ବିଦ୍ୟୁତ ବିଲ୍ ଦେବା ଓ ସତୀଗୁଡା ଡ୍ୟାମ୍ ସାଇଟ ଭୈରବୀ ମନ୍ଦିର ଛକ ଠାରୁ ୮କିମି ଇକୋ ପାର୍କ ରାସ୍ତାର କିଭଳି ଉନ୍ନତି କରଣ ହେବ ଆଲୋଚନା ହୋଇଥିଲା । ଏଥିରେ ମାନ୍ୟବର ପୂର୍ବତନ ବିଧାୟକ ମାନସ ମାଡକାମୀ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରି ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରି କିଭଳି ସ୍ଥାୟୀ ଘର ବାରି ପଚ୍ଚା ,ବସୁଧା ଯୋଜନାରେ ପିଇବା ପାଣି ,ମୋବାଇଲ ଟାଓ୍ୱାର ଓ ସତୀଗୁଡା ମୁଖ୍ୟ ଇକୋ ପାର୍କ ନୂତନ ରାସ୍ତା ଯଥା ଶୀଘ୍ର କରିବା ପାଇଁ ପ୍ରତିଶ୍ରୁତି ଦେଲେ । ଏହି ସ୍ୱତନ୍ତ୍ର ସଭାରେ ଅନ୍ୟମାନଙ୍କ ମଧରେ ସିନ୍ଧ୍ରିମାଳ ସରପଂଚ ଘାସି ନାୟକ , ବରିଷ୍ଠ ଆଇନଜୀବୀ ଲୋମ୍ବଧର ଡୁରୁକ , ସମାଜସେବୀ ତଥା ଚମ୍ପାଖାରୀ ଓ୍ୱାର୍ଡ ସଭ୍ୟ ପୁର୍ଣ ଚନ୍ଦ୍ର ରାଜୁ , ବିଜେଡି ଯୁବ ନେତା ସଦାନନ୍ଦ ଖରା ,ଅଭୟ ପଡ଼ିଆରୀ ସମସ୍ତ ଓ୍ୱାର୍ଡ ସଭ୍ୟ, ସଭ୍ୟା , ସ୍ଥାନୀୟ ଗ୍ରାମ ମୁଖିଆ , ସ୍ଥାନୀୟ ବୁଦ୍ଧିଜୀବୀ ଓ ୬ଓ୍ୱାର୍ଡ ର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ର ମା ମାନେ ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ମାରଓ୍ୱାଡି ଯୁବାମଂଚ ପକ୍ଷରୁ ନିଶୁଳ୍କ କ୍ୟାନ୍ସର ପରୀକ୍ଷା ଶିବିର ଉଦ୍‌ଘାଟିତ

ନୂଆପଡ଼ା,୯/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଖରିଆର ରୋଡ଼ ସ୍ଥିତ ଗଣପତି ପେଲେସ ଠାରେ ଅଖିଳ ଭାରତୀୟ ମାରଓ୍ୱାଡି ଯୁବା ମଂଚ ଏବଂ ଖରିଆର ରୋଡ଼ ମାରଓ୍ୱାଡି ଯୁବା ମଂଚ ମିଳିତ ଆନୁକୂଲ୍ୟରେ ନିଶୁଳ୍କ କ୍ୟାନ୍ସର ପରୀକ୍ଷା ଶିବିର ଉଦଘାଟିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ରୂପେ ଜିଲାପାଳ ସ୍ୱଧାଦେବ ସିଂ ଯୋଗ ଦେଇଥିବା ବେଳେ ଏନଏସି ଚ୍ୟାୟାରମେନ ସୋନିଆ ଗୋଲଡ଼ି ଅଗ୍ରଓ୍ୱାଲ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଛନ୍ତି । ମାରଓ୍ୱାଡି ଯୁବା ମଂଚ ସଭାପତି ଲଳିତ ଅଗ୍ରଓ୍ୱାଲ, ସମ୍ପାଦକ ପଙ୍କଜ ମରୋଦିଆ ମଂଚାସିନ ଥିବା ବେଳେ ମଂଚ ସଂଚାଳନ ଅଙ୍କିତ ଶିଙ୍ଗଇ କରିଥିଲେ । ଏହି ଅବସରରେ ଖରିଆର ରୋଡ଼ ନଗରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ମାରଓ୍ୱାଡି ଯୁବା ମଂଚର ନିଶୁଳ୍କ ଶିବିର ଆୟୋଜନ ଦ୍ୱାରା ବହୁ ବ୍ୟକ୍ତି ମାଗଣାରେ କ୍ୟାନ୍ସର ପରୀକ୍ଷା କରି କ୍ୟାନ୍ସର ଭଳି ବ୍ୟାଧିରୁ ମୁକ୍ତ ହେବାର ରାସ୍ତା ପାଇଛନ୍ତି । ପଛୁଆ ଏବଂ ଅବହେଳିତ ଅଂଚଳରେ ଏଭଳି ସେବା ନିତାନ୍ତ ଆବଶ୍ୟକ ଅଟେ । ନିଜ ଶରୀରରେ ଥିବା ରୋଗ ଚିହ୍ନଟ ହୋଇ ଆବଶ୍ୟକ ପରୀକ୍ଷା ଦ୍ୱାରା ଆତ୍ମ ମନୋବଳ ବୃଦ୍ଧି ଜନ ସାଧାରଣରେ ମଂଚ ପ୍ରତି ଆସ୍ଥା ଓ ବିଶ୍ୱାସ ଜନ୍ମନେବା ସହ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।

# ଖଣ୍ଡରା ଆମ୍ବତୋଟାରେ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

ଗଞ୍ଜାମ,୯/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଖଣ୍ଡରା ଆମ୍ବତୋଟାରେ ଦୁଇ ଜଣ ଯୁବକ ଯୁବତୀ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଆଜି ସକାଳୁ ସ୍ଥାନୀୟ ଲୋକେ ଏହା ଦେଖିବା ପରେ ହିଞ୍ଜିଳିକାଟୁ ଥାନାକୁ ଜଣାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଦୁଇଟି ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ମୃତ ଯୁବକ ଯୁବତୀଙ୍କ ପରିଚୟ ମିଳିପାରିନାହିଁ । ପ୍ରେମଜନିତ କାରଣରୁ ସେମାନେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ର୍ୟାଗିଂ ଏକ ବ୍ୟାଧି ଓ ଏହାର ନିଧାନ ଉପରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ଆଲୋଚନାଚକ୍ର

ବଲାଙ୍ଗିର,୯/୦୫ (ନି.ପ୍ର): ମାହେଶ୍ୱରୀ ସଂଗଠନ ଦ୍ୱାରା ଶିକ୍ଷାନୁଷ୍ଠାନରେ ର୍ୟାଗିଂ ଏକ ବ୍ୟାଧୀ ଓ ଏହାର ନିଧାନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବକ୍ତା ଭାବରେ ବିଭିନ୍ନ କ୍ଷେତ୍ରରୁ ଯଥା ବରିଷ୍ଠ ଆଇନଜିବୀ ପ୍ରମୋଦ ମିଶ୍ର, ମନୋସ୍ତତ୍ୱ ବିଜ୍ଞାନର ଅଧାପିକା ସୁନନ୍ଦିନି ଦାସ ଓ ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଯୋଷୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ମେଡିକାଲ କଲେଜରେ ହେଇଥିବା ର୍ୟାଗିଂ କୁ କେନ୍ଦ୍ର କରି ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ର୍ୟାଗିଂ ଗୋଟିଏ ଜିଲ୍ଲାର ସମସ୍ୟା ନୁହ ସାରା ଓଡିଶା ତଥା ଭାରତ ବର୍ଷରେ ଏହା ଏକ ବଡ ସମସ୍ୟା । ଏହି ଆଲୋଚନା ଚକ୍ରରେ ମାହେଶ୍ୱରୀ ସଂଗଠନର ଉପଦେଷ୍ଟା ଦିନେଶ ଶର୍ମା, ବ୍ୟାସଦେବ ନନ୍ଦ ଉପସ୍ଥିତ ଥିଲେ । ସ୍ୱାଗତ ଭାଷଣ ମାହେଶ୍ୱରୀ ମହିଳା ଶାଖାର ସଦସ୍ୟା ବିଷ୍ଣୁପ୍ରିୟା ପାଣି ଦେଇଥିଲେ । ସଭା ପରିଚାଳନା ସଂଗଠନର ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ କରିଥିଲେ । ସଂଗଠନର ଉପଦେଷ୍ଟା ଲଳିତ ସାହୁ ଧନ୍ୟବାଦ ଦେଇଥିଲେ ।

# ମହିଳାଙ୍କ ପସନ୍ଦ ଇୟରରିଙ୍ଗ

ଆଧୁନିକ ଯୁଗରେ ସୌନ୍ଦର୍ଯ୍ୟ ସଚେତନତା ବହୁମାତ୍ରାରେ ବଢ଼ିଛି । ନିଜକୁ ଟିକେ ଭିନ୍ନ ଭାବେ ଉପସ୍ଥାପନ କରିବାର ପ୍ରତିଯୋଗିତା ମଧ୍ୟ ବଢ଼ିଛି । ଏହି ସମୟରେ ଝିଅମାନେ କିଭଳି ବିଭିନ୍ନ ପ୍ରକାର ଇୟରରିଙ୍ଗ ନିଜକୁ ଏକ ସୁନ୍ଦର ଲୁକ୍ ଦେଇପାରିବେ ଆସନ୍ତୁ ଜାଣିବା...

## ଚାନ୍ଦବାଲି ଇୟରରିଙ୍ଗ

ଚାନ୍ଦବାଲି ଇୟରରିଙ୍ଗ ଦେଖିବାକୁ ବହୁତ ସୁନ୍ଦର ହୋଇଥିବା ବେଳେ ବିଭିନ୍ନ ଡିଜାଇନରେ ଉପଲବ୍ଧ । ଏହା ଠିକ୍ ଚନ୍ଦ୍ର ଆକୃତିର ଦେଖାଯାଏ । ଏହାସହ ବିଭିନ୍ନ ଦେବାଦେବୀଙ୍କ ଚିତ୍ର ହୋଇଥିବା ଚାନ୍ଦବାଲି ମଧ ରହିଛି । ଏହି କାନଫୁଲ ଆପଣ ବଡ଼ କିମ୍ବା ମଧ୍ୟମ ଆକାର ପିନ୍ଧି ପାରିବେ ।



## ଆଫଗାନି ଇୟରରିଙ୍ଗ



ଏବେ ଆଫଗାନି ଜୁଲଲାରୀ ଟ୍ରେଣ୍ଡ ବହୁଳ ପରିମାଣରେ ଚାଲିଛି । ବ୍ଲାକ୍ ମେଟାଲ ଏବଂ ଗୋଲ୍ଡ ମେଟାଲ ଉପରେ ବିଭିନ୍ନ ମଲଟିକଲରରେ ମାଳି ଲାଗିଥିବାରୁ ଏହା ଖୁବ୍ ସୁନ୍ଦର ଲାଗିଥା, । ଏହାକୁ ଆପଣ ସବୁ ସମୟରେ ପିନ୍ଧି ପାରିବେ । ଏହାଛଡ଼ା ଫର୍ମାଲ କୁର୍ତ୍ତା ଓ ଅଫିସ୍ ଯିବା ସମୟରେ ଏହାକୁ ପିନ୍ଧିଲେ ଏକ ସୁନ୍ଦର ଲୁକ୍ ଦେଇଥାଏ । ଏହାକୁ ସବୁ ରକମର ପୋଷାକ ସାଙ୍ଗରେ ପିନ୍ଧି ପାରିବେ ।

## ଝୁମକି ଇୟରରିଙ୍ଗ



ଆଜିକାଲି ବିଭିନ୍ନ ଝମକି ଇୟରରିଙ୍ଗ ମିଳୁଛି । ନିଜର ଚେହେରାକୁ ଖାପ ଖାଇଲା ପରି ଯେକୌଣସି ମନ ପସନ୍ଦର ଝୁମକି କ୍ୟାରି କରିପାରିବେ । ବଡ଼ ଆକୃତିର ମାଳି ଲାଗିଥିବା ଝୁମକି ଶାଢ଼ି ଓ ସାଲୱାରରେ ଅଧିକ ଆକର୍ଷଣୀୟ ଲାଗିବ । ଏହାଛଡ଼ା ସିଲଭର ରଙ୍ଗର ଝୁମକି ସବୁବେଳେ ପିନ୍ଧି ପାରିବେ ।



## ଝୁମର ଇୟରରିଙ୍ଗ

ଏଥିରେ ବିଭିନ୍ନ ରଙ୍ଗର ମାଳି ଝୁମର ପରି ଝୁଲୁଥିବାର ଦେଖିବାକୁ ମିଳେ । ଏହାକୁ ଲେହେଙ୍ଗା, ଶାଢ଼ିରେ ପିନ୍ଧି ପାରିବେ । ଯେକୌଣସି ବାହାଘର ହେଉ କିମ୍ବା ନିଜ ବାହାଘରେ ଏହିପରି ଇୟରରିଙ୍ଗ ପିନ୍ଧି ପାରିବେ ।



## ଟାସେଲ ଇୟରରିଙ୍ଗ



ଲମ୍ବା କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିବା ମହିଳା ଟାସେଲ ଇୟରିଙ୍ଗ ଅଧିକ ପସନ୍ଦ କରିବେ । ଚେନ୍ ସିଲକ୍ ସୂତା ଏବଂ ମାଳିର ଅନେକ ଟାସେଲ ଇୟରରିଙ୍ଗ ଆସୁଛି । ଏହା ଅତି ସହଜରେ ମାକେଟରେ ମିଳିଯିବ । ଯଦି କୌଣସି ପାର୍ଟିକୁ ଯାଉଛନ୍ତି ତେବେ ଚେନ୍ ଟାସେଲ୍ ଇୟରରିଙ୍ଗ ଅଦିକ ସୁନ୍ଦର ଲାଗିବ । ଏହାସାଙ୍ଗରେ ଆପଣଙ୍କୁ କୌଣସି ନେକଲେସ୍ ପିନ୍ଧିବାକୁ ପଡ଼ିବନି ।

# ନାଭିରେ ମହୁ ଲଗାଇବାର ଫାଇଦା ଜାଣନ୍ତୁ

ନୂଆଦିଲ୍ଲୀ : ଭାରତରେ ମହୁର ଚାହିଦା ଅଧିକ ରହିଛି । ଅନେକ ଲୋକ ବି ମହୁକୁ ବିଭନ୍ନ ଶୈଳୀରେ ବ୍ୟବହାର କରିଥାଆନ୍ତି । ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଥାଏ । ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଏହା ଅନେକ ରୋଗର ମୁକାବିଲା ପାଇଁ ମଧ ବ୍ୟବହୃତ ହୋଇପାରେ ।

ମହୁର ସ୍ୱାଦ ଆମ ସମସ୍ତଙ୍କୁ ଭଲ ଲାଗିଥାଏ, କିନ୍ତୁ ଏଥିରେ ଥିବା ଓ ?ଷଧୀୟ ଗୁଣ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଆୟୁର୍ବେଦରେ ମହୁକୁ ଅନେକ ରୋଗ ପାଇଁ ରାମବାଣ ବିବେଚନା କରାଯାଏ । ଏହି କାରଣରୁ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନାଭିରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥାଆନ୍ତି ।

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଆମେ ପ୍ରାୟତଃ ଆମ ଚର୍ମର ବିଶେଷ ଯତ୍ନ ନେବାକୁ ସମୟ ପାଉନାହାନ୍ତି, ଯେଉଁ କାରଣରୁ ଚର୍ମରେ ଶୁଷ୍କତା ଦେଖା ଦେଉଛି । ଯଦି ଆପଣ ପ୍ରତିଦିନ ନାଭିରେ ମହୁ ଲଗାନ୍ତି, ତେବେ କିଛି ଦିନ ମଧ୍ୟରେ ଚର୍ମ କୋମଳ ହୋଇଯିବା ସହିତ ଚର୍ମରେ ଚମକ ମଧ ଦେଖାଯିବ, କାରଣ ମହୁ ଏକ ମଶ୍ଚରାଇଜର ଭାବରେ କାମ କରିଥାଏ ।

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପେଟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମହୁକୁ ବ୍ୟବହାର କରାଯାଇଥାଏ । ଏହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମହୁ ଏବଂ ଅଦା ପେଷ୍ଟ ମିଶ୍ରଣ କରି ଏହାକୁ ନାଭି ଉପରେ ଏବଂ ତାହାର ଚାରିପାଖରେ ଲଗାଇ ଦିଅନ୍ତୁ । ଦେଖିବେ କିଛି ସମୟ ପରେ ଆରମ ଲାଗିବ ।



# ବୟସ ବି ପଛରେ ପଡ଼ିଯିବ

ଆଧୁନିକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ନୂଆ ନୂଆ ପରିବର୍ତ୍ତନ ଦେଖିବାକୁ ମିଳୁଛି । ସୌନ୍ଦର୍ଯ୍ୟ କ୍ଷେତ୍ରରେ ବି ନିତ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଆଜି ବଜାରରେ ଗୋରା ହେବାକୁ ନେଇ ତ୍ୱଚାରୁ ବୟସର ରେଖା ଦୂରେଇବା ପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ବିକ୍ରି ହେଉଛି । ସମସ୍ତ ସୁନ୍ଦର ଓ ଗୋରା ଦେଖାଯିବାକୁ ଚାହୁଁଥିବାରୁ ବିୟୁଟିସିଆନଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଥିବା ବେଳେ ତ୍ୱଚାରୁ ବୟସର ରେଖା ଦୂରେଇବା ପାଇଁ ରିକଲ୍ସ ଲେଜର ଥେରାପିରେ ପୟୋଗ ମଧ ବୃଦ୍ଧି ପାଉଛି । ଏହାଦ୍ୱାରା ତ୍ୱଚାରୁ ବ୍ଲାକ୍ ସ୍ପଟ୍ ଦୂରେଇବା ସହ ତ୍ୱଚା ଗୋରା କରାଯାଇ ପାରିବ । ମାଂସପେଶୀରେ ସକ୍ରିୟତା ଧୀର ହୋଇଯିବା ଯୋଗୁଁ ତ୍ୱଚାରେ ବିଭିନ୍ନ ସମସ୍ୟାମାନ ଦେଖାଯାଏ । ଏହାଦ୍ୱାରା ମାଂସପେଶୀ ସକ୍ରିୟ ହୋଇଥାଏ ଏବଂ ତ୍ୱଚାର ସମସ୍ୟା ମଧ ଦୂରେଇ ଯାଏ ।



### ରିକଲ୍ସ ଲେଜର ଥେରାପି:

ତ୍ୱଚାରେ ପଡୁଥିବା ବୟସ ରେଖାକୁ ଦୂର କରିବା ପାଇଁ ଅତ୍ୟାଧୁନିକ ଲେଜର ଟେକ୍ନୋଲୋଜି ବିକଶିତ ହୋଇଛି । କାର୍ବନ ଡାଇ ଅକ୍ସାଇଡ଼ରେ ଏହି ଥେରାପି ପ୍ରସ୍ତୁତ କରାଯାଇଛି । ଏହା ଅନ୍ୟ ଥେରାପି ଠାରୁ ଯଥେଷ୍ଟ ଗୁଣରେ ଭଲ । ଏହା ଶୀଘ୍ର ତ୍ୱଚାକୁ ସୁନ୍ଦର କରିଦିଏ । ଏହା ତ୍ୱଚାରେ ଥିବା ମୃତ କୋଷକୁ ସକ୍ରିୟ କରି ବୟସ ରେଖା ସମସ୍ୟାକୁର ଦୂର କରେ ।

### କେତେ ବୟସରେ ଏହି ଥେରାପି ନେବେ:

୩୫ବର୍ଷ ପରେ ତ୍ୱଚାରେ ବୟସର ରେଖା ପଡ଼େ । କିନ୍ତୁ ରେଖା ଆରମ୍ଭ ହେବା ପୂର୍ବରୁ ଏହି ଥେରାପି ନେବା ଉଚିତ୍ । ମୃତ କୋଷ ତ୍ୱଚାରେ ରେଖା ପଡ଼ିବାର ମୁଖ୍ୟ କାରଣ । ତେଣୁ ତ୍ୱଚା ଖରାପ ଦେଖାଗଲେ ଥେରାପି ମାଧ୍ୟମରେ ତ୍ୱଚାର ନୂଆ ରୂପ ଦିଅନ୍ତୁ ।

### ରିକଲ୍ସ ଥେରାପିରେ ଲାଭ:

ଏହି ଥେରାପି ଯେକୌଣସି ତ୍ୱଚା ପାଇଁ ଉପଯୁକ୍ତ ଅଟେ । ଏହା ବହୁ ସମୟ ଧରି ରହିଥାଏ । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ତ୍ୱଚାରୁ କଳାଦାଗ, ବ୍ଲାକ୍ ସ୍ପଟ୍, ବୟସ ରେଖା ଓ କିଛି ଆଘାତ ହୋଇଥିଲେ ବି ଏହି ଥେରାପିରେ ସବୁ ଠିକ ହୋଇଯାଏ ।

### କ୍ଷତି:

ଏହି ଥେରାପି କେତେକ ତ୍ୱଚା ପାଇଁ ମଧ୍ୟ କ୍ଷତି ପହଞ୍ଚାଇଥାଏ । ତ୍ୱଚା ବେଳେବେଳେ ଲାଲ ହୋଇଯାଏ । ଥେରାପି କରିବା ପରେ ତ୍ୱଚା ପୋଡିପାରେ । କିନ୍ତୁ ଏହର ଅଳ୍ପ ସମୟ ପାଇଁ ହୋଇଥାଏ ।

### କେତେଥର ନେବେ ଥେରାପି:

ଏହି ଥେରାପିକୁ ୨-୩ ଥର ନେବାକୁ ପଡେ । ଥରେ ଥେରାପି କଲା ପରେ ୩ ବର୍ଷ ପରେ ପୁଣି ଥେରାପି କରିବାକୁ ପଡିବ ।

### ଖର୍ଚ୍ଚ:

ଏହି ଥେରାପକୁ ପୁରା ଚେହେରାରେ କରିବାକୁ ଚାହୁଁଥିଲେ ୧୫ରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ଆପଣ ଚାହିଁଲେ ମୁହଁ, ହାତ, ଗୋଡ ଅଲଗା ଅଲଗା ଭାବରେ ଥେରାପି ନେଇପାରିବେ ।

# ଚଢ଼େଇ ବସାର ଘର

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; ମାତ୍ର ଏହା ସମ୍ପୂର୍ଣ୍ଣ ସତ । ସାଧାରଣରେ ଦେଖିବାକୁ ଗଲେ ଲୋକେ ସୁନ୍ଦର ଏବଂ ବିଳାସପୂର୍ଣ୍ଣ ଘରେ ରହିବାକୁ ସବୁବେଳେ ସ୍ୱପ୍ନ ଦେଖନ୍ତି । କିନ୍ତୁ ଆଜିର ଯୁଗରେ ବି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ବର୍ଷେ କି ଦୁଇ ବର୍ଷ ନୁହେଁ ଲଗାତର ପିଢ଼ି ପରେ ପିଢ଼ି ଚଢ଼େଇ ବସା ଭଳିଘରେ ରହିବାକୁ ପସନ୍ଦ କରୁଛନ୍ତି । ଇରାନରେ କାନ୍ଦୋବନ ଗାଁର କାହାଣୀ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । ଏଠାକାର ବାସିନ୍ଦା ଚଢ଼େଇ ବସା ସଦୃଶ ଘର ତିଆରି କରି ତା ଭିତରେ ସୁଖଶାନ୍ତିରେ ରହୁଛନ୍ତି । ଘରଗୁଡ଼ିକ ବି ନିଜର ନିର୍ମାଣଶୈଳୀ ପାଇଁ ବିଶ୍ୱସ୍ତରରେ ଶେ ପ୍ରସିଦ୍ଧ । ତେବେ ଗ୍ରାମବାସୀମାନେ ଏଭଳି ଘର ତିଆରି କରି ରହିବା ପଛର ପ୍ରକୃତ କାରଣ ହେଉଛଇ, ଏହା ଶୀତ ଦିନେ ଗରମ ଏବଂ ଗ୍ରୀଷ୍ମରେ ଥଣ୍ଡା ରହିଥାଏ । ଏଣୁ ଗ୍ରାମବାସୀଙ୍କୁ ନାହିଟରର ଆବଶ୍ୟକ ଅଛି ନା ଏସିର । ଘର ଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ପ୍ରାୟ ୭ଶହ ବର୍ଷ ପୁରୁଣା । କୁହାଯାଇଛି, ଏଠାକାର ବାସିନ୍ଦାଙ୍କ ପୂର୍ବଜମାନେ ଶତ୍ରୁ ଆକ୍ରମଣରୁ ବର୍ତ୍ତିବା ପାଇଁ ଏଭଳି ଘର ତିଆରି କରିଥିଲେ । ଏହା ସେମାନଙ୍କର ଭିଟାମାଟି ନଥିଲା । କେବଳ ଶତ୍ରୁଅଙ୍କ କବଳରୁ ଲୁଚିବା ପାଇଁ ଠିକଣାଖୋଜୁ ଖୋଜୁ ଏହି ଘର ତିଆରି କରିଦେଇଥିଲେ । ଆଜି ଏହାର ଆକର୍ଷଣୀୟ ନିର୍ମାଣଶୈଳୀ ଏବଂ ଅଦ୍ଭୁତ ସାଜସଜ୍ଜା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିପାରୁଛି ।



# ଘରକୁ ସୁବାସିତ ରଖିବାର ଉପାୟ






ସୁବାସିତ ଧୂପବତି ଲଗାଇ କିଛି ସମୟ ପାଇଁ ଘରର ଚତୁର୍ଦ୍ଦିଗକୁ ବାସ୍ନାରେ ମହକାଇ ହେବ । ଏବେ ବଜାରରେ ବିଭିନ୍ନ କମ୍ପାନୀର ରୁମ ସେଣ୍ଟମିଳୁଛି । ସେସବୁ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ ବୋଲି ବିଶେଷଜ୍ଞଙ୍କ ମତ । ତେବେ ସହଜ ଉପାୟରେ ଘରକୁ କିପରି ସୁବାସିତ ଅଧିକ ସମୟ ରଖିବେ ?

ଶସ୍ତା ତଥା ପ୍ରଭାବବିହୀନ ଆରୋମ । କ୍ୟାଣ୍ଡେଲ ଲଗାଇଲେ ଏହା ମାନସିକ ଶାନ୍ତି ଦେବା ସହ ଚତୁର୍ଦ୍ଦିଗକୁ ମହକାଇଥାଏ । ଆଜିକାଲି ଲୋକେ ଏହାକୁ ସ୍ନାନାଗାରରେ ଉପଯୋଗ କରୁଥିବାର ଦେଖାଯାଉଛି । ଗୋଲାପ ଫୁଲ ହେଉ ଅବା ମଲ୍ଲୀ ଫୁଲ, ଏସବୁ ଶୁଖିବା ପରେ ତାହାକୁ ଏକ ବଡ଼ ପାତ୍ରରେ ରଖନ୍ତୁ । ପରେ ସେଥିରେ ପାଣି ଭର୍ତ୍ତି କରି ବଜାରରେ ମିଳୁଥିବା ଏସେନସିଆଲ ଅଏଲକୁ କିଛି ବୁନ୍ଦା ପକାନ୍ତୁ । ଦେଖିବବେ, ୨ଦିନ ପର୍ଯ୍ୟନ୍ତ ଘର ମହକିବ । ହର୍ବାଲ ଅଗରବତି ଘର ପାଇଁ ସର୍ବୋତ୍ତମ । ପଣ୍ଡିଚେରୀ ଓ କେରଳର ଲୋକେ ଏହାକୁ ସବୁଠୁ ଅଧିକ ଉପଯୋଗ କରନ୍ତି । ଆଜିକାଲି ଅନ ଲାଇନ ସାଇଟ ଓ ବଡ଼ବଡ଼ ସପିଂ ମଲରେ ଏସବୁ ବିକ୍ରି ହେଉଛି । ଅନେକ ବର୍ଷ ପୂର୍ବେ ଏଇ ଉପାୟରେ



ଘରର ଚତୁର୍ଦ୍ଦିଗକୁ ମହକାଯାଉଥିଲା । ସେଓ ଚୋପା, କମଳା ଚୋପା, ଲେମ୍ବୁଚୋପା, ଡାଲଚିନି, ଲବଙ୍ଗ, ଗୁଜୁରାତି ଇତ୍ୟାଦିକୁ ଏକ ବଡ଼ କଡ଼େଇରେ ପାଣି ସହ ଫୁଟାଯାଉଥିଲା । ଏହାର ବାମ୍ଫରେ ଚତୁର୍ଦ୍ଦିଗ ମହକିବା ସହ ପରେ ଏଇ ପାଣିକୁ ଥଣ୍ଡା କରାଯାଇ ତାହାକୁ ବିଭିନ୍ନ କୋଣରେ ସିଞ୍ଚନ କରାଯାଉଥିଲା । ଏହା ମଶାମାଛି ଘୁରେଇଦେବା ସହ ଏହା ପରିବେଶକୁ ମଧ ଶୁଦ୍ଧ କରିଥାଏ ।

# ସୋମବାର ପସନ୍ଦ କରୁଥିବା ଦେଶ !

ରବିବାର ଛୁଟି ପରେ କ'ଣ ଆପଣଙ୍କୁ ସୋମବାର ପସନ୍ଦ ? ହୁଏତ ଏ ପ୍ରଶ୍ନରେ ଅଧାରୁ ଅଧିକ ଲୋକଙ୍କ ଉତ୍ତର ରହିବ ନା । କାରଣ ଛୁଟିଦିନରେ ମିଳୁଥିବା ଆରାମ ପରେ ଅଧିକାଂଶ ଲୋକଙ୍କୁ ଅଫସ ଯିବାକୁ ଇଚ୍ଛା ନଥାଏ । କିନ୍ତୁ ଦୁନିଆରେ ଏମିତି ଏକ ଦେଶ ଅଛି, ଯେଉଁଠାରେ ଲୋକଙ୍କ ପାଇଁ ସୋମବାର କୌଣସି ଉତ୍ସବର ଦିନଠୁ କମ ନଥାଏ । ବିଶେଷକରି ଯୁବକମାନଙ୍କ ପାଇଁ ଦିନଟି ଅତ୍ୟନ୍ତ ଖାସ । ସେମାନେ ଏହି ଦିନଟିକୁ ଚାତକ ପରି ଚାହିଁ ରହିଥାନ୍ତି । କାରଣ ଏ ଦିନ ଯୁବକଙ୍କୁ ମିଳିଥାଏ ଛୁଟି । ଆଉ ଏହି ଛୁଟିରେ ସେମାନେ ମନ ପସନ୍ଦର ଯୁବତୀଙ୍କ ସହ ଭିନ୍ନ କିଛି କରିବାର ସୁଯୋଗ ମିଳିଥାଏ । ୟୁରୋପୀୟ ଦେଶ ପୋଲାଣ୍ଡ, ଚେକ ଗଣରାଜ୍ୟ ଏବଂ ପୂର୍ବୀୟ ୟୁରୋପ ଦେଶ ୟୁକ୍ରେନରେ ସୋମବାର ଦିନ ବେଶ ଖାସ୍ ଥାଏ । ଏହି ଦିନ ଯୁବକମାନେ ଛୁଟି ନେଇ ପସନ୍ଦର ଝିଅଙ୍କ ଉପରେ ପାଣି ଢ଼ାଳି ଗୋଡ଼ଠୁ ମୁଣ୍ଡ ଯାଏ ଓଦା କରିଥାନ୍ତି । ଏହା ସେମାନଙ୍କୁ ଦେଇଥାଏ ଏକ ନିଆରା ଖୁସି । ତେବେ ଏଭଳି କରିବା ପଛରେ ରହିଛି ଏକ କାହାଣୀ । ଦେଶରେ ଯେବେଠୁ ଇସାଇ ଧର୍ମ ଗ୍ରହଣ କରାଯାଇଛି, ସେବେଠୁ ,ଠାରେ 'ୱେଟମଣ୍ଡେ' ବା 'ଓଦା ସୋମବାର' ପାଳିତ ହେଉଛି । ଏଣୁ ସୋମବାର ଦିନ ଏଠାକାର ଲୋକମାନେ ପରସ୍ପର ଉପରେ ପାଣି ଢ଼ାଳିଥାନ୍ତି ।ଏଭଳି କଲେ ପାପ ଧୋଇ ହୋଇଯାଏ ବୋଲି ବିଶ୍ୱାସ ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶାନ୍ତିପାଇଁ ଆଉ ପାଦେ...

ଗତ ସପ୍ତାହରେ ଜାମ୍ମୁ ଏବଂ କାଶ୍ମୀର ପାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ନାମ ଓ ସଂଖ୍ୟା ସମ୍ପର୍କରେ ଘୋଷଣା କରିଛନ୍ତି ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଡିଲିମିଟେସନ ବା ପୁର୍ନଗଠନ କମିଶନ। ୨୦୧୮ ଜୁନ୍ ମାସ ପରଠାରୁ ଏହି ରାଜ୍ୟରେ ଲୋକମାନେ ନିର୍ବାଚନରେ ଅଂଶଗ୍ରହଣ କରି ନାହାନ୍ତି କି ଏକ ଲୋକପ୍ରିୟ ସରକାରକୁ ଆଜି ପର୍ଯ୍ୟନ୍ତ ଦେଖି ନାହାନ୍ତି। ତେଣୁ ସେମାନେ ନିରାଶ ହୋଇ ପଡ଼ିବା ସ୍ୱାଭାବିକ। ଏଭଳି ପରିସ୍ଥିତିରେ ପୁନର୍ଗଠନ କମିଶନଙ୍କର ଏଇ ଚୂଡ଼ାନ୍ତ ରିପୋର୍ଟ କେତେକ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ରାଜ୍ୟରେ ଲୋକମାନଙ୍କୁ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ଆଣିଦେବାକୁ ଯାଉଥିବାରୁ ସ୍ୱାଗତଯୋଗ୍ୟ। ୨୦୧୯ ଅଗଷ୍ଟ ମାସରେ ଜାମ୍ମୁ ଏବା କାଶ୍ମୀରକୁ ଅଲଗା କରି ଦିଆଗଲା ଏବଂ ଲଦାଖ ଅଂଚଳକୁ ଏହାଠାରୁ ପୃଥକ୍ କରାଯାଇ ଏହାକୁ ଏକ କେନ୍ଦ୍ରଶାସତ ଅଂଚଳରେ ପରିଣତ କରି ଦିଆଯିବା ସହିତ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ଧାରା ୩୭୦ ଓ ଧାରା ୩୫ (କ/ଏ)କୁ ପ୍ରତ୍ୟାହାର କରି ନିଆଗଲା। ଏହା ପରଠାରୁ ଏଠାରେ କେବଳ ଏକ ନିର୍ବାଚିତ ସରକାରଙ୍କ ଅନୁପସ୍ଥିତ ରହି ଆସିନାହିଁ, ବରଂ କେତେକ ଅତ୍ୟନ୍ତ ବିବାଦୀୟ ପଦକ୍ଷେପ ଯାହା ଲଦାଖ୍, ଜାମ୍ମୁ ଏବଂ କାଶ୍ମୀର ଉପତ୍ୟକାର ବିଭିନ୍ନ ଅଂଚଳର ଲୋକମାନଙ୍କ ମଧ୍ୟରେ ରହି ଆସିଥିବା ଆଭ୍ୟନ୍ତରୀଣ ସମ୍ପର୍କଗତ ଭାରସାମ୍ୟକୁ ମିଶାଇ ଏହି ରାଜ୍ୟର ମର୍ଯ୍ୟାଦାର ପରିବର୍ତ୍ତନ ଆଣିଦେଲା, ତାହା ଲୋକମାନଙ୍କ ମନରେ ନୈରାଶ୍ୟ ଓ ଅସନ୍ତୋଷ ଭରି ଦେଇଛି। ପୁନର୍ଗଠନ ପ୍ରକ୍ରିୟା ନୂତନ ସୁପାରିସଗୁଡ଼ିକ କରିବା ପୂର୍ବରୁ ଦୁଇଗୋଟିଯାକ ଅଂଚଳ ଜାମ୍ମୁ ଏବଂ କାଶ୍ମୀରର ଅଦ୍ୱିତୀୟ ଜନସଂଖ୍ୟା ଏବଂ ରାଜନୀତିକ ଅନୁରକ୍ତିକୁ ଗୋଟିଏ ଏକକ ଭାବରେ ବିବେଚନା କରିବାର ପଥକୁ ଆପଣାଇଥିଲେ। ଏହା ସହିତ ଏଥିରେ ସନ୍ଦେହ ନାହିଁ ଯେ ଏହି ରାଜ୍ୟର ଐତିହାସିକ ସ୍ୱାୟତ୍ତତାର ଅନ୍ତ ଘଟାଇବା ଓ ଉଚ୍ଛେଦ କରିବା ଅନେକ କାଳ ପର୍ଯ୍ୟନ୍ତ ରାଜନୀତିକ କାଦୁଅ ଫିଙ୍ଗାକୁ ବଜାୟ ରଖିବ ଏବଂ ସମାଲୋଚକମାନେ ବିଜେପି ସରକାରକୁ ତାର ପ୍ରତିଶ୍ରୁତି ଓ ରାଜନୀତିକ କାର୍ଯ୍ୟସୂଚୀକୁ ବଜାୟ ରଖିବା ନିମନ୍ତେ ଏଠିକାର ବାସିନ୍ଦାମାନଙ୍କ ବିଶେଷାଧିକାରର ହନନ କରିଥିବାର ଅଭିଯୋଗ ଉଠାଇ ସମାଲୋଚନା କରି ଚାଲିବେ।

ପୁନର୍ଗଠନ କମିଶନଙ୍କ ସୁପାରିସ ପରେ ମୋଟ୍ ପାଂଚଗୋଟିଯାକ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରଥମଥର ପାଇଁ ସମାନ ସଂଖ୍ୟକ ବିଧାନସଭା ଆସନକୁ ପରିଲକ୍ଷିତ କରିବେ। ଜନଜାତି ମାନଙ୍କ ପାଇଁ ନଅଗୋଟି ବିଧାନସଭା ଆସନକୁ ସଂରକ୍ଷିତ ରଖାଯିବା ହେଉଛି ପ୍ରଥମ ପଦକ୍ଷେପ ଏବଂ ଏହା ନିଶ୍ଚିତ ଭାବରେ ଅଧିକ ସ୍ୱାଗତଯୋଗ୍ୟ। ରାଜ୍ୟ ବିଧାନସଭାର ଆସନ ସଂଖ୍ୟାର ପରିବର୍ତ୍ତିତ ରୂପ ଅନୁସାରେ ଏହା ପରଠାରୁ ଦୁଇଗୋଟି ସମ୍ପୂର୍ଣ୍ଣ ଭାବରେ ପୃଥକ୍ ଅଂଚଳ- କାଶ୍ମୀର ଉପତ୍ୟକା ପାଇଁ ୪୭ଟି ଆସନ ଏବଂ ଜାମ୍ମୁ ପାଇଁ ୪୩ଟି ହେବାକୁ ଯାଉଛି। ହିନ୍ଦୁବହୁଳ ଅଂଚଳରେ ଛଅଗୋଟି ଆସନ ସଂଖ୍ୟା ବୃଦ୍ଧି କରାଯିବା ଏହି ଉପତ୍ୟକା ପାଇଁ ଅବଶ୍ୟ ସଂଖ୍ୟାଗରିଷ୍ଠତାକୁ ସୁନିଶ୍ଚିତ କରିବ, କିନ୍ତୁ ଗାଣିତିକ ସଂଖ୍ୟା ଦୃଷ୍ଟିରୁ ଏଥିରେ ବିପୁଳ ପରିମାଣରେ ହ୍ରାସ ଘଟିଛି। ପ୍ରତ୍ୟେକ ବିଧାନସଭା ଆସନକୁ ଗୋଟିଏ ଲେଖାଁଏ ପ୍ରଶାସନିକ ଜିଲ୍ଲା ଭିତରେ ସୀମିତ ରହିବା ନେଇ ସୁନିଶ୍ଚିତ କରାଯିବା ଉଦ୍ଦେଶ୍ୟରେ ଏକ ଅଭିନବ ପଦ୍ଧତିର ଉପଯୋଗ କରାଯାଇଛି। ଅନ୍ୟ ଏକ ସକରାତ୍ମକ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ ହେଉଛି, କାଶ୍ମୀରୀ ପ୍ରବାସୀ ଏବଂ ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ)ରୁ ବିତାଡ଼ିତ ହୋଇ ଭାରତରେ ବାସ କରୁଥିବା ଲୋକମାନଙ୍କର ପ୍ରତିନିଧିତ୍ୱ ପାଇଁ ଅତିରିକ୍ତ ଆସନ ସଂରକ୍ଷଣ କରିବାକୁ ସୁପାରିସ କରିବା। ଏକ ବିଶେଷ ଦୃଷ୍ଟିରୁ ଦେଖିବାକୁ ଗଲେ ସ୍ଥାନାନ୍ତରିତ ହୋଇଥିବା ଲୋକମାନଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବାକୁ ସ୍ଥାନ ସଂରକ୍ଷିତ କରିବା ଏକ ଅତ୍ୟନ୍ତ ପ୍ରଗତିଶୀଳ ଚିନ୍ତାଧାରା ଏବଂ ଏହା ଉକ୍ତ ଲୋକମାନଙ୍କୁ ସେମାନଙ୍କର ଐତିହାସିକ ଭାବରେ ଆଘାତପ୍ରାନ୍ତ ମନ ଓ ଗଭୀର ଯନ୍ତ୍ରଣାରେ ଭର୍ତ୍ତି ମାନସିକତାରେ ଆଶ୍ୱାସନାର ମଲମ ଲେପ କରିବା ଭଳି କାମ କରିବେ।

# ସୀତା ନବମୀ ଓ ଭାରତୀୟ ସଂସ୍କୃତିରେ ସୀତାଙ୍କ ସ୍ଥାନ




ଅଜୟ କୁମାର ବେହେରା


ବୈଶାଖ ମାସ ଶୁକ୍ଳପକ୍ଷ ନବମୀକୁ ସୀତା ନବମୀ କୁହାଯାଇଥାଏ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ମାତା ସୀତା ପ୍ରକଟ ହୋଇଥିଲେ। ଏହି ପର୍ବକୁ ଜାନକୀ ନବମୀ ମଧ କୁହାଯାଇଥାଏ। ଶାସ୍ତ୍ରାନୁଯାୟୀ ବୈଶାଖ ମାସ ଶୁକ୍ଳପକ୍ଷ ନବମୀ ଦିନ ପୁଷ୍ୟ ନକ୍ଷତ୍ରରେ ରାଜା ଜନକ ସନ୍ତାନ ପ୍ରାପ୍ତି କାମନା କରି ଯଜ୍ଞଭୂମି ପ୍ରସ୍ତୁତ କରୁଥିଲେ। ଭୂମିରେ ହଳ ଚଳାଇବା ସମୟରେ ଭୂତଳରୁ ଏକ ବାଳିକା ପ୍ରକଟ ହେଲେ। ଜୋଚା ଯାଇଥିବା ହଳଲଙ୍ଗଳରେ ଲାଗିଥିବା ଲୁହାର ମୁନିଆ ଅଂଶକୁ ସୀତା କୁହାଯାଇଥାଏ। ସେଥିପାଇଁ ବାଳିକାଙ୍କ ନାମ ସୀତା ରଖାଗଲା। ଏହି ଦିନ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନେ ବ୍ରତ ରଖି ମାତା ସୀତାଙ୍କ ପୂଜା କରିଥାନ୍ତି। ଏହି ଦିନ ବ୍ରତ ରଖି ଭଗବାନ ଶ୍ରୀରାମଙ୍କ ସହ ମାତା ସୀତାଙ୍କ ବିଧିବିଧାନ ଅନୁଯାୟୀ ପୂଜା କରୁଥିବା ଭକ୍ତକୁ ଭୂମିଦାନ, ଷୋହଳ ମହାଦାନ ଏବଂ ସମସ୍ତ ତୀର୍ଥ ଦର୍ଶନର ପୂଣ୍ୟ ପ୍ରାପ୍ତି ହୋଇଥାଏ।

ଶ୍ରୀରାମଙ୍କ ଜୀବନସଙ୍ଗିନୀ ମାତା ସୀତାଙ୍କ ବିଷୟରେ ରାମାୟଣରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ଦେବୀ ସୀତା ମିଥିଳାର ରାଜା ଜନକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ। ତାଙ୍କର ବିବାହ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଙ୍କ ସହିତ ହୋଇଥିଲା। କୁହାଯାଏ ଯେ ସ୍ୱୟଂବରରେ ଦେବୀ ସୀତା ଶିବଧନୁ ଭାଙ୍ଗିଥିବା ଶ୍ରୀରାମଙ୍କୁ ବରଣ କରିଥିଲେ। ଜଣେ ଆଦର୍ଶ ନାରୀ ଏବଂ ପତିବ୍ରତା ଧର୍ମ କାରଣରୁ ସେ ଜଗତରେ ସମ୍ମାନ ପାଇଥିଲେ। ତ୍ରେତାଯୁଗରେ ତାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣନା ରହିଛି ଯେ ଥରେ ମିଥିଳାର ରାଜା ଜନକ କ୍ଷେତରେ ହଳ ଚଳାଉଥିଲେ ଏହି ସମୟରେ ତାଙ୍କ ଲଙ୍ଗଳର ମୁନ କେଉଁଠି ଏକ ସ୍ଥାନରେ ଅଟକି ଗଲା। ଲଙ୍ଗଳର ମୁନିଆ ଭାଗକୁ ମୈଥିଳୀ ଭାଷାରେ ସୀତ କୁହାଯାଏ। ଏହି କାରଣରୁ ଜନକ ନିଜର ପୁତ୍ରୀର ନାମ ସୀତା ରଖିଥିଲେ। ରାଜା ଜନକ ଏବଂ ରାଣୀ ସୁନୟନାଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ। ଦେବୀ ସୀତା ଭୂଦେବୀଙ୍କ କନ୍ୟା ବୋଲି ମଧ ରାମାୟଣରେ ଉଲ୍ଲେଖ ରହିଛି। ଜନକଙ୍କ କନ୍ୟା ହୋଇଥିବାରୁ ସେ ଜାନକୀ, ଜାନକାତ୍ମଜା ତଥା ଜନକସୁତା ନାମରେ ପରିଚିତା। ମିଥିଳାର ରାଜକୁମାରୀ ହୋଇଥିବାରୁ ତାଙ୍କୁ ମୈଥିଳୀ ମଧ କୁହାଯାଏ। ଦେବୀ ସୀତା ବିଦେହ ନରେଶଙ୍କ କନ୍ୟା ହୋଇଥିବାରୁ ବୈଦେହୀ ନାମରେ ମଧ ପୂଜା ପାଇଥାନ୍ତି। ଭୂମିରୁ ପ୍ରାପ୍ତ ହୋଇଥିବା କାରଣରୁ ସେ ଭୂମିପୁତ୍ରୀ ବା ଭୂସୂତା ନାମରେ ମଧ ପରିଚିତ ଥିଲେ।



ମାତା ସୀତାଙ୍କୁ ଦେବୀଙ୍କ ରୂପରେ ଭାରତରେ ପୂଜା କରାଯାଇଥାଏ। ସେ ମାତା ଲକ୍ଷ୍ମୀଙ୍କ ଅବତାର ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ମହାକାବ୍ୟ ରାମାୟଣରେ ପ୍ରଭୁ ଶ୍ରୀରାମଙ୍କୁ ଯେତିକି ଗୁରୁତ୍ୱ ଦିଆଯାଇଛି ମାତା ସୀତାଙ୍କର ମଧ ସେତିକି ଗୁରୁତ୍ୱ ରହିଛି। ରାମାୟଣରେ ପ୍ରାୟତଃ ପ୍ରଭୁ ଶ୍ରୀରାମଙ୍କ ଜୀବନ କାହାଣୀ ଏବଂ କାର୍ଯ୍ୟର ବର୍ଣ୍ଣନା କରାଯାଇଛି। ତେବେ କେତେକ ସ୍ଥାନରେ ଦେବୀ ସୀତାଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି। ସୀତା ମାତା ତାଙ୍କର ପତିବ୍ରତ, ଦୃଢ଼ ସଂକଳ୍ପ, ସାହସିକତା, ସମର୍ପଣ, ଉଦାରତା, ଜ୍ଞାନ ପାଇଁ ପରିଚିତ ଥିଲେ। ଜୀବନରେ ଅନେକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ତାଙ୍କର ମନୋବଳ ଅତ୍ୟନ୍ତ ସୁଦୃଢ଼ ଥିଲା। ରାମାୟଣରେ ମାତା ସୀତାଙ୍କ ବିଷୟରେ ଯେଉଁ କେତେକ ସ୍ଥାନରେ ବର୍ଣ୍ଣନା ରହିଛି ସେଥିରୁ ମାତାଙ୍କର ଜ୍ଞାନ, ବୁଦ୍ଧି ଏବଂ ବିବେକର ପରିଚୟ ମିଳିଥାଏ। ବନବାସ କାଳରେ ଶ୍ରୀରାମ ଅନେକ ଅସୁରମାନଙ୍କର ବିନାଶ କରିଥିବା ମାତା ସୀତା ଦେଖିଲେ। ଶ୍ରୀରାମଙ୍କ ଦ୍ୱାରା କୌଣସି ନିରୀହ ପ୍ରାଣୀ ଯେପରି ମୃତ୍ୟୁବରଣ ନକରେ ସେଥିପାଇଁ ମାତା ଚିନ୍ତା ପ୍ରକଟ କରିଥିଲେ। ଶ୍ରୀରାମ ଏହି ସମୟରେ ତାଙ୍କୁ ବଚନ ଦେଇଥିଲେ ଯେ ଅକାରଣରେ ଏବଂ ବିନା ଆହ୍ୱାନରେ ସେ କେବେହେଲେ କାହାରିକୁ ମାରିବେ ନାହିଁ। ରାବଣ ଯେତେବେଳେ ଭିକ୍ଷୁ ବେଶରେ ମାତା ସୀତାଙ୍କୁ ଅପହରଣ କରିବାକୁ ଆସିଲା, ମାତା ସୀତା ତାର ଏପରି ବେଶ ଦେଖି ଠଉରାଇ ନେଲେ। ସେ ରାବଣକୁ କହିଥିଲେ, ତୁମେ ତ ଭୀକ୍ଷୁକଙ୍କ ଭଳି ଦେଖା ଯାଉନାହିଁ। ଅର୍ଥାତ୍ ମାତାଙ୍କର ରାବଣର ପରିଚୟ ପ୍ରତି ସନ୍ଦେହ ଉତ୍ପନ୍ନ ହୋଇସାରିଥିଲା। ଏହାସତ୍ତ୍ୱେ ସେ ଅବତାର ଧର୍ମର ମର୍ଯ୍ୟାଦା ପାଳନ କରିବାକୁ ଯାଇ ଭିକ୍ଷା ଦେଇଥିଲେ। ତାଙ୍କର ଅପହରଣ ହେବା ସହିତ ରାବଣର ବିନାଶ ଲାଗି ମାର୍ଗପ୍ରଶସ୍ତ ହୋଇଥିଲା। ହନୁମାନ ଯେତେବେଳେ ଅଶୋକ ବାଟିକାରେ ମାତା ସୀତାଙ୍କୁ ଭେଟିଲେ ସେ ସଙ୍ଗେ ସଙ୍ଗେ ରାମ ସୀତାଙ୍କ ମିଳନ ପାଇଁ ଇଚ୍ଛା ବ୍ୟକ୍ତ କଲେ। ମାତ୍ର ସୀତା କହିଲେ, ସେ ଭୀରୁଙ୍କ ଭଳି ଲୁଚିକି ଲଙ୍କାରୁ ଯାଇପାରିବି ନାହିଁ। ଶ୍ରୀରାମ ଯୁଦ୍ଧ କରି ହିଁ ମୋତେ ଏଠାରୁ ନେଇଯିବେ। ଏହା କହି ସେ ହନୁମାନଙ୍କୁ ଫେରିଯିବା ଲାଗି କହିଥିଲେ। ଦେବୀ ସୀତାଙ୍କ ଚରିତ୍ର ବିଷୟରେ ମହାନ ଭାରତୀୟ ସନ୍ଥ ସ୍ୱାମୀ ବିବେକାନନ୍ଦ କହିଛନ୍ତି ଭାରତ ଏବଂ ବିଶ୍ୱର ଯେତେ ଗ୍ରନ୍ଥ ଖୋଜିଲେ ମଧ ହୁଏତ ଶ୍ରୀରାମଙ୍କ ଭଳି ଚରିତ୍ର ମିଳିଯାଇପାରନ୍ତି କିନ୍ତୁ ସୀତାଙ୍କ ଭଳି ଚରିତ୍ର ମିଳିବା ଅସମ୍ଭବ। ସୀତା ଭାରତର ପରିଚୟ, ସେ ଭାରତୀୟଙ୍କ ପାଇଁ ଆଦର୍ଶ।


ପିସି ସରକାର ଲେନ୍,
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩


# ଅଭୁଲା ସ୍ମୃତିର ଉନ୍ମୁକ୍ତ ଚେତନା




ପଙ୍କଜ କୁମାର ପାଣିଗ୍ରାହୀ


ଆଜି ମୁଁ କହୁଛି, କାଲି ହୁଏତ ନଥିବି । ତୁମେ ସବୁ ମୋ ସମସାମୟୀକ ଭାବେ ମୋ କଥାକୁ ଶୁଣୁନାହଁ କିମ୍ବା ହତାଦର କରୁଅଛ । ସେଇଥିରେ ମୋର ତିଳେ ହେଲେ ଦୁଃଖ ନାହିଁ, କି କ୍ଷୋଭ । କାରଣ ମୁଁ ନିଜର ପ୍ରତିମୁର୍ତ୍ତି ସ୍ଥାପନ ପାଇଁ କାର୍ଯ୍ୟ କରୁନାହିଁ କିମ୍ବା ମୋ ପଛରେ ମୋର ପୂଜା ଅର୍ଚ୍ଚନା କରାଯିବା ଲକ୍ଷ ନାହିଁ । ଅଜ୍ଞାନ ଦୁଃସ୍କୃତଙ୍କ ଛନ୍ଦରେ ବନ୍ଧା ଜୀବନ ତୁମର ଯେ କେବଳ ପୋକ ମାଛି ପରି ଜନ୍ମ ହୋଇ ନିର୍ବୋଧ ଜୀବନ ଯାପନ କରି ମାରିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ଆନନ୍ଦ ପାଇବା ସାତ ସ୍ୱପ୍ନ । ତୁମେ ଆଜି ଯେଉଁ ବାଟର ବାଟୋଇ ହୋଇ ପଥ ଅତିକ୍ରମ କରୁଛ ସେହି ବାଟ କେବଳ କଣ୍ଟକିତ, ଅବାଟ । ଜୀବନର କରାଳତାରେ ଯନ୍ତ୍ରଣାରୁ ନିସ୍ତାର ନାହିଁ। ଭାବୁଛ ସେମାନେ ତୁମକୁ ପରିରାଇଜରେ ବୁଲାଇ ଆଣିବେ ? ନର୍କ ଠାରୁ ଘୃଣ୍ୟ କର୍ମ କରି ଜୀବନ ଦରିଆର ପରାକ୍ରମ ନାଉରୀ ଭଳି ଅଭିନୟ କରି ସେମାନଙ୍କ ଝୋଲିରେ ଭରିଦେଉଅଛ ଅପାସୋରା କଷ୍ଟର ଅମୃତ ଆସର । ଲୁଣ୍ଠିତ ଜୀବନ ଯେ କେଉଁ ମାର୍ଗରେ ପରିଚ୍ଳଳିତ ନିଘା ନାହିଁ ତୁମର ଜାଣିବା ପାଇଁ । ଭାବୁଛ ସେମାନେ ପ୍ରକୃତରେ ସୁଖଦାୟୀ, କାର୍ଯ୍ୟରତ ଦିବା ନିଶି ତୁମ ପାଇଁ ! ସେ ଛଳନାର ଅନ୍ତ ନାହିଁ କି ତୁମ ପ୍ରତାରଣାର ମାପ ନାହିଁ ! ଅପାସୋରା ସେହି କାହାଣୀ ଯେ ଯୁଗ ଯୁଗର ଅଦ୍ୟାବଧି କେବଳ ଛଳନା, ପ୍ରତାରଣା ଛଡା ବାସ୍ତବତା ଦର୍ଶାଇବା ମଣିଷ ଜଣେ ହେଲେ ନାହିଁ ଯାହାଙ୍କୁ ତୁମେ ଶୀର୍ଷାଶୀତ କରି ରଖି ଆସୁଅଛ କାଳ କାଳ ଧରି । ସେମାନଙ୍କ ଦ୍ୱାରା ଦର୍ଶାଯାଉଥିବା ସମୟସାପେକ୍ଷ ଚତୁର ଛନ୍ଦର ବୋଧତା ନାହିଁ କି ବିଚ୍ଚର ! ଅନ୍ଧ ଭଳି ବିଶ୍ୱାସ କରି କରି ଚ୍ଚଲିଥିବ ଆଉ କେତେଦିନ......? କ'ଣ ମଣିଷ ସମାଜ ବିଲୁପ୍ତ ହେବା ଯାଏଁ ?

ବିକାଶର ସଜ୍ଞା କାହାକୁ ଜଣାନାହିଁ! ଯାହା ଦେଖା ଯାଉଅଛି ତା'କୁ ହିଁ ବିକାଶ ବୋଲି ଭାବିବା ଏକ ନିର୍ବୋଧତା ଛଡା ଆଉ କିଛି ନାହିଁ । ସାମାଜିକ ପରିବେଶରେ ପରିବର୍ତ୍ତନ କୁ ବିକାଶ ବୋଲି କୁହାଯାଇ ପାରିବ ନାହିଁ । କାରଣ ତାହା ଏକ ସମୟୋପୋଯୋଗୀ ପରିବର୍ତ୍ତନ ମାତ୍ର। ପ୍ରକୃତ ବିକାଶ କହିଲେ କ'ଣ କେହି ବୁଝନ୍ତି ନାହିଁ, ଏଇଥି ପାଇଁ ଯେ ବିକାଶର ନାରା ଦେଉଥିବା ମଣିଷ ମାନେ ହିଁ ବିକଶିତ ନୁହନ୍ତି କି ବିକାଶର ସଜ୍ଞା ସେମାନଙ୍କୁ ମଧ ଜଣା ନାହିଁ ! ସାଧାରଣ ମଣିଷ ଗୁଡିକୁ କେମିତି ପରିଚ୍ଳଳିତ କଲେ ସ୍ୱାର୍ଥ ହାସଲ କରିହେବ କେବଳ ସେଇଥିରେ ଅହରହ ନିମଗ୍ନ କ୍ରୁର ଚତୁରଙ୍କ ମାୟାରେ ବାୟା ସମସ୍ତେ ଯେ ସେମାନଙ୍କ ଜୀବନର ମୂଲ୍ୟ କିଛି ନାହିଁ। କୃତ୍ରିମ ସୁଖକୁ ବାସ୍ତବତାର ଚିତ୍ର କାଟି ନିତ୍ୟ ପ୍ରଚ୍ଚରରେ ବିମୁଗ୍ଧ ପ୍ରତାରିତ ଜୀବନ ପାଇଁ କାହାରି ଚିନ୍ତା ନାହିଁ । ଯେତେବେଳେ ନିଜେ ନିଜର ମୂଲ୍ୟବୋଧ ନକରି କାହାରି ଉପରେ ନିର୍ଭର ଜୀବନ ତୁମର ତାହାର କୌଣସି ଉପଯୁକ୍ତ ମୂଲ୍ୟାୟନ ନାହିଁ ! ଯେଉଁ ସୁଖକୁ ତୁମେ ସୁଖ ବୋଲି ଭାବୁଛ ସେମାନଙ୍କ ପ୍ରେରଣାରେ ସମଭୂଷିତ ହୋଇ, ସେସବୁ ବାସ୍ତବିକ ଯମ ଯନ୍ତ୍ରଣା ଠାରୁ ମଧ କଷ୍ଟକର ହୋଇଥିଲେ ମଧ ଶୀତଳତାର ସହିତ ଗ୍ରହଣ କରିବାରେ ତୁମର ନିର୍ବୋଧତା ପ୍ରତି କାହାର କୌଣସି ବିଚ୍ଚର ନାହିଁ!

କଥାରେ କହନ୍ତି ନିଜେ ମଲେ ସ୍ୱର୍ଗ ଦେଖିବ । କିନ୍ତୁ ଏହା କହିବା ଲୋକଟି ମଧ ଜାଣି ନାହିଁ କି ମାରିବା ଲୋକଟି ସ୍ୱର୍ଗ ଦେଖିଲା କି ନାହିଁ । ତେଣୁ ସ୍ୱର୍ଗ ଦେଖିବା ଆଶାରେ ନିଜକୁ ମୃତ୍ୟୁ ମୁଖକୁ ଠେଲିଦେବା କ'ଣ ଯୌକ୍ତିକ ବିଚ୍ଚର ? ଠିକ୍ ସେହି ଭଳି ଭବିଷ୍ୟତ ଉଜ୍ଜ୍ୱଳର ନାରା ଦେଇ ବର୍ତ୍ତମାନକୁ ଜଟିଳତା ମଧ୍ୟରେ ପରିଚାଳିତ କରିବା କେତେ ଯୌକ୍ତିକ, ବିଚାର କରି ଦେଖନ୍ତୁ ପ୍ରତ୍ୟେକେ । ହୁଏତ ଏମିତି ମଧ ଦେଖିବାକୁ ପଡିପାରେ କି ବର୍ତ୍ତମାନର ଜଟିଳତା ଆଗକୁ ଆହୁରି ବ୍ୟାପକ ପରାକ୍ରମ ସୃଷ୍ଟି କରିବ ନାହିଁ ବୋଲି କୌଣସି ନିଦର୍ଶନ ଅଛିକି କାହା ପାଖରେ ? ଏହା ଏକ ଭାବନା ମାତ। ସମୟ ସହିତ ତାଳଦେଇ ଚ୍ଚଲିବା କଥା ଯେତେବେଳ ପର୍ଯ୍ୟନ୍ତ ସମୟ ଅନୁକୂଳରେ ଚ୍ଚଲିଛି । କି'ନ୍ତୁ ସମୟ ପ୍ରତିକୂଳରେ ଚ୍ଚଲିଲେ ନିଜକୁ ସନ୍ତର୍ପଣର ସହିତ କୂଳକୁ ଲାଗିବା ବ୍ୟବସ୍ଥା କରିବା କେବଳ ନିଜର ଦାୟୀତ୍ୱ ! କାହା ଉପରେ ନିର୍ଭର କରି ଚ୍ଚଲିବା ବାଚ୍ଚଲାମି କେବଳ ! କାରଣ ବୁଡି ଯାଉଥିବା ନା'ର ସମସ୍ତ ଯାତ୍ରୀ କେବଳ ନିଜସ୍ୱ ଜୀବନ ରକ୍ଷା କରିବାରେ ବ୍ୟସ୍ତ ରହିବା ସ୍ୱାଭାବିକ । ଆଉ କେହି ଜଣେ ମୋତେ ଉଦ୍ଧାର କରିବ ବୋଲି ଭାବିବା ଏକ ଅଲୌକିକ ବିଚ୍ଚର ମାତ୍ର।

ଦୁନିଆରେ କେହି କାହାର କିଛି ନୁହନ୍ତି । ଏକ ସମାଜ ଗଠନ କରି ସୁରକ୍ଷିତ ରହିବା ଉଦେଶ୍ୟରେ ଗଠିତ ମଣିଷ ସମାଜରେ ସମସ୍ତେ ସମସ୍ତଙ୍କ ପ୍ରତି କିଛି କର୍ତ୍ତବ୍ୟବୋଧତା ରଖିଥଲେ ମଧ ନିଜ ପ୍ରତି କେବଳ ନିଜେ ହିଁ ସତର୍କିତ ରହିବା ଏକାନ୍ତ ଆବଶ୍ୟକ! ଗୋଟିଏ ପରିବାର ମଧରେ କୌଣସି ସାଙ୍ଘାତିକ ବିପତ୍ତି ସମୟରେ ମଧ କେହି କାହାକୁ ରକ୍ଷା କରିବାରେ ସମର୍ଥ ହୋଇ ପାରିବେ ନାହିଁ । ତେଣୁ ସାମାଜିକ କ୍ଷେତ୍ରରେ କାହା ଉପରେ ବିଶ୍ୱାସ ରଖି ଭବିଷ୍ୟତ ବିଚ୍ଚର କରି ବର୍ତ୍ତମାନକୁ ଜଳାଳି ଦେଉଥିବା ମଣିଷଙ୍କୁ ନିର୍ବୋଧ କହିବା ବ୍ୟତୀତ ଆଉ କ'ଣ କୁହା ଯାଇ ପାରେ ?। ଷଡ଼ଯନ୍ତ୍ରୀ ସମାଜକୁ ଏମିତି ଗିଳି ସାରିଲେଣି ଯେ ବର୍ତ୍ତମାନ ସମସ୍ତଙ୍କ ଆଖିରେ କେବଳ ଅନ୍ଧ ପୁଟୁଳି ବାନ୍ଧି, ସ୍ୱାର୍ଥାନ୍ଧ ହାସଲ କରି ଚ୍ଚଲିଛନ୍ତି ନିଜସ୍ୱ ସ୍ୱାର୍ଥ ! ଶିକ୍ଷିତ ଅଜ୍ଞାନ ସେମାନଙ୍କ ପ୍ରରୋଚନାରେ ପଡି ନିଜକୁ ସେମାନଙ୍କ ସହିତ ସାମିଲ କରି ନିର୍ବୋଧଙ୍କୁ ଆଖିଠାର ଦେଉଛନ୍ତି ! ସମୟ ଅତ୍ୟନ୍ତ ଜଟିଳ ସ୍ତରକୁ ଆସି ବସିଲାଣି ! ତଥାପି ଚେତା ପଶୁନାହିଁ କାହାରି ! ଓଲଟା ଅବାସ୍ତବ ଆନନ୍ଦରେ ବିଭୋର ନିର୍ବୋଧଙ୍କୁ ବାଟ ମିଳୁନାହିଁ ବିବେଚନା କରିବା ପାଇଁ । କି ଦୂର୍‌ଦିନ ଅନ୍ଧକାର ମାଡି ଆସିଲାଣି ଯାହା ଆଗକୁ କ'ଣ କରିବ ତାହାର ସୀମା ନାହିଁ । ତଥାପି ସମସ୍ତେ ଆଜି ନିଶାରେ ନିଶାଗ୍ରସ୍ତ କେବଳ ସେହି ଷଡ଼ଯନ୍ତ୍ରୀଙ୍କ ଅଲୌକିକ ପ୍ରସ୍ତାବରେ । ଥରେ ହାତ ଗୁଡ଼ କହୁଣିକୁ ଚ୍ଚଲିଗଲା ପରେ ଆଉ ଚ୍ଚଟିବା କଷ୍ଟ ହୋଇ ପଡିବ ପରବର୍ତ୍ତୀ ସମୟରେ, ବର୍ତ୍ତମାନ ଏକଥା କାହାର ଚେତନା ଜ୍ଞାନରେ ପଶୁନହିଁ। ନିରୁପାୟ ସୀମିତ ସଦ୍‌ବୁଦ୍ଧ ଯାହାଙ୍କ ମାନ୍ୟତା ଅଗ୍ରହଣୀୟ ଆଜିର ଏହି ନିର୍ବୋଧ ସମାଜର ଗତି ଯାହା ହେବ ସମସ୍ତେ ସେହି ରାସ୍ତାରେ ଚ୍ଚଲିବା ପାଇଁ ବାଧ ହେବେ ଏକ କଳୁଷିତ ଜୀବନ ଧାରଣ କରି ବଂଚିବା ପାଇଁ, ସେଇଥିରେ ତିଳେ ହେଲେ ସନ୍ଦେହ ନାହିଁ । କି'ନ୍ତୁ କରିବା କଣ? ସମୟ ଅଛି ବର୍ତ୍ତମାନ ମଧ ସୁଧୁରି ଯିବାକୁ । ଉପଯୁକ୍ତ ପଦକ୍ଷେପ ନେବାକୁ । ବିଚ୍ଚର ଆପଣ ମାନଙ୍କର! ଭାଗ୍ୟ ଆମ ସମସ୍ତଙ୍କର.....!


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭





## ଗାଁ ହାଲ ଚାଲ

ସୁନୀଲ କୁମାର ପ୍ରଧାନ

ଗାଁରେ ମୋର ଆଉ ଶୁଭୁ ନାହିଁ
କିଚିରି ମିଚିରି ସ୍ୱର
ସବୁ ଘର ଯାକ କୋଠା ହୋଇଗଲା
ନାହିଁ ଆଉ ଛଣ ଘର ।

ଗାଁ ଲୋକ ସବୁ ବଜାରେ ରହିଲେ
ଆଉ କି ମିଳିବ ସୁଖ
ଗାଁ ଆମ୍ଭର ଶୂନ୍ୟ ହୋଇଗଲା
ଭାଗ୍ୟରେ ଅର୍ଜିଲା ଦୁଃଖ ।

ଗାଁ ଭେଣ୍ଡିଆ ସବୁ ବିଦେଶ ଚାଲିଲେ
ଆଣିବାକୁ ମୁଠେ ଦାନା
ସେମାନେ ବି ଯାଇ ସେଇଠି ରହିଲେ
ଗାଁକୁ ଟିକିଏ ଅନା ।

ଗାଁ ଲୋକ ସବୁ ଗାଈ ପାଳୁଥିଲେ
ଖାଇବାକୁ କ୍ଷୀର ଛେନା
ଆଉ ତ ଗାଈ ଦେଖାଯାଉ ନାହିଁ
କଂସାରି କରିଲା ବଣା ।

ଗାଁରେ ମୋର ଭାଗବତ ଟୁଙ୍ଗି
ଆଉ ତ କାହିଁ ଶୁଭୁନି
ବିଦ୍ୟୁତ ଚାଳିତ ଯନ୍ତ୍ର ବାହାରିଲା
ସେଠାକୁ ତ ମନ ଯାଉନି ।

ରାମ ନାଟକଟା ଭଲ ଲାଗୁଥିଲା
ଜେଜେ ମୋର କହୁଥିଲେ
ଏବେ ପରା ସବୁ ମେଲୋଡି ହୋଇଲା
ଥିରେ ଥିରେ ସବୁ ହଜିଲେ ।

ଗାଁରେ ମୋର ଚାଟଶାଳୀ ପାଠ
ଆଉ ତ ମିଳିବ ନାହିଁ
ସେଥିରେ ଯେଉଁ ଜ୍ଞାନ ଭରି ଥିଲା
ଆଧୁନିକ ଯୁଗେ କାହିଁ ।

ଯେତେ ହେଲେ ଭାଇ ଏ ଜନମ ଭୂଇଁ
ତାକୁ ନ ଭୁଲିବା କେହି
ଜନ୍ମ ଜନ୍ମ ପାଇଁ ସାକ୍ଷୀ ଥିବ ହୋଇ
ଏନ୍ତୁଡ଼ିଶାଳର ଜୁଇ ।


+ଝାଟିପଦର, ପାଲୁର, ଗଞ୍ଜାମ
ଛାତ୍ର - ପ୍ରାଣୀ ବିଜ୍ଞାନ
ମୋ - ୭୬୦୯୯୩୪୩୬୬


## ଅନ୍ନଦାତା

ବେଣୁଧର ସୂତାର

ନୁହେଁ ସଭାଜନେ ଏ ମଧୁ ଗୀତିକା
ଅପ୍ରିୟ ନିଛକ ସତକଥା
ନୁହଁଇ ପ୍ରେମର ବିମୁଗ୍ଧ କାହାଣୀ
ଅବା ଭବଦୀୟ ଭକ୍ତି ଗାଥା ।

ଦୁଃଖ ଅନ୍ତହୀନ କରୁଣ ସ୍ପନ୍ଦନ
ଯନ୍ତ୍ରଣା ଜର୍ଜର ହୃଦୟର
ଲୋହିତ ସ୍ୱାକ୍ଷର ଏମାଟି ବକ୍ଷର
ନିଷ୍ଠୁର ଭୂମିକା ସମୟର ।

ମାଟି ମଣିଷର ସ୍ୱପ୍ନ ନଈଧାର
ଅଜଣା ଠିକଣା ମରୁଭୂଇଁ
ଅନ୍ତହୀନ ଦୁଃଖ ଅବସାନ କଲା
ମୃତ୍ୟୁର କରାଳ କଳାଛାଇ ।

କହି ପାରିଲିନି ସହି ପାରିଲିନି
ବେଦନାସିକ୍ତ ତା ମନ ଭାଷା
ପ୍ରକୃତିର କ୍ରୁର ନିଷ୍ଠୁର ଆଘାତେ
ତୁଟାଇଲା ବଞ୍ଚିବାର ଆଶା ।

ଜନ୍ମ ଜାତକେ ଯା ଲୁହର ଲିପିକା
ଭାଗ୍ୟ ଭବିତବ୍ୟ ଜୀର୍ଣ୍ଣଗଡ
ସିଏ ଅନ୍ନଦାତା ଅଖଣ୍ଡ ଭୂଗୋଳେ
ମାଟି ମଣିଷଠୁ କିଏ ବଡ ।

ଅଭିଶପ୍ତ ଯାର ଜୀବନ ଜୀବିକା
ପ୍ରକୃତି କରିଲା ମହାରୋଷ
ଦେଖି ମର୍ମାହତ ତା ଉଜୁଡା କ୍ଷେତ
ନିରାଶେ ଜୀବନ କଲାଶେଷ ।

ଉଜାଡି ଦେଲାତା ସୁନାର ସଂସାର
ବିଷପିଇ ମୃତ୍ୟୁ ଆପଣେଇ
ଜନନୀ ନୟନେ ଅସରା ଅଶ୍ରୁ
କୋଳେଇ ନେଇଛି ଆହା କହି ।

ଆସିଥିଲା ଦିନେ ଏମାଟି ବକ୍ଷରୁ
ତାହାରି କୋଳରେ ଗଲା ଶୋଇ
ବିଶ୍ୱ ପାଇଁ ଯିଏ ନିଃସ୍ୱ ସାଜିଥିଲା
ସୁନାର ଫସଲ ଉପୁଜେଇ ।

ମାଟି ମଣିଷ ହେ ରଚିଗଲ ତୁମେ
ଲୋହିତ ସ୍ୱାକ୍ଷର ଇତିହାସେ
ଅଦୃଶ୍ୟସମ୍ରାଟ ସାଜିଚଳିଗଲ
ମୁକତିର ପଥେ ସ୍ୱର୍ଗବାସେ ।

ପ୍ରିୟଜନ ପ୍ରାଣେ ଦୁଃଖର ପାର୍ବଣ
ଅଶ୍ରୁର ଶ୍ରାବଣ ପଡେ ଝରି
ମାଟିମାଆକରେ ନେପଥ୍ୟରୋଦନ
ଅଦୃଷ୍ଟ ଲୁଟିଲା ସୁଖଶିରୀ ।

ଉଜୁଡା ତ ଦିନେ ସଜଡା ହୋଇବ
ଅଫେରା କି କେବେ ଆସେଚଳି
ଅନ୍ନଦାତା ହେ ସ୍ୱର୍ଗେଥାଇ ଘେନ
ଭକ୍ତି ପୂତ ଆମ ଶ୍ରଦ୍ଧାଞ୍ଜଳି ।


+କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬


## ଉପହାର

ସୁଦର୍ଶନ ମହାପାତ୍ର

ଗଛଟିଏ ରୋପିବାକୁ
ସମ୍ପର୍କର ଫୁଲ ଫୁଟାଇବାକୁ
ତୁମେ ମାଗିଥିଲ ଅରାଏ ମାଟି
ମାଗିଲ ତ ମାଗିଲ
ପୁଣି ଏମିତିକା ଉପହାର
ଯାହା ମୁଁ ଦେଇପାରିନଥିଲି
ଖୋଜିଥିଲି କିନ୍ତୁ
ସହରରୁ ଗାଁ ସବୁଠି
ହେଲେ ପାଇଲି କେଉଁଠି ??
କଂକ୍ରିଟ ର ଆବରଣ ତଳେ
ପୋତି ହୋଇ ସାରିଥିଲା
ସବୁତକ ମାଟି
ଯାହା ଟିକେ ବି ଯୋଗାଡିଥିଲି
ସେଥିରେ ପୁରିଲାନି ମୁଠି..!
ଯେଉଁ ଜିନିଷଟି ମାଗିଥିଲ
ଖୁବ୍ ସନ୍ତର୍ପଣରେ
ଦେଇ ପାରିନଥିଲି
ସେଇ ମୁହୂର୍ତ୍ତରେ
ସେଥିପାଇଁ ଅବସୋସ
ମାଗିଲ ତ ମାଗିଲ
ଏବେ ପୁଣି ଆଞ୍ଜୁଳାଏ ଖୋଲା ହସ
ହେଃ ! ସେ ତ କେବେଠୁ ଉଭାନ
ଡହକିଲା ତତଲା ବାଲିରେ
ଅବାଞ୍ଛିତ ଇଚ୍ଛା ପୂର୍ତ୍ତିରେ
ବିକଳ ମୁହୂର୍ତ୍ତ ମାନେ
ପାଣିଚିଆ ରକ୍ତକୁ ଶୋଷିନେଲା ପରେ
ଖୁସିର ବିକଳ୍ପ ସବୁ ମଉଳିଲା ପରେ
ପ୍ରାଣ ଖୋଲା ହସ ଟିକେ
ମୁଁ ଭେଟି ଦେଇ ପାରିଲିନି...
ଯାହା ସବୁ ମାଗିଲ
କିଛି ବି ଦେଇ ପାରିଲିନି
ସେଥିପାଇଁ ଖୁବ୍ ମନଦୁଃଖ
ମାଗିଲ ପୁଣି କିଛି ନିରୋଳା ସମୟ
ସେତକ ବି ଦେଇ ପାରିଲିନି ବୋଲି
ତୁମେ ଉଦଗାରିଲ କୃତ୍ରିମ ରୋଷ
ହେଲେ ମୁଁ ନିରୁପାୟ...!
ହାଟରେ, ବାଟରେ
ଟ୍ରାଫିକ ଜାମରେ,
ଅବା ଜୀବିକା ଅନ୍ୱେଷଣରେ
ସମୟ ସବୁକୁ ଦେଇସାରିଥିଲି ବାଣ୍ଟି ।
ହଁ ଅନ୍ତରଙ୍ଗ ଶବ୍ଦ କିଛି ସାଉଁଟିଥିଲି
ଛାତି ତଳ ସ୍ପନ୍ଦନରୁ ,
ଖାସ୍ ତୁମ ପାଇଁ
କବିତା ର ରୂପ ଦେଲି
ସେସବୁକୁ ନେଇ
ଖାସ୍ ତୁମ ପାଇଁ...
ଏବେ ତୁମେ ଓଠରେ ହସ ଫୁଟେଇ
ନିଶ୍ଚୟ କହିବ....
'ଏମିତିକା ଉପହାର
ତ ମୁଁ ମାଗିନଥିଲି....!!!'


+କୁଞ୍ଜବିହାରୀ ଲେନ, କଟକ


## ଶବ୍ଦ ସନ୍ଧାନ

ନିରଞ୍ଜନ ସାହୁ

ଶର ସନ୍ଧାନ ମୁଁ କରିନାହିଁ କେବେ
ଶବ୍ଦ ସନ୍ଧାନ ମୁଁ କରେ
ସେଥିପାଇଁ ହାତେ କାଗଜ କଲମ
ଅତି ଆଣ୍ଟ କରି ଧରେ ।

ସାରସ୍ୱତ ସାଧନାରେ ନିମଗ୍ନ ମୁଁ
ଶବ୍ଦ ନିଅଣ୍ଟିଆ ପଡେ
ସେଥିପାଇଁ ନାନା ଅଭିଧାନ ଗ୍ରନ୍ଥ
ଆଡ଼କୁ ମୋ ମନ ଗଡେ
ଯେବେ ଉପଯୁକ୍ତ ଶବ୍ଦ ପାଇଯାଏ
ମୋ ମନରେ ଖୁସି ଭରେ ।

ସାରଦା ଚରଣେ ନମସ୍କାର କରି
କାଗଜ କଲମ ଆଣି
ଲେଖାଲେଖି ପାଇଁ ବସିଯାଏ ଯେବେ
ଶବ୍ଦ ଆବଶ୍ୟକ ଜାଣି
ଉପଯୁକ୍ତ ଶବ୍ଦ ସନ୍ଧାନ ଅର୍ଥେ ତ
ଅନେକ ସମୟ ସରେ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩

## ମୈତ୍ରୀ ପାଇଁ ଦୁଇଟି କବିତା

### ଦୀପକ କୁମାର ମିଶ୍ର



( ଏକ )

ଐଶ୍ୱର୍ଯ୍ୟ, ବୈଭବ ପରବ ରୂପରେ
ଅକ୍ଷୟ ତୃତୀୟା ଆସେ
ପୁଣ୍ୟ ଶୁକ୍ଳପକ୍ଷ ତୃତୀୟ ଦିନରେ
ଧର୍ମ ଅକ୍ଷିମୁଠି ଅନୁକୂଳ ହୋଇ
ଚାଷୀ ପୁଅଟିଏ ହସେ,
ଏ ଯେ ବୈଶାଖ ମାସରେ ପଡେ
ସଖୀଙ୍କ ହାତରେ ଅକ୍ଷୟ ପାତ୍ରଟି
ପ୍ରଭୁ ଟେକିଦେଲେ ଏହି ଦିନେ
ଯେବେ ପଞ୍ଚୁ ପାଣ୍ଡବ ଯେ ବନବାସେ ।

ହିନ୍ଦୁ ଜୈନଙ୍କର ମୁଖେ ହସ ଫୁଟେ
ଆଦିବାସୀ ଭାଇ ହରଷେ ଗୀତଟି ଗାଏ,
ନୂଆ ଦରବଟି କିଣା ହେଲେ ଆଜି
ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ ଆଶିଷ ପାଦଟି
ଘରେ ଘରେ ଯାଇ ପଡେ
ଦିନଟି ଭକ୍ତି ଭାବନାରେ ସଜେ,
ଚନ୍ଦନ ଯାତରା ଆରମ୍ଭ ହୁଏ
ଭରା ଗ୍ରୀଷ୍ମ ତାତି ଭାଙ୍ଗିବା ପାଇଁ
କାଳିଆ ସାଆନ୍ତ ଶ୍ରୀମନ୍ଦିର ଛାଡି
ଚାପ ଖେଳଟିଏ ଖେଳିଲେ
ପୃଥିବୀ ଉତ୍ତାପରୁ ରକ୍ଷାପାଏ ।

( ଦୁଇ )

ପବିତ୍ର ରମ୍ଜାନ ମାସ ଯେବେ ସରେ
ନିତ୍ୟ ଭାଇଚାରାର ସନ୍ଦେଶ ନେଇ
ସ୍ନେହ, ମମତା, ପ୍ରେମର ପ୍ରତୀକ ରୂପେ
ନୂଆ ଚାନ୍ଦଟିଏ ଉଏଁ,
ଖୁସିରେ ସଭିଙ୍କ ମନ ପୁରି ଉଠି
ହୃଦୟ ଆନନ୍ଦ ଉଲ୍ଲାସେ ହସେ ।

ହାତରେ ହାତ, ଛାତିରେ ଛାତି
ମିଶିଗଲେ ଭାଇ ଇଦ୍-ମୁବାରକ ହୁଏ ,
ରାଗ ଘୃଣା ଦ୍ୱେଷ ପରିହର କରି
ମଣିଷ ଆଜି ମଣିଷ-ପଣିଆ ବାଣ୍ଟେ,
ଭ୍ରାତୃତ୍ୱ ଭାବର ପରବ ଇଦ୍ ଯେ
ଭେଦ ଭାବ କିଛି ନାହିଁ,
ଖୁସିରେ କହିବା ହୃଦୟ ମିଶାଇ
ଇଦ୍ ମୁବାରକ ଭାଇ ।

+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ତୁମେ ହିଁ କୁହ

### ଶିଶିର କୁମାର ପଣ୍ଡା



ବଞ୍ଚିଥିଲା ବେଳେ କହିଲନି ପଦେ ମଧୁର କଥା
ମଲା ପରେ ଏବେ ଲୁହ ଝରାଉଛ ନୁଆଇଁ ମଥା ।

କିଏ ଜାଣେ ଏହା ସତ କିବା ମିଛ ନାଟକବାଜି
ଲୋକ ଠୁଳକରି ଶରଧା, ଭକତି ଦେଖାଅ ଆଜି ।

କିଛି ଲାଭ ନାହିଁ ପାଞ୍ଚଶ' ହଜାରେ ଲୋକଙ୍କୁ ଖୋଇ
ସିଏ କି ଉଠିବ ଜୁଇରେ ଆଜି ଯେ ଯାଇଛି ଶୋଇ ?

ମରତରେ ଆଉ ଦେବୀ କି ଦେବତା କହୁନ କିଏ
ଧୂପ, ଝୁଣା, ଭୋଗ କିଛି ଲୋଡ଼ାନାହିଁ ଆଶିଷ ଦିଏ ?

ବୟସ ହୋଇଲେ ସଭିଏଁ ଖୋଜନ୍ତି ମଧୁର ବାଣୀ
ଦିଅ ନାହିଁ କଟୁ କଥାରେ ତାଙ୍କର ହୃଦୟ ହାଣି ।

ବାପା ମାଆଙ୍କର ଆଖିରୁ ଝରିଲେ ଦୁଃଖର ଲୁହ
ମଙ୍ଗଳ କେବେବି ହେବ କି ଆମର ତୁମେ ହିଁ କୁହ ।

+ କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮





## ବଦଳି ଯାଇଛି ମୋ ଗାଁ

### ସୁବ୍ରତ କୁମାର ଜେନା



ଗାଁଟି ମୋହର ବଦଳି ଗଲାଣି
ଲାଗେ ଆଜି ଖାଁ ଖାଁ
ଗାଁ ଲୋକେ ସବୁ ବଦଳି ଗଲେଣି
ଇର୍ଷାର ଜଳାଇ ନିଆଁ ।

ଅଛି ଦେବାଳୟ ପୁଣି ବିଦ୍ୟାଳୟ
ନାହିଁ ସେଇ ସରାଗ ପଣ
ମିଛ ପ୍ରତିଶ୍ରୁତି ମିଛ ପ୍ରିୟାପ୍ରୀତି
ପାପୀ ମୁହଁ ଦେଖ ଟାଣ ।

ଆଗ ଭଳି ଆଉ ଗଡୁନାହିଁ ଆଜି
ଦାଣ୍ଡେ ମାଗୁଣୀର ଶଗଡ଼
ଆଗ ଭଳି ଆଉ ଗଢୁନାହିଁ କେହି
ମାଟି ପାତ୍ରକୁ ମାଟିରେ କରି ଯୋଗାଡ଼ ।

ଚାଷଜମି ସବୁ ଟାଙ୍ଗରା ଦିଶୁଛି
ଜଳଲାଗି ଶୁଭେ ହା ହା କାର
ତଥାପି ଜମୁଛି ତାଆସ ପସରା
ଭୁଲିଲେଣି ସବୁ ପୁରୁଣା ସଂସ୍କାର ।

ରଜ ହୋଲିପରି କେତେଯେ ପରବ
ଆସେ ଦେବୀପୂଜା ପୁଣି ଦୀପାବଳୀ
ଶୁଭୁନାହିଁ ଆଉ ନାଗରା ଶବଦ
ସକାଳ ହୋଇଲେ ଶୁଭେ ନାନାଦି କଳି ।

ଘର ଅଗଣାରେ ଝୁଲୁନାହିଁ ଆଉ
ହେଁସ ମସିଣାର ପୁରୁଣା ସଜ
ଢ଼ିଙ୍କି ହେମଦସ୍ତା ସବୁ ଭୁଲିତ ଗଲେଣି
ପିଠା ପଣାରେ ବାସୁନି ଆଉ ତ ରଜ ।

ଆଖି ତୃତୀୟାରେ ମୁଠି ଅନୁକୂଳ ହୁଏ
ହେଲେ ବରଷା ଆସେନି ହସି
ଚାଷ କରିବାକୁ ଲୋକେ ଲାଜ ତ କଲେଣି
ସମୟ କଟୁଛି ମୋବାଇଲ ଆପ୍‌ରେ ପଶି ।

କୁନା କୁନି ଆଜି ଆଗ ଭଳି ଆଉ
ଖେଳନ୍ତିନି ସଂଜ ଗଡିଯିବା ଯାଏ
ପଢ଼ାପଢ଼ି ଲାଗି କେତେଯେ ଚିନ୍ତାରେ
ଶୈଶବଟା ତାଙ୍କ ସରି ସରି ସରିଯାଏ ।

ଲାଞ୍ଚ କାରବାର ସହରରୁ ଆସି
ଗାଁକୁ ଦେଇଛି ନୂଆ ଛୁଆଁ
ବିନା ଲାଞ୍ଚରେ ମିଳେନି ଯୋଜନା
ଭାଇଚାରାରେ ପଡେ ଆଜି ସ୍ୱାହା ।

ମୋ ଗାଁର ଶିଶୁ ଭଲ କାମ କରି
ଚାହୁଁନି ରଖିବାକୁ ଦେଶ ଜାତିର ନାମ
ହାଏରେ ବିଧାତା ହାଏରେ କପାଳ
କାହିଁ ହେଲୁ କହ ମୋ ଗାଁକୁ ତୁ ବାମ !

+ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ଝିଅ ହେଇ ରହିଯାଏ

### ସ୍ନିଗ୍ଧା ପଣ୍ଡା



ମାଟି ଛୁଇଁବା ଆଗରୁ
ତୋ ଭିତରେ ଲୁଚେଇ ରଖିଲୁ,
ପାଦରେ ପିଟିଲି
ମୁଣ୍ଡରେ ବି ପିଟିଲି
ସବୁ ସହିଲୁ
ହସି ହସି କହିଲୁ 'ନୂଆ ଜୀବନ ଖେଳୁଛି ପରା
ହାତ, ଗୋଡ ଛାଟିବ ହିଁ
ପହଁରିଲା ବେଳକୁ ସାରା ନଈ'
ନ ଦେଖି କି ଆଙ୍କି ପକେଇଲୁ
ଚିତ୍ରଯାକ ମୋର
ନ ଶୁଣି କି ଖୁସି ହେଲୁ
ଶୁଭୁଛି ବୋଲି ମୋ ସ୍ୱର
ଦିନ ଗଣିଲୁ
କେବେ ଛୁଇଁଦେବୁ ସରାଗରେ,
ଜାକି ନେବୁ ଛାତିରେ
ଦୁନିଆଁର ସବୁ ପାଇବାକୁ ପଛ କର
ମତେ ସାଇତିଚୁ ଆଖିରେ ।

ତତେ ଚିରି, ବିଦାରି ମୁଁ ଆସିଗଲି
ସେଥିରେ ବି ମନ ମୋର ପୂରିଲାନି
ତୋ ଦେହରୁ ଅମୃତ ଶୋଷାଡି
ମୂହୁର୍ତ୍ତେ ମୂହୁର୍ତ୍ତେ କରି ସଞ୍ଚିଲି ଆୟୁଷ
ମାଗିବା ଆଗରୁ ଭରିବାକୁ ମତେ
ଦେଖିଲୁନି ଆଉ କେତେ ଅଛି ତୋର ଅବଶେଷ
ଦିନେ-କ୍ଷଣେ କରିନୁ ବି ଅବଶୋଷ
ଖୁସିରେ ଖୁସିରେ
ତୋର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ
କୋଣ-ଅନୁକୋଣ
ସବୁଠି ଥାପି ଚାଲିଲୁ
ମୋର ପାଦଚିହ୍ନ ।

ଝଡ ଆସୁ କି ଝଞ୍ଜା
ରାସ୍ତା ଆସୁ କି ଅରାସ୍ତା
ତୋର କାନି ହେଲା ମୋର ରକ୍ଷା କବଚ
ନା କେବେ ବୁଝିଲି ମୁଁ
ଦଶ ପ୍ରହରଣ ଧରିବାକୁ
କେତେ ଥର ଅଟକେଇଛୁ ନିଜର ନିଃଶ୍ୱାସ
ନା କେବେ ଜାଣିଲି ମୁଁ
ମୋ ଠାରୁ ଭଲ କେହି ନାହିଁ ଦେଖେଇବାକୁ
କେତେ ଥର ଲୁଚେଇଛୁ
ମୋର ଯେତେ କ୍ଷମାର ଅଯୋଗ୍ୟ ଦୋଷ
ଅଥଚ ତୋ ବିଶ୍ୱାସରେ ମୁଁ ପାରି ହୋଇଯାଇଛି
ଅଗଣତି ପରୀକ୍ଷାର ବିଶ୍ୱ ।

ମୋର ଖୁସିଯାକ, ଛୋଟ ଆଉ ବଡ
ତିଆରିଛୁ ନିଜ ଖୁସିର ଠିକଣା ହଜେଇ
ମୁଁ ବୋଲି ଚିହ୍ନେଇଛୁ ମତେ
ତୋ ନିଜର ପରିଚୟ
ଏକଣା ଘର ଅଲଗୁଣିରେ ସାଇତି ଦେଇ
ତୁ ଏବେ ଦେଖୁନୁ କି
ତତେ ପୂରା ବୁଝିବାକୁ
ତୋ ପଛରେ ଯେତେ ଧାଇଁଲେ ବି
ଆଗକୁ ଯିବା ମୋ ଥାଉ
ତୋ ଯାଏଁ ପହଞ୍ଚିବା ହେଇପାରିନାହିଁ
ଏବେ ଖାଲି ମାଗିବି ମୁଁ
ତୁ ସେମିତି ମାଆ ହେଇ ଥା'
ମୁଁ ତୋର ଝିଅ ହେଇ
ରହିଯାଏ ସବୁ ଜନ୍ମ ପାଇଁ ।

+ ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ:୯୮୬୧୩୨୩୬୫୦

## ଜୀବନ

### ବିଜୟ କୁମାର ପଣ୍ଡା



ଥିଲା ଯେତେବେଳେ ଯୌବନ
ପାଖରେ ନଥିଲା ଧନ ।
ବଢ଼ିଗଲା ଯେବେ ଆୟ,
ପାଖେ ନଥିଲା ସମୟ ।
ଯେବେ ମିଳିଲା ସମୟ,
ଅସୁସ୍ଥ ଶରୀର, ଅଥୟ ହୃଦୟ ।
ସବୁ କିଛି ଥାଇ ନିରୁପାୟ
ନିସଙ୍ଗ ବୋଧ ଜୀବନ,
ଛାତିରେ ଛାତିଏ କୋହ ।

+ ସବଂଗ, ସିମୁଳିଆ,
ବାଲେଶ୍ୱର,
ମୋ : ୯୭୩୯୫୯୧୮୧୬

## ମା'

### ସୁଧାଂଶୁ ଶେଖର ଦ୍ୱିବେଦୀ



ମା' !
ମମତା ବାତ୍ସଲ୍ୟର ମୂର୍ତ୍ତି
ଈଶ୍ୱରଙ୍କ ଅନ୍ୟ ରୂପ ।
ମା' !
ସମର୍ପଣ ତ୍ୟାଗର ଦେବୀ
ମହିମା ଅଭୁତ ଅନୁପମ ।
ମା' !
ଅମୂଲ୍ୟ ପ୍ରଭୁଙ୍କ ଉପହାର
ପ୍ରଥମ ଗୁରୁ,ଗୁରୁକୂଳ ।
ମା' !
ସୂଚୀ, ସୁରଭି, ଗୃହ ନିକୁଞ୍ଜ
ଦୟାଳୁ, ତପସ୍ୱୀ, ଧୈର୍ଯ୍ୟବାନ ।
ମା' !
ସ୍ୱର୍ଣ୍ଣିମ ଜ୍ୟୋତିର ପୁଞ୍ଜି
ଉଚ୍ଛ୍ୱାସ ସୁରଭିର ସ୍ରୋତ ।
ମା' !
ଉଦାରତା ସୂଚୀ ପ୍ରତିମୂର୍ତ୍ତି
ଜୀବନ ସମ୍ବଳର ଆଧାର ।
ମା' !
ସୁଗୁଣର ଜ୍ଞାନଦାତା
ଦେବୀ ସମ ଭାଗ୍ୟ ବିଧାତା ।
ମା' !
ସୁଶୋଭିତ ଗୃହ ପ୍ରାଙ୍ଗଣ
ନିକେତନ ମୁଦିତ ଜୀବନ ।

+ ବିସି-୭୪ ,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

## ଆତ୍ମ ସମର୍ପଣ

### ବୀରକିଶୋର ନାୟକ



ସଂସାରେ ମଣିଷ ନୁହେଁ ବଳିୟାର
ନୁହେଁ ବି ସ୍ୱୟଂସମ୍ପୂର୍ଣ୍ଣ,
ଅନ୍ୟର ସାହାଯ୍ୟ ଲୋଡ଼ା ହୁଏ ତାକୁ
ଧାରଣ ପାଇଁ ଜୀବନ ।

ତଥାପି ମଣିଷ ବୁଝେନାହିଁ କେବେ
ମଣେନା ଦୁର୍ବଳ ବୋଲି,
ଅଳୀକ କ୍ଷମତା ପାଇଗଲେ ସିଏ
ଅହଙ୍କାରେ ଥାଏ ଚାଲି ।

ଧର୍ମ ଭାବନାର ଉର୍ଦ୍ଧ୍ୱରେ ରହି ସେ
ଭାବେ ସେ ବଡ଼ ସଂସାରେ,
ଧନ, ଜନ ସହ ସୁଖେ ଥାଇ ସଦା
ଭୁଲେ ଦୟା ଜୀବନରେ ।

ଈଶ୍ୱରଙ୍କ ସ୍ଥିତି ବିଶ୍ୱାସ କରେନା
ନିଜ ସ୍ୱାର୍ଥେ ଥାଏ ଲାଗି,
ପାପ ପୂଣ୍ୟ କର୍ମ ବିଚାର ନଥାଏ
କରେ ସବୁ ସୁଖ ପାଇଁ ।

ଏମିତି ସମୟ ଆସେ ବି ଜୀବନେ
ନିଜେ ମଣେ ଅସହାୟ,
ଜ୍ଞାତିଜନଙ୍କର ସାହାଯ୍ୟ ମିଳେନା
ହୋଇଯାଏ ନିରୁପାୟ ।

ବଞ୍ଚିବାର ଆଶା ଲିଭିଯାଏ ଯେବେ
ଈଶ୍ୱର ପଡନ୍ତି ମନେ,
ଦୁଇହାତ ଟେକି ନିଜକୁ ପ୍ରଭୁଙ୍କୁ
ଡାକେ ଆତ୍ମ ସମର୍ପଣେ ।

କୃପାଳୁ ଈଶ୍ୱର ଅନନ୍ତ ସୃଷ୍ଟିର
ବୁଝିଥାନ୍ତି ସବୁକଥା,
ସାହାଯ୍ୟର ହାତ ଲମ୍ବାଇ ଦିଅନ୍ତି
ବୁଝି ଅସହାୟ ବ୍ୟଥା ।

ମଣିଷ ସର୍ବଦା ଧରମ ଆଚରି
ବଞ୍ଚିଲେ ପ୍ରଭୁଙ୍କୁ ସ୍ମରି,
ଈଶ୍ୱରଙ୍କ ଲମ୍ବା ହାତ ମଥାପରେ
ଥାଇ କୃପା ଯାଏ ଝରି ।

+ ଖଣ୍ଡବନ୍ଧ, ଢେଙ୍କାନାଳ
ମୋ: ୮୮୪୭୮୪୨୩୯୭

## ସୁନା ମୁକୁଟ

### ଝରଣା ବାରିକ



ନାଲି ଶାଢ଼ୀ ଖଣ୍ଡେ ପିନ୍ଧେଇ ଦେଇ,
ମନ୍ଦିର ରେ ତାକୁ ଦିଅ ସଜେଇ ।
ଅଳଙ୍କାର ଦେଇ ଦେହରେ ତାର,
ପାଦ ତଳେ ପୁଣି କର ଜୁହାର ।

ମାଆ ହୋଇ ନିଏ ସଭିଙ୍କ ଯତ୍ନ,
ପରିବାର ପାଇଁ ଅମୂଲ୍ୟ ରତ୍ନ ।
ସଭିଙ୍କ ସୁଖରେ ହୁଅଇ ସୁଖି,
ଦୁଃଖ ସମୟ ରେ ହୁଅଇ ଦୁଃଖି ।

ଭଉଣୀ ଟେ ହୋଇ ପାଖରେ ରହେ
ସଭିଙ୍କ ମଙ୍ଗଳ ମନାସୁ ଥାଏ,
ତା ହସ ଖୁସିରେ ପୁରଇ ଘର,
ସଭିଙ୍କୁ ଭାବେ ସେ ଅତି ନିଜର ।

ଶାଶୁ ଘରେ ଯାଇ ବୋହୂ ସାଜଇ,
ପର କୁ ଆପଣା କରିବା ପାଇଁ ।

ନିତି ଜଳୁଥାଏ ସଳିତା ହୋଇ,
ସଭିଙ୍କ ଓଠରେ ହସ ଟେ ହୋଇ ।

ନାରୀ ଜୀବନ ତା ସାର୍ଥକ ହୁଏ,
ପ୍ରଶଂସା ଯଦି ବା କରଇ କିଏ ।
ସେଇଥିରେ ତାର ପୁରଇ ପେଟ,
ମାଗେ ନାହିଁ କେବେ ସୁନା ମୁକୁଟ ।

+ ସମଲ, ତାଳଚେର, ଅନୁଗୋଳ
ମୋବାଇଲ::୯୫୫୬୮୪୬୯୩୨

## ମହୁଲ ବନାମ ସପନ

### କ୍ଷୀରୋଦ୍ର କୁମାର ସାହୁ



ଧୁ ଧୁ ଡହକ ବିକଳ ଖରା
ନାଁ ପତରା କେଉଁ ଗଛରେ ପତରଟେ
ତଣ୍ଟି ଚେନ ଚେନ ଶୁଖିଲା ଶୁଖିଲା
ବାସ, ଯାହା ଖାଲି ମହୁଲିଆ ବାସ୍ନାଟେ
ରାତିର ଝୁଲ ଝୁଲ ସକାଳ ପହରୁ
ଭୁଗା ଟୁପା ଡଲା ପାଛିଆ
ସବୁ ଯିବେ
ଅପନ୍ତରା ନିଘଞ୍ଚ ବନାନୀକୁ ।
ବାଟର କେନ୍ଦୁଗଛ
ହାତ ଠାରି ଡାକିବ ଆ
ସିଂଗ ଖଜୁର ବି
ସବୁ ପରଛା କରି ନେଲେ ଯାଇ ଚଲେ ।
ଗଜବନ୍ଧ ମାଳିଟେ
କାନର ଝଲକାଟେ
ସବୁ ଖଞ୍ଜା ହେବ
ଉକିଆ ପକ୍ଷରେ
ଲଗନ ଦେଇଛି ବରଘରିଆ ।
ମାଟି, ପାଣି ପବନ
ଖରାର ନିର୍ଧୁମିଆଁ ଝାଉ
ଫେର ବି ବାହା ଘରଟା
ଝୁଲୁଛି ପେଣ୍ଡୁଲମ ପରି ।
ଦାମଟା ଉତୁରି ଗଲା ବୋ
ମୁଣ୍ଡରେ ଚଡକ ପଡି ଯାଏ
ଦିହର ରକତ ଚନଚନ ହେଇ
ଶୁଖି ଗଲା ପରେ
ଦାମ ନାହିଁ କି ଦର ନାଇଁ
ବିହା ଘର ଠୁଙ୍ଗୀ ଆସେ
ବାଟ ସାମ୍ନାରେ
ଏବେ ଖାଲି ସାହା ଯାହା
ଇନ୍ଦର ରଜା ।
ସପନ ଗୋଟାଇବାର
ଆଖି ଖାଲି ଯାହା ତରସି ଯାଏ
ମନ ଖାଲି ଖୁଜୁର ବୁଜୁର ହୁଏ
ଭାବନା ଫସକି ଯାଏ
ଯୋଡି ହୁଏନା
ଯେତେ ଚାହିଁଲେ ବି ।

+ ବରପିଟା, ପାଟଣାଗଡ଼
ବଲାଙ୍ଗୀର
ମୋ-୯୮୬୧୮୫୨୫୮୬

## ବୈଶାଖ ମାସ ଖରା

### ସୁନୀଲ କୁମାର ପ୍ରଧାନ



ଖରା ତ ଭାଇ ଏମିତି ହେଉଛି
ଅନାଇ ପାରୁନି ଆଖି
ଚପଳ କହୁଛି ମୁଁ ତ ଯିବିନି
କାହାକୁ ରଖିବୁ ସାଥି ।

ଏ ଖରା ବହୁତ ଯେ ଟାଣ
କାମ କରୁ ନାହିଁ ପାଣି
ଶୋଷ କହୁଛି ଆହୁରି ପିଇବି
ବୁଝେଇ ପାରୁନି ଜାଣି ।

ବୈଶାଖ ମାସ ଖରା ତ ଆସିଛି
ଲାଗିଛି ଚନ୍ଦନ ଯାତ
କୃଷ୍ଣ ସାଥେ ଦେବୀ ରାଧିକା ଅଛନ୍ତି
ଜଳ କ୍ରୀଡା ଯିବା ସତ ।

ଚନ୍ଦନ ପରବ ଲାଗିଛି ମାଉସୀ
ଚାଲ ଦେଖି ଯିବା ନାଟ
ଜଳରେ ପ୍ରଭୁ ହରି ରହିଛନ୍ତି
ତାଙ୍କୁ ପାଇଯିବା ଭେଟ ।

ଘରୁ ବାହାର ହେଲା ବେଳେ ଜାଣ
ପାଖରେ ପାଣି ବୋତଲ
ତା ସାଙ୍ଗରେ ଥିବ ଛତା ଏକ ଗୋଟି
ଏହାକୁ ନ ଯିବ ଭୁଲ ।

ଜଳର ମହତ୍ତ୍ୱ ଏବେ ତ ପାଇବ
ପାଖରେ ନଥିଲେ ପାଣି
ଏଣୁ ସଂରକ୍ଷଣ ଆମର ଦାୟିତ୍ୱ
ମନେ ରଖିଥିବ ଜାଣି ।

ଖରାର ପ୍ରକୋପ ବହୁତ ବଢୁଛି
ଗଛ ନ କାଟିବା ଭାଇ
ଗଛ କାଟିଦେଲେ ବର୍ଷା ହେବ ନାହିଁ
ଆମକୁ କେ ଦେବ ଛାଇ ।

ବୈଶାଖ ମାସ ଖରା ଆସୁଥିବ
ପୂର୍ବରୁ ମାରିବ ଝାଞ୍ଜି
ବର୍ଷା ହେଉ ହେଉ ଚାଷୀ ଭାଇ ତାର
ବିଲରେ ପୋତିବ ମଞ୍ଜି ।

ଆସରେ ଆସରେ ସଭିଏଁ ଆସରେ
ଆମେ ନେବା ଶପଥ
ଜଳକୁ ସଞ୍ଚିଲେ ଜୀବନ ବଞ୍ଚିବ
ଚଳିଣ ଯିବା ସୁପଥ ।

+ ପ୍ରାଣୀ ବିଜ୍ଞାନ ଛାତ୍ର
ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ଶେଷ ବସନ୍ତର ଚିଠି

### ରତ୍ନପ୍ରଭା ବାଇ



କୁହୁ କୁହୁ ଡାକି କୋଇଲି ଦେଇଛି
ଶେଷ ବସନ୍ତର ଚିଠି
ସେଇ ଚିଠି ପଢ଼ି ତମ କଥା ଆଜି
ମନେ ପଡ଼େ ଗୋଟି ଗୋଟି ।

ଚିଠିରେ ଚିତ୍ରିତ କେତେ ଅସହଣୀ
ବିରହର ବର୍ଣ୍ଣମାଳା
ଶବ୍ଦର କୋମଳ ପରଶେ ବିଭୋର
ମିଳନର ମଧୁଶାଳା
ମହକରେ ଭରା ପ୍ରୀତିର ପାଖୁଡ଼ା
ସତେକି ଝରୁଛି ଫୁଟି ।
କୁହୁ କୁହୁ ଡାକି..

ଜାଣେନା କାହିଁକି ଆନମନା ହେଇ
ଏମିତି ଯାଇଛି ହଜି
ତୁମରି ଭାବନା ଭିତରେ ନିଜକୁ
ପାଇଛି ମୁଁ ଖୋଜି ଖୋଜି
ଶବ୍ଦରେ କରିଛ ସପନ ବିଳାସୀ
ସାତ ରଙ୍ଗ ଦେଇ ଭେଟି ।
କୁହୁ କୁହୁ ଡାକି ...

ତମେ ବି ହଜିଛ ସପନ ସହରେ
ନିଜକୁ ଭୁଲିଛ କେବେ
ମନକଥା ଯେତେ ମୋ ହୃଦୟ କାନ୍ଥେ
ଲେଖି ଦେଇଛ ନିରବେ
ଭଲ ପାଇବାର ଭାଷା କି ସୁନ୍ଦର
ଶବ୍ଦର ପରିପାଟୀ ॥
କୁହୁ କୁହୁ ଡାକି ...

+ ବଉଳ ଛକ,
ତାଳଚେର ଟାଉନ, ଅନୁଗୁଳ,
ମୋ-୯୩୩୭୯୭୨୭୪୯

## ପରିବର୍ତ୍ତନ

### ଦୀପକ କୁମାର ନାଏକ



ହୋଇଗଲେ ଦିନେ ଏ ମଣିଷ ବଡ଼
ଭୁଲିଯାଏ ପିଲାଦିନକୁ
ବିବାହ କରିବା ପରେ ଏ ମଣିଷ
ଭୁଲିଯାଏ ପିତାମାତାଙ୍କୁ !!
ଯେବେ ସିଏ ଦିନେ ହୋଇଯାଏ ବାପା
ଭୁଲିଯାଏ ଭାଇ ଭଉଣୀ
ହୋଇଗଲେ ଟଙ୍କା ମୁହଁ କରି ବଙ୍କା
ନପାରେ କାହାକୁ ଚିହ୍ନି !!
ଯେତେବେଳେ ସିଏ ହୋଇଯାଏ ଧନୀ
ଭୁଲିଯାଏ ସାଙ୍ଗ ସାଥି
ନ ଚିହ୍ନିବା ପରି ସେ ଅଭିନୟ କରେ
ଭୁଲି ଯାଏ ଗତି ମତି !!
ଗର୍ବରେ ନିଜକୁ ଇନ୍ଦ୍ର ଯେ ବୋଲାଏ
ବୁଝେ ନାହିଁ ଭଲ ମନ୍ଦ
ଯେତେ ସବୁ ଖରାପ୍ ଗୁଣ ବାଛି ଥାଏ
ଧନରେ ହୋଇଣ ଅନ୍ଧ !!
ଯେତେବେଳେ ସିଏ ହୋଇଯାଏ ବୃଦ୍ଧ
ମନେ ପଡ଼େ ଅତୀତକୁ
ଭୁଲି ଯାଇଥିବା ସଭିଙ୍କୁ ସେ ଖୋଜେ
ଅନୁତାପ କରି ନିଜକୁ !!

ଗ୍ରାମ-ଗଣ୍ଡାନାଳୀ,
ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮

# ଫୁଲବାଣୀରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

କନ୍ଧମାଳ,୯/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଉଦଘାଟନ କରିଥିଲେ ଏହି କାର୍ଯ୍ୟକ୍ରମରେ ରେଡକ୍ରସର୍ ଜନ୍ମଦାତା ଜହନହେନେରୀ ଡୁନାଣ୍ଟଙ୍କ ତୈଳଚିତ୍ର ରେ ପୁଷ୍ପମାଲ୍ୟ ଅପ୍ରଣ କରାଯିବା ପରେ ରକ୍ତଦାନ ଶିବିର ଆରମ୍ଭ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ରେଡକ୍ରସ୍ ସେକ୍ରେଟେରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ.ଜୟଦୀପ ଘୋଷ, ରାଜ୍ୟ ରେଡକ୍ରସ ସଦସ୍ୟ ତଥା ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା, ଫୁଲବାଣୀ ଶିକ୍ଷ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ସେଠୀ, ପ୍ରଶିକ୍ଷକ ନୃସିଂହାନନ୍ଦ ମହାପାତ୍ର ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ । ଶିବିରରେ ରକ୍ତଭଣ୍ଡାର କର୍ମଚାରୀ ତୁଷାରକାନ୍ତ ପ୍ରଧାନ, ଦିନକୃଷ୍ଣ ମହନ୍ତ,ସୂଜିତ କୁମାର ସାହୁ, ଲକ୍ଷ୍ମୀଧର ମଣ୍ଡଳ, ପ୍ରଶାନ୍ତ କୁମାର ରତ୍ନାଲୁ,ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିରରେ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସମେତ ପ୍ରଶାନ୍ତ କୁମାର ବେହେରା, ଡ.ନୃସିଂହାନନ୍ଦ ମହାପାତ୍ର ଓ ଶ୍ରୀମତୀ ମଧୁସ୍ମିତା ସିଂ,ଦେବାଶିସ ମଲ୍ଲିକ,ସୁଶାନ୍ତ କୁମାର ସାହୁ,ରଶ୍ମିରଞ୍ଜନ ବେହେରା, ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ସମେତ ଫୁଲବାଣୀ ପଲିଟେକନିକ୍ କଲେଜର ଛାତ୍ର ମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଏହି ଶିବିରରେ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିର ରେ ଅନୁଷ୍ଠାନର ଏସ.ଏନ ତରାଇ, ରଶ୍ମିରଞ୍ଜନ ବେହେରା, କମଳକୁମାର ସ୍ୱାଇଁ, ପ୍ରମୁଖ ସହାୟତା କରିଥିଲେ ।

## ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ସ୍ୱାଭିମାନ ଅଂଚଳ ଗସ୍ତ

ମାଲକାନଗିରି,୯/୦୫ (ନି.ପ୍ର): ମାଲକାନଗିରି ଆଇ ଟି ଡି ଏ ର ପ୍ରକଳ୍ପ ପ୍ରଶାସକ ଭାବେ ତ୍ରିନାଥ ମାଝୀ ଦାୟିତ୍ୱ ଗ୍ରହଣ ପରେ ପ୍ରଥମେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ଗସ୍ତ କରି ସ୍ୱାଭିମାନ ଅଂଚଳର ବଡ଼ପଦ଼ା , ପାପରମେଟେଲା , ଯନ୍ତ୍ରାପାଇ , ଗୋରାସେତୁ , ଯୋଡ଼ାମ୍ବ ଗ୍ରାମପରିଦର୍ଶନ କରି ବିଭାଗ ଦ୍ୱାରା ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ । ତତ ସହ ସ୍ୱାଭିମାନ ଅଂଚଳର ବଡ଼ପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଂଚି ପିଲାଙ୍କ ପାଠ ପଢ଼ା ସମ୍ପର୍କରେ ଆଲୋଚନା କରିବା ସହିତ ବିଦ୍ୟାଳୟ ପରିଦର୍ଶନ କରି ପିଲାଙ୍କୁ ପାଠ ପଚାରିଥିଲେ ଏବଂ ବିଦ୍ୟାଳୟ ର ସ୍ଥିତି ସମ୍ପର୍କରେ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ । ଉକ୍ତ ବିଦ୍ୟାଳୟଟି ଆବାସିକ ବିଦ୍ୟାଳୟ ହୋଇଥିବାରୁ ପିଲା ମାନଙ୍କ ରହିବା ଓ ଖାଇବାରେ କୋଣସି ସମସ୍ୟା ରହିଛି କି ସେ ସମ୍ପର୍କରେ ତଦାରଖ କରିଥିଲେ । ସ୍ୱାଭିମାନ ଅଂଚଳରେ ଶିକ୍ଷା ବିକାଶରେ ସୁଧାର ନିମନ୍ତେ ବିଭିନ୍ନ ପଦକ୍ଷେପ ପାଇଁ ପ୍ରସ୍ତାବ ରଖୁ ବିଭିନ୍ନ ପରାମର୍ଶ ଦେଇଥିଲେ ।

# ଓଡିଶା ଗୋଷ୍ଠି ସହାୟିକା ସଂଘର ପୁଇଁନ୍ତଲା ବ୍ଲକ କମିଟି ଗଠନ

ବଲାଙ୍ଗିର,୯/୦୫ (ନି.ପ୍ର): ମଳମୁଣ୍ଡା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବଲାଙ୍ଗିର ଜିଲ୍ଲା ଏଆଇଟିୟୁସି ନେତୃତ୍ୱରେ ପୁଇଁନ୍ତଲା ବ୍ଲକ ଗୋଷ୍ଠି ସହାୟିକା ସଂଘର, ବଲାଙ୍ଗିର ଜିଲ୍ଲା କମିଟି ସଂପାଦିକା ସାଥୀ ଲକି ହୋତାଙ୍କ ସଭାପତିତ୍ୱରେ ଏବଂ ସାଥୀ ସଭ୍ୟା ତନ୍ତିଙ୍କ ସଂଯୋଜନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ବିଭୁଦତ ମିଶ୍ର, ସମ୍ମାନିତ ଅତିଥି ଭାବେ ଏଆଇଟିୟୁସି ଜିଲ୍ଲା ଉପ-ସଭାପତି ସାଥୀ ତିର୍ଥ ପ୍ରଧାନ, ଉପଦେଷ୍ଟା ଦୁର୍ଯ୍ୟୋଧନ ବିଶ୍ୱାଳ, ଜ୍ୟୋତିଷ ହୋତା, ମହେଶ୍ୱର ତ୍ରିପାଠି, ଜିଲ୍ଲା କୋଷାଧକ୍ଷ ସାଥୀ ପାର୍ବତି ତ୍ରିପାଠି ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସଂଗଠନକୁ ଆହୁରି ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ । ଗୋଷ୍ଠି ସହାୟିକା ସଂଘର ପୁଇଁନ୍ତଲା ବ୍ଲକ କମିଟି ଗଠନ କରାଯାଇ, ସଭାପତି ଭାବେ ସାଥୀ ସକୁନ୍ତଳା ହରପାଲ, ସଂପାଦିକା ଆନନ୍ଦିନୀ ତାଣ୍ଡି, ଉପ-ସଭାପତି ପଦ୍ମାସିନୀ ପଣ୍ଡା, ସହ-ସଂପାଦିକା ସଭ୍ୟା ତନ୍ତି ଏବଂ କୋଷାଧକ୍ଷା ରୂପେ ସାଥୀ ସଂଯୁକ୍ତା ପଟେଲଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଗଲା । କର୍ମ କ୍ଷେତ୍ରରେ ପ୍ରତ୍ୟେକ ମାସରେ ନିୟମିତ ପ୍ରୋତ୍ସାହନ ରାଶି ପାଇ ପାରୁନଥିବା ସମ୍ବନ୍ଧେ ସଭାରେ ଆଲୋଚନା କରାଯାଇ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## ମହିଳା ଗୋଷ୍ଠୀ ପକ୍ଷରୁ ମାତୃ ଦିବସ ପାଳିତ

ଖୋର୍ଦ୍ଧା,୯/୦୫ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଂଚାୟତ ଅଧିନ ଉଇଲକିଶନ ନଗର ଗ୍ରାମରେ ଶୁଭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପବିତ୍ର ମାତୃ ଦିବସ ପାଳିତ ହୋଇଯାଇଛି । ଶୁଭ ଗୋଷ୍ଠୀର ସଭାପତି କଲ୍ୟାଣୀ ଦଳେଇଙ୍କ ସଭାପତିତ୍ୱ ରେ ସି ଆର ପି ସନ୍ତୋସିନି ସାହୁ, ଶୁଭ ଗୋଷ୍ଠୀ ର ସମ୍ପାଦକ ମମତା ସାହୁ ପ୍ରମୁଖ ଉପସ୍ଥିତ ରହି ମାତୃ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ ।ବିଶେଷ କରି ମା 'ର ସ୍ନେହ ମା, ଆଦର ଭଲପାଇବା ସବୁବେଳେ ବନ୍ଦନୀୟ । ମା'ଯୁଗେ ଯୁଗେ ବନ୍ଦିତ । ଜାତି , ଭାଷା, ସଂସ୍କୃତି, ସରାଗ, ଆଶୀର୍ବାଦ, ସୀମା ସରହଦର ଉର୍ଦ୍ଧରେ ମାଆ ।ମା ନିକଟରେ ନିଜ ସନ୍ତାନମଧରେ କୌଣସି ଫରକ ନ ଥାଏ ।ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ ଯିଏ ସେ ହେଉଛି ମା । ଆଜିର ଯୁଗରେ ବି ମା ର ଡାକରେ ରହିଛି କୋମଳତା, ମାଆ ଶବ୍ଦ ରେ ଭରିରହିଛି ମାଧୁର୍ଯ୍ୟ ଆମେ ମହିଳାମାନେ ଝିଅ, ଭଉଣୀ, ସ୍ତ୍ରୀ, ଭାଉଜ, ଭାଣେଜି, ମାଆ, ଆଜି ଅନେକ ରୂପରେ ଏ ସଂସାରରେ ବିଦିତ । ତେଣୁ ଆମେ ମାତୃତ୍ୱ ଦିବସର ମହତ୍ୱ କୁ ବୁଝି ନିଜ ପରିବାର,ସମାଜ ପାଇଁ କିଛି କରିବା ପାଇଁ ଆଜି ପ୍ରତିଶୃତିବଦ୍ଧ ହେବାକୁ ଦରକାର ବୋଲି ମତ ପ୍ରକାଶ ପାଇଥିଲା ଏହି ଅବସରେ ସେବତି ପ୍ରଧାନ, ଖଡିକା ବିଶ୍ୱାଳ, ଗୀତା ବିଶ୍ୱାଳ,ସଂଜୁ ଦେଇ,ସୁନ୍ଦରି ବେହେରା,ଉର୍ମିଳା ବେହେରା,,ମମତା ପ୍ରଧାନ,ଗୀତା ପ୍ରଧାନ, ଓ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ ।

# ସ୍କୁଲ ଯିବ ବାପା ମା' ଛେଉଣ୍ଡ ଶିଶୁ ରାଜେଶ

ଭବାନୀପାଟଣା,୯/୦୫ (ନି.ପ୍ର): ଛୋଟ ଛୋଟ ଶିଶୁ ମାନେ କିପରି ବିଦ୍ୟାଳୟ ମୁହାଁ ହେବେ ସେଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିଛନ୍ତି । ପିଲା ମାନଙ୍କୁ ବହି ବସ୍ତାନି ଠାରୁ ଆରମ୍ଭ କରି ଖାଇବା ଓ ଡ୍ରେସ ମଧ ଦେଉଛନ୍ତି, ହେଲେ ଗାଁ ମାନଙ୍କରେ କିଛିପିଲା ପାଠ ପଢ଼ାରୁ ବଂଚିତ ହେଉଛନ୍ତି । ଏହିପରି ଏକ ସମସ୍ୟା ଦେଖିବାକୁ ମିଳିଥିଲା ଭବାନୀପାଟଣା ବ୍ଲକ ତିଳଯୋଡି ଗାଁର ହରିଜନ ପଡା ଠାରେ । ରାଜେଶ ପୁଝାରୀ ନାମକ ଏକ ଶିଶୁ ଜନ୍ମରୁ ସ୍କୁଲ ଦୁଆର ମୁହଁ ଦେଖିନଥିଲା । ନିଜର ବୋଲି ନାଁ ବାପା ଅଛି ନାଁ ମା ଅଛି । ସେ ଜନ୍ମ ହେଲାପରେ ବାପ କିଏ ମା କିଏ ଜାଣି ନାହିଁ । ନିଜର ଜେଜେ ବାପା ଗୁଣ ପରାଭୋଇଙ୍କ ଠାରେ ସେ ରହିଆସୁଛି । ଜେଜେ ହାତୁଡି ପିଟି ଯାହା ରୋଜଗାର କରେ ସେଥିରେ ଦୁଇଜଣ ଖୁସିରେ ଚଳି ଯାଆନ୍ତି । ରାଜେଶ ମଧ ତାଙ୍କର ଅଜାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରନ୍ତି । ରାଜେଶ ସ୍କୁଲ ଯାଉନଥିବା ଜାଣି ସମାଜସେବୀ ଯଶୋବନ୍ତ ରଣା ତାଙ୍କର ପାଖକୁ ଯାଇ ସବୁ ସମସ୍ୟା ବିଷୟରେ ପରେ ଅଙ୍ଗନବାଡି ଦିଦିଙ୍କ ଠାରୁ ବିଦ୍ୟାଳୟ ପରିତ୍ୟାଗ ପତ୍ର ଆଣି ତାଙ୍କୁ ତିଳଯୋଡି ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖେଇଦେବାକୁ ପ୍ରତିଶୃତି ଦେଇଥିଲେ । ରାଜେଶ ପଢିବାକୁ ଇଚ୍ଛା ପ୍ରକାଶ କରିଥିବାରୁ ତାଙ୍କର ଜେଜେ ମଧ ପଢେଇବାକୁ ରାଜି ହୋଇଥିଲେ । ସମାଜସେବୀ ଯଶୋବନ୍ତ ରଣା ଗତ ୫ ତାରିଖରେ ଗଣ୍ଡବରାଝୋଲା ସରପଂଚ ମୁରଲି ପ୍ରଧାନ, ଶିକ୍ଷକ ଭୁବନହରି ପ୍ରଧାନ, ମହେନ୍ଦ୍ର ନାଏକଙ୍କ ଉପସ୍ଥିତିରେ ତିଳଯୋଡି ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ରାଜେଶର ଆଡ଼ମିସନ କରିଦେଇଛନ୍ତି । ସ୍କୁଲ ପକ୍ଷରୁ ତାଙ୍କୁ ଏକ ହଳ ଜୋତା ସହ ଏକ ହଳ ଡ୍ରେସ ଦିଆଯାଇଛଟି । ରାଜେଶ କୌତୁହଳ ହୋଇ ପ୍ରତିଦିନ ସ୍କୁଲ ଯିବ ବୋଲି ଶିକ୍ଷକଙ୍କ ପାଖରେ କହିଛନ୍ତି । ସମାଜସେବୀଙ୍କ ଏହିପରି କାର୍ଯ୍ୟକୁ ଗ୍ରାମବାସୀ ସାଧୁବାଦ ଜଣେଇଛନ୍ତି ।

# ଶ୍ରୀ ବଳଦେବଜୀଉଙ୍କ ବଡଦାଣ୍ଡ ଉନ୍ନତିକରଣ ପ୍ରକଳ୍ପର ଶୁଭାରମ୍ଭ

କେନ୍ଦୁଝର ,୯/୦୫ (ନି.ପ୍ର): କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉ ଙ୍କର ଐତିହ୍ୟସ ପୀଠସ୍ଥଳୀର ଉନ୍ନତି କରଣର ଶୁଭରମ୍ଭ ହୋଇଛି । ଏଥିପାଇଁ ଶ୍ରୀ ବଳଦେବଜୀଉଙ୍କର ବଡମନ୍ଦିର ,ବଡଦାଣ୍ଡ , ଓ ପାରିପାର୍ଶ୍ୱିକ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର କାମ ଆରମ୍ଭ ହେବାକୁ ଯାଉଡିବା କଥା ଜିଲ୍ଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି । କେନ୍ଦୁଝର ଗଡ ପୁରୁଣା ସହର ଏହି ଉପଲକ୍ଷେ କେନ୍ଦୁଝର ଗଡ ପୁରୁଣା ସରରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଠାକରେ ଏ ସଂପର୍କରେ ସବିଶେଷ ସୂଚନା ଦେଇ କହିଥିଲେ ଯେ ଶ୍ରୀ ବଳଦେବଜୀଉଙ୍କ ର ବଡଦାଣ୍ଡ ଅତି ସୁନ୍ଦର । ମନ୍ଦିର , ବଡଦାଣ୍ଡ ଓ ପୁରୁଣା ସହରର ଏକ ଗାରିମାମୟ ଇତିହାସ ଓ ଐତିହ ରହିଛି । ଆଧ୍ୟାତ୍ମିକ ଓ ସଂସ୍କୃତକୁ ଭିତିକରି ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାନୁଯାୟୀ କାର୍ଯ୍ୟକ୍ରମ ଚାଲୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ମନ୍ଦିର ପରିସର କାର୍ଯ୍ୟ ଅତିଶିଘ୍ର ଶେଷ ହୋଇଯିବା ସହ ଅନ୍ୟାନ୍ୟ ଅନୁସଙ୍ଗିକ ଉନ୍ନତିକରଣ କାମ ଶିଘ୍ର ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ପରିପ୍ରେକ୍ଷିରେ ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯେଜନାବଦ୍ଧ ଭାବେ ପ୍ରକଳ୍ପ ପ୍ରସ୍ତୁତ ଯାଇଛି । ଏବଂ ଏହାର କାର୍ଯ୍ୟ ଆଗାମୀ ରଥଯାତ୍ରା ପୂର୍ବରୁ ଶେଷ କରାଯିବା ଯୋଜନା ରଖାଯାଇଛି । ବଡଦାଣ୍ଡର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ସ୍ୱରୂପ ବିଭିନ୍ନ ପ୍ରକାର ଫୁଲର ଚିତ୍ର ,ପାରମ୍ପାରିକ କଳା , ବଡଦାଣ୍ଡ ପାର୍ଶ୍ୱରେ ଲାଇଟ ପୋଷ୍ଟରେ ଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶର ପଟ୍ଟଚିତ୍ର ପ୍ରଦର୍ଶନ , ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତା . ଯୋଜନାବଦ୍ଧ ଭେଣ୍ଡିଂ ଜୋନ , ମାଉସୀ ମା ମନ୍ଦିର ର ପାରିପାର୍ଶ୍ୱିକ ଉନ୍ନୟନ , ଡ୍ରେନ ଉପରେ ଘୋଡଣୀ , ହାଡବନ୍ଧ ପୋଖରୀର ବିକାଶ , ପାଠାଗରର ବିକାଶ , ମୁକ୍ତକାଶ ଅବସର ବିନୋଦନ ବ୍ୟବସ୍ଥା , ବଡଦାଣ୍ଡ ପାର୍ଶ୍ୱରେ ଭକ୍ତି ଭାବନା ସୃଷ୍ଟିକାରୀ ବାତାବରଣ , ଆଲୋକୀକରଣ ବ୍ୟବସ୍ଥା , ତଥା ଆନୁସଙ୍ଗୀକ ବିକାଶ କରାଯିବ ଯଦ୍ୱାରା ବଡଦାଣ୍ଡ ଏକ ନୂଆ ରୂପରେ ଜଳସୀବ ବୋଲି ଜିଲ୍ଲାପାଳ କହିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ , ଦେବତର , ପୁରୁଣା ସହରବାସୀ , ବରିଷ୍ଠ ନାଗରିକ , ସେବାୟତ , ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ସମୟରେ ଅକୁଣ୍ଠ ସହେଯାଗ ଯୋଗାଇ ଥିବାରୁ ଜିଲ୍ଲାପାଳ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# କେନ୍ଦ୍ରାପଡା ଝିଅ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ଟପ୍ପର

କେନ୍ଦ୍ରାପଡ଼ା,୯/୦୫ (ନି.ପ୍ର): କେନ୍ଦ୍ରାପଡାର ସୁନେଇଲୋ ଗ୍ରାମର ଇପ୍ସିତା ମିଶ୍ର ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ଇଂରାଜୀ ବିଭାଗରେ ସ୍ନାତକୋ ତ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତନ ଉତ୍ସବ ତଥା ଉପାଧି ପ୍ରଦାନ ସମାବେଶରେ ଓଡିଶା ହାଇକୋର୍ଟର ବିଚାରପତି ଡଃ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଇପ୍ସିତା ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ । ଏହି ପଦକଗୁଡିକ ମଧ୍ୟରେ ଦିୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି ମେମୋରିଆଲ, ଗିରିଜାଶଙ୍କର ରାୟ ମେମୋରିଆଲ୍, କିର୍ତନ ବିହାରୀ ପଟ୍ଟନାୟକ ମେମୋରିଆଲ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିପରି ୪ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । ତାଙ୍କର ବାପା ଡା. କିଶୋର ଚନ୍ଦ୍ର ମିଶ୍ର କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ କାର୍ଯ୍ୟରତ ଥିବା ବେଳେ ମା କଳ୍ପନା ମିଶ୍ର ପଦାର୍ଥ ବିଜ୍ଞାନରେ ସ୍ନାତକୋତର କରିଛନ୍ତି । ଇପ୍ସିତାଙ୍କ ଭାଇ ଅଂଶୁମାନ ମିଶ୍ର ୨୦୧୫ରେ ସିଭିଲ ସର୍ଭିସ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ସେ ଆଇଆରପିଏସ୍ (ଇଣ୍ଡିଆନ ରେଲୱେ ପର୍ସନେଲ ସର୍ଭିସ) । ଏବେ ରେଳ ବିଭାଗ ନାଗପୁରରେ ଡିଆରଏମ୍ ଅଛନ୍ତି । ଇପ୍ସିତା ସଫଳତାର ସମସ୍ତ ଶ୍ରେୟ ତାଙ୍କ ମା' କଳ୍ପନା ମିଶ୍ର ଏବଂ ବାପା କିଶୋର ମିଶ୍ରଙ୍କୁ ଦେଇଛନ୍ତି । ସେ କେନ୍ଦ୍ରାପଡା ସେ ଜୋସେଫ୍ ସ୍କୁଲରୁ ପାଠପଢା ଆରମ୍ଭ କରି ୟୁନିଟ- ୮ ଡିଏଭି ପବ୍ଲିକ ସ୍କୁଲରୁ ସଫଳତା ସହ ମ୍ୟାଟ୍ରିକରେ ଉତୀର୍ଣ୍ଣ ହେବାପରେ ରମାଦେବୀ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତର ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ଇପ୍ସିତା ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଜୁକେଶନରୁ ବିଏଡ୍ ମଧ କରିଛନ୍ତି । ଭବିଷ୍ୟତରେ ଇଂରାଜୀ ବିଭାଗରେ ପ୍ରଫେସର ହେବେ ବୋଲି ଲକ୍ଷ ରଖିଥିବା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ଓଡିଶାର ପିଲାଙ୍କୁ ଉଚ୍ଚମାନର ଇଂରାଜୀ ଶିକ୍ଷା ଦେବା ପାଇଁ ଲକ୍ଷ ରଖିଛନ୍ତି । ଏହି ସଫଳତା ସମଗ୍ର କେନ୍ଦ୍ରାପଡ଼ା ଜିଲାର ଗର୍ବ ଓ ଗୌରବକୁ ବହୁଗୁଣିତ କରିଛି ।

# ୫ ଜଣିଆ ଡାକ୍ତରୀ ଦଳ ପରୀକ୍ଷା କଲେ ଚିଲିକା ବିଧାୟକଙ୍କ ସ୍ୱାସ୍ଥ୍ୟବସ୍ଥା

ଖୋର୍ଦ୍ଧା,୯/୦୫ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କର ରବିବାର ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥାର ରିପୋର୍ଟ ଦେବାକୁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ରହିଛି । ତେଣୁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶକ୍ରମେ ଆଜି ଚିଲିକା ବିଧାୟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ତେବେ ଚିଲିକା ବିଧାୟକ ଦ୍ୱିତୀୟ ଥର ଅନ୍ତରୀଣ ଜାମିନରେ ଅଛନ୍ତି । ଖୋର୍ଦ୍ଧା ହସ୍ପିଟାଲରେ ବିଧାୟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ୫ ଜଣିଆ ଡାକ୍ତରୀ ଟିମ ବିଧାୟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ସମୟରେ ଲୋକଙ୍କ ଉପରେ ଗାଡି ଚଢାଇଥିବା ଘଟଣାରେ ଚିଲିକା ବିଧାୟକଙ୍କୁ ଜେଲ ହୋଇଥିଲା । ସ୍ୱାସ୍ଥ୍ୟ ଜନିତ କାରଣରୁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା । ତାଙ୍କୁ ୭ ଦିନ ପାଇଁ ପ୍ରଥମ ଅନ୍ତରୀଣ ଜାମିନ ମିଳିଥିଲା ।ଏପରିକି ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ଆଉ ଅଧିକ ୭ ଦିନ ପାଇଁ ଉଚ୍ଚ ନ୍ୟାୟଳୟ ଅନ୍ତରୀଣ ଜାମିନ ବଢ଼ାଇଛନ୍ତି । ତେବେ ଗତ ବୁଧବାର ଦିନ ବିଧାୟକଙ୍କ ଅନ୍ତରୀଣ ଜାମିନ ଅବଧି ଶେଷ ହେଉଥିବାରୁ ତାଙ୍କୁ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାକୁ ଥିଲା । ହେଲେ ଚିକିତ୍ସା ଜାରି ରହିଥିବାରୁ ବିଧାୟକଙ୍କ ଓକିଲ ଅନ୍ତରୀଣ ଜାମିନ ଅବଧିକୁ ବଢାଇବା ପାଇଁ ଉଚ୍ଚ ନ୍ୟାୟାଳୟରେ ଏକ ପିଟିସନ ଦାଖଲ କରିଥିଲେ । ତେଣୁ ବିଧାୟକ ଜଗଦେବଙ୍କୁ ଉଚ୍ଚ ନ୍ୟାୟାଳୟ ଆଉ ଏକ ସପ୍ତାହ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ । ତେବେ ମଇ ୧୦ ତାରିଖ ଯାଏଁ ବିଧାୟକଙ୍କୁ ଅନ୍ତରୀଣ ଜାମିନ ମିଳିଛି ।

# ବଲାଙ୍ଗୀର ଯାଦବ ସମାଜ ପକ୍ଷରୁ ପଂଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ସଭା

ବଲାଙ୍ଗିର,୯/୦୫ (ନି.ପ୍ର): ବଲାଙ୍ଗିର ଯାଦବ ଭବନ ଠାରେ ଜିଲ୍ଲା ଯାଦବ ମହାସଭା ବଲାଙ୍ଗିର ତରଫରୁ ପଂଚାୟତ ଓ ପୌର ନିର୍ବାଚନରେ ନବ ନିର୍ବାଚିତ ହୋଇଥିବା ଯାଦବ ଲୋକ ପ୍ରତିନିଧିମାନଙ୍କ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବଲାଙ୍ଗିର ଜିଲ୍ଲାର ପଂଚାୟତ ଓ ପୌର ନିର୍ବାଚନରେ ନିର୍ବାଚିତ ହୋଇଥିବା ଜିଲ୍ଲା ପରିଷଦ, ଚେୟାରମେନ, ସରପଂଚ, ସମିତି ସଭ୍ୟ / ସଭ୍ୟା ଓ କାଉନସିଲରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗିର ଜିଲ୍ଲାର ୪ ଟି ଜିଲ୍ଲା ପରିଷଦ, ୧୬ ଟି ସମିତି ସଭ୍ୟ, ୨୮ ସରପଂଚ, ୫ ଜଣ କାଉନସିଲର, ଜଣେ ବ୍ଲକ ଅଧକ୍ଷ ଓ ଜଣେ ବ୍ଲକ ଉପାଧକ୍ଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଆଗାମୀ ଦିନରେ ଅବହେଳିତ, ନିଷ୍ପେଷିତମାନଙ୍କ ପାଇଁ ଓ ସରକାରଙ୍କ ସରକାରୀ ସୁବିଧା କେମିତି ସହଜରେ ଲୋକଙ୍କ ପାଖକୁ ପହଂଚି ପାରିବ, ସମାଜର ସମସ୍ତେ ଏକ ହୋଇ ଆଗାମୀ ଦିନରେ କେମିତି ଲୋକ ପ୍ରତିନିଧି ସମାଜର ସେବା ପାଇଁ ଆସି ପରିବେ ସେ ସମ୍ବନ୍ଧରେ ବକ୍ତାମାନେ ନିଜର ମନ୍ତବ୍ୟ ରଖିଥିଲେ । ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁପାର ଠେଲା ସଭାପତି ଜିଲ୍ଲା ପରିଷଦ ସୋନପୁର, ମୁଖ୍ୟବକ୍ତା ମଗବାନ ବାଗ ତହସିଲଦାର ବଲାଙ୍ଗିର, ମଂଚାସିନ ଥିଲେ ପରମାନନ୍ଦ ହାତି ସଭାପତି ଜିଲ୍ଲା ଯାଦବ ମହାସଭା, ଦମୟନ୍ତି ବାଗ ବିଜେଡି ମହିଳା ସଭାପତି, ମନୋଜ ହାତି ସଂଯୋଜକ, ଲକ୍ଷ୍ମଣ ବାଗ ରାଜ୍ୟ ସଭାପତି ପ୍ରୋଜେକ୍ଟ ସେଲ, ସତ୍ୟନାରାୟଣ ବାଗ ଉପଦେଷ୍ଟା, ଦିଲିପ ରାଜପଲିଆ ଯୁବ ସଭାପତି, ସରିତା ବାଗ ଅଧକ୍ଷା ବଲାଙ୍ଗିର ବ୍ଲକ ଥିବା ବେଳେ ଗୌରଚନ୍ଦ୍ର ରାଜପଲିଆ, ଗିତା ବିଶି, ସୁବ୍ରତ ନାଗ, ଶ୍ରୀପତି ବାଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସନ୍ଦିପ ବାଗ, ଜୟଦେବ ଜାଲ, ଦିନେଶ ନାଗ, ଅଷ୍ଟମି ନାଗ, ବିରେନ୍ଦ୍ର ପାଣ୍ଡେ, ବିଘ୍ନେଶ୍ୱର କାଳସାଏ ପ୍ରମୁଖ ସହଯୋଗ କରିଥିଲେ । ସଭା ପରିଚାଳନା କରିଥିଲେ ବିନୋଦ କୁମାର କାଳସାଏ । ହରେଶ ବଗର୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝରରେ ବିଶ୍ୱ ରେଡକ୍ରସ ଦିବସ ପାଳନ

କେନ୍ଦୁଝର ,୯/୦୫ (ନି.ପ୍ର): ଭାରତୀୟ ରେଡକ୍ରସ ସଂସ୍ଥା , କେନ୍ଦୁଝର ଜିଲ୍ଲା ଶାଖା ଆନୁକୂଲ୍ୟରେ ଜିଲ୍ଲା ସଦର ମହକୁମାରେ ବିଶ୍ୱ ରେଡକ୍ରସ ଦିବସ ଚଳିତ ମେ ମାସ ୮ ତାରିଖରେ ପାଳିତ ହୋଇଛି । ହେି ଉପଲେକ୍ଷ ଦରବାର ହଲ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକରେ ରେଡକ୍ରସର ଜନକ ସାର ହେନେରୀ ଡୁନାଟଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ମହନୀୟ ମାନବୀୟ କାର୍ଯ୍ୟ ପାଇଁ ରେଡକ୍ରସ ଏକ ବିଶ୍ୱବିଦିତ ସଂସ୍ଥାର ମାନ୍ୟତା ପାଇଛି ଏବଂ ବିଶ୍ୱର କୋଣ ଅନୁକୋଣରେ ନିଜର ସ୍ଥିତି ଓ ଲୋକପ୍ରିୟତା ଜାହିର କରିପାରିଛି ବୋଲି କହିଥିଲେ । ରେଡକ୍ରସ ସଂସ୍ଥା ମାନବିକତା , ବିଶ୍ୱବ୍ୟାପକତା, ନୀରପେକ୍ଷତା, ସ୍ୱଚ୍ଛେକୃତ ସେବା, ସ୍ୱଧୀନତା ଓ ଏକତାନୀତି ଉପରେ ଆଧାରିତ । ଏହା ଦୁସ୍ଥ ଓ ପୀଡିତଙ୍କ ସେବାରେ ସମର୍ପିତ । ବିଶ୍ୱର ସମସ୍ତଙ୍କ ସ୍ୱାସ୍ଥ ବିଭିନ୍ନ ରୋଗର ନିରାକରଣ , ପ୍ରାକୃତିକ ବିପ ର୍ଯ୍ୟୟ ସମୟରେ ସାହାର୍ଯ୍ୟ ଓ ଯୁଦ୍ଧ ଓ ଯୁଦ୍ଧ ର ପରବର୍ତୀ ସମୟରେ ଆହତଙ୍କୁ ଯଥାଯଥ ସାହାର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ରେଡକ୍ରସର ଭୁମିକା ଅତୀବ ପ୍ରଶଂସନୀୟ । ଏଣୁ ରେଡକ୍ରସର ଆଦର୍ଶରେ ଅନୁପ୍ରେଣିତ ହୋଇ ରେଡକ୍ରସ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ ଜିଲ୍ଲାପାଳ ଠାକରେ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥୀ ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ , କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ , ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡଃ। ସୁଜାତାରାଣୀ ମିଶ୍ର ରେଡକ୍ରସର ମୌଳିକ ଚିନ୍ତାଧାରା , ଲକ୍ଷ୍ୟ , ଆଦର୍ଶ ଉପରେ ବିଶଦ ଭାବେ ଆଲୋଚନା କରି ଚଳିତ ବର୍ଷର ଶୀର୍ଷକ ବି ହ୍ୟୁ ମ୍ୟନ ମାଇଣ୍ଡ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା କାର୍ଯ୍ୟାଳୟର ଆପତକାଳୀନ ଅଧିକାରୀ ତଥା ଭାରତୀୟ ରେଡକ୍ରସ ସଂସ୍ଥା , କେନ୍ଦୁଝର ଜିଲ୍ଲା ଶାଖା ସଂପାଦକ ସୁରଞ୍ଜିକା ବେହେରା ଜିଲ୍ଲା ରେଡକ୍ରସ ଶାଖାର କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିବା ସହ ଅଧ୍ୟକ୍ଷଙ୍କ ନେତୃତ୍ୱରେ ବିଶ୍ୱମହାମାରୀ କୋଭିଡ ସମୟରେ ହାତକୁ ନିଆଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ରେଡକ୍ରସ ସଂସ୍ଥାର ଯୁଗ୍ମ ସଂପାଦକ ଏ.ଆର.ଖାନ ସମାରୋହ ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଠାକରେ ନୂତନ ଆଜୀବନ ସଦସ୍ୟଙ୍କୁ ସଦସ୍ୟତା ପ୍ରମାଣପତ୍ର ପ୍ରଦାନ କରିବା ସହ ରେଡକ୍ରସ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଂଚଳୀକ ପରିବହନ ଅଧିକାରୀ , କେନ୍ଦୁଝର , ଓ ଏ. ଆର. ଟି.ଓ. ବଡବିଲ , ତହସିଲଦାର ବାଂଶପାଳ , ବେସାମରିକ ଯୋଗାଣ ଅଧିକାରୀ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଡେପୁଟି କଲେକ୍ଟର ଜୁଡିସିଆଲ ଙ୍କୁ ସଂବର୍ଦ୍ଧିତ କରାଯାଇଥିଲା ।

# ବ୍ରହ୍ମପୁର ସହରରେ ପୋଲିସର ନାକାବନ୍ଦୀ: ଧରାପଡିଲେ ୩୦ ମଦୁଆ ଗାଡି ଚାଳକ, ୩୧୫ ଲିଟର ମଦ ଜବତ

ଗଞ୍ଜାମ,୯/୦୫ (ନି.ପ୍ର): ବ୍ରହ୍ମପୁର ପୋଲିସ ପକ୍ଷରୁ ଗତକାଲି ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ସେହିପରି ସହରର ପ୍ରବେଶ ପଥ ଗୁଡିକରେ ନାକାବନ୍ଦୀ କରି ପୋଲିସ ଜଗିବା ସହ ଯାତାୟାତ କରୁଥିବା ଗାଡି ଚାଳକଙ୍କୁ ଅଟକାଇ ଯାଂଚ୍ କରିଛି । ଏହି ଯାଂଚ୍ ବେଳେ ୩୦ ଜଣ ମଦୁଆ ଗାଡି ଚାଳକ ପୋଲିସ ହାତରେ ଧରାପଡିଛନ୍ତି । ସେମାନଙ୍କୁ ଗିରଫ କରାଯିବା ସହ ଗାଡି ଜବତ କରାଯାଇଥିବା ନେଇ ବ୍ରହ୍ମପୁର ପୋଲିସ ଏସପି ଡଃ. ସର୍ବଣା ବିବେକ ଏମ. ଟ୍ୱିଟ୍ ରେ ଉଲ୍ଲେଖ କରିଛନ୍ତି ।

ଗତକାଲି ରାତି ୧୦ଟା ଠାରୁ ଏହି ନାକାବନ୍ଦୀ ଆରମ୍ଭ ହୋଇଥିଲା । ଜାତୀୟ ରାଜପଥ କଡ଼ ଲାଞ୍ଜିପଲ୍ଲୀ ବାଇପାସ୍ ସମେତ ସଦର ଥାନା ପୋଲିସ ପକ୍ଷରୁ ବ୍ରଜନଗର ଛକ ଠାରେ ନାକା କରାଯାଇଥିଲା । ସେହିପରି ସହରର ଅନ୍ୟାନ୍ୟ ଥାନା ଇଲାକାରେ ମଧ ପୋଲିସ ପକ୍ଷରୁ ନାକା କରାଯାଇ ମଦୁଆ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଥିଲା । ଗୋପାଳପୁର ପୋଲିସ ପକ୍ଷରୁ ତୁରା ଛକ ଠାରେ ନାକା ହୋଇଥିଲା । ବ୍ରହ୍ମପୁର ଏସପି ଡଃ. ସର୍ବଣା ବିବେକ ଏମ. ରାତିରେ ସହର ସାରା ବୁଲି ସ୍ଥିତି ଅନୁଧାନ କରିଥିବା ଜଣାପଡିଛି । ଗତକାଲି ଗୋଟିଏ ଦିନରେ ପୋଲିସ ପକ୍ଷରୁ ପୃଥକ୍ ପୃଥକ୍ ୨୩ଟି ଅବକାରୀ ମାମଲା ରୁଜୁ କରାଯିବା ସହ ଘଟଣାରେ ୨୩ ଜଣଙ୍କୁ ଗିରଫ କରାଯାଇଛି । ବ୍ରହ୍ମପୁର ସହରର ବିଭିନ୍ନ ଥାନା ଇଲାକାରୁ ୨୩ଟି ସ୍ଥାନରେ ଅବକାରୀ ଚଢ଼ଉ କରାଯାଇ ପ୍ରାୟ ୩୧୫ ଲିଟର ମଦ ଜବତ ହୋଇଥିବା ସୂଚନା ମିଳିଛି । ୨୦୧ ଟି ଗାଡିକୁ ୨ ଲକ୍ଷ ୧୫ ଶହ ଟଙ୍କାର ଚାଲାଣ କଟାଯାଇଛି । ଅନୁରୂପ ଭାବେ ୫ ଜଣ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯିବାକୁ ସୁପାରିଶ କରାଯାଇଛି ।

# ଆଇନ ସଚେତନତା ଶିବିର

ଜୟପୁର,୯/୦୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଭର୍ଚୁଆଲ୍ ମାଧମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବାର୍ତା ଥିଲା ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଉଦ୍ଦେଶ୍ୟ ହେଉଛି ଚିତ୍ର ୨.୪ ରେ ଦର୍ଶାଯାଇଥିବା ପରି କଠିନ ବର୍ଜ୍ୟବସ୍ତୁରୁ ସାମଗ୍ରୀ ଏବଂ ଶକ୍ତି ପୁନରୁଦ୍ଧାର କରି ଜମିରେ ପକାଯାଇଥିବା କଠିନ ବର୍ଜ୍ୟବସ୍ତୁର ପରିମାଣକୁ ହ୍ରାସ କରିବା । ଏହା ପରବର୍ତୀ ସମୟରେ କଂଚାମାଲ ଏବଂ ଶକ୍ତିର କମ୍ ଆବଶ୍ୟକତା ବୈଷୟିକ ପ୍ରକ୍ରିୟା ପାଇଁ ଇନପୁଟ୍ ଭାବରେ ପରିଣତ କରେ ଏବଂ ସ୍ଥାୟୀ ଲୋକ ଅଦାଲୋକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ଉପରେ ସଚେତନତା କାର୍ଯ୍ୟକ୍ରମରେ ଚିରସ୍ଥାୟୀ ଲୋକ ଅଦାଲୋଡ଼ ଦ୍ୱାରା ନିଆଯାଇଥିବା ବିବାଦ ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ଅଧ୍ୟାୟ ୦ଓଇ ଅଧିନରେ ଏହି ଯୋଜନାର କାର୍ଯ୍ୟକାରିତା ହୋଇଥାଏ ।

# ର୍‍ୟାଗିଂ ଏକ ବ୍ୟାଧି ଓ ଏହାର ନିଧାନ ଉପରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ଆଲୋଚନାଚକ୍ର

ବଲାଙ୍ଗିର,୯/୦୫ (ନି.ପ୍ର): ମାହେଶ୍ୱରୀ ସଂଗଠନ ଦ୍ୱାରା ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ଏକ ବ୍ୟାଧୀ ଓ ଏହାର ନିଧାନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବକ୍ତା ଭାବରେ ବିଭିନ୍ନ କ୍ଷେତ୍ରରୁ ଯଥା ବରିଷ୍ଠ ଆଇନଜିବୀ ପ୍ରମୋଦ ମିଶ୍ର, ମନୋସ୍ତତ୍ୱ ବିଜ୍ଞାନର ଅଧାପିକା ସୁନନ୍ଦିନି ଦାସ ଓ ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଯୋଷୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ମେଡିକାଲ କଲେଜରେ ହେଇଥିବା ର୍‍ୟାଗିଂ କୁ କେନ୍ଦ୍ର କରି ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ର୍‍ୟାଗିଂ ଗୋଟିଏ ଜିଲ୍ଲାର ସମସ୍ୟା ନୁହ ସାରା ଓଡିଶା ତଥା ଭାରତ ବର୍ଷରେ ଏହା ଏକ ବଡ ସମସ୍ୟା । ଏହି ଆଲୋଚନା ଚକ୍ରରେ ମାହେଶ୍ୱରୀ ସଂଗଠନର ଉପଦେଷ୍ଟା ଦିନେଶ ଶର୍ମା, ବ୍ୟାସଦେବ ନନ୍ଦ ଉପସ୍ଥିତ ଥିଲେ । ସ୍ୱାଗତ ଭାଷଣ ମାହେଶ୍ୱରୀ ମହିଳା ଶାଖାର ସଦସ୍ୟା ବିଷ୍ଣୁପ୍ରିୟା ପାଣି ଦେଇଥିଲେ । ସଭା ପରିଚାଳନା ସଂଗଠନର ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ କରିଥିଲେ । ସଂଗଠନର ଉପଦେଷ୍ଟା ଲଳିତ ସାହୁ ଧନ୍ୟବାଦ ଦେଇଥିଲେ ।

## ଭଞ୍ଜ ସେନାର ହରତାଳ

ଉଦଳା, ୦୯/୦୫ (ନି.ପ୍ର): ମୟୂରଭଞ୍ଜ ବାସୀଙ୍କୁ ପାନୀୟଜଳ, ଉନ୍ନତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ ସେବା, ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠାର ଦାବୀ ନେଇ ଆଜି ମଇ ୯ ତାରିଖ ସୋମବାର ଭଞ୍ଜସେନା ତରଫରୁ ବାରିପଦା- ଉଦଳା ରାଜ୍ୟ ରାଜପଥକୁ ସକାଳ ୬ ଘଟିକାରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ବନ୍ଦ କରାଯାଇଥିବାର ଜଣା ଯାଇଛି । ଦାବୀ ପୂରଣ ନହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି । ଆଜିର ଏହି ହରତାଳକୁ ସଫଳ କରିବା ପାଇଁ ଭଞ୍ଜସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ହେମ୍ବ୍ରମ, ରତ୍ନାକର ବେହେରା, ସମୀର ଶେଖର ସେଠୀ, ସଞ୍ଜୟ ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ପାଣିରେ ବୁଡ଼ି ଏକମାତ୍ର ଶିଶୁପୁତ୍ର ମୃତ

ଜଳେଶ୍ୱର, ୦୯/୦୫ (ନି.ପ୍ର): ଉପାନ୍ତ ଗ୍ରାମ ଶାହାଡ଼ାପଡାର ପ୍ରାଣକୃଷ୍ଣ ପାତ୍ର ଶ୍ୱଶୁର ଘର ଆମ୍ବଳିଅଠା ଗାଁକୁ ଚଡକ ପାଟ ଦେଖିବାକୁ ଆସିଥିବା ବେଳେ ଏକ ଅଘଟଣ ଘଟିଛି । ଶ୍ୱଶୁର ସୁମନ୍ତ ଜେନାଙ୍କ ଘରେ ପ୍ରାଣକୃଷ୍ଣ, ତାଙ୍କ ସ୍ତ୍ରୀ ଓ ଏକମାତ୍ର ଶିଶୁପୁତ୍ର ଆଦିତ୍ୟ ଓରଫ ଗୋପାଳ ରହିଥିଲେ । ଆଜି ଖରାବେଳେ ଖେଳୁଥିବା ବେଳେ ଅସାବଧାନତା ବସତଃ ଆଦିତ୍ୟ ନିକଟସ୍ଥ ପୋଖରୀରେ ଗୋଡ ଖସିଯାଇଥିଲା । ଖୋଜାଖୋଜି ପରେ ପୋଖରୀରୁ ଉଦ୍ଧାର କରି ନିକଟସ୍ଥ ଜିକେଭଟ୍ଟର ହସ୍ପିଟାଲକୁ ନେଇ ଯାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଆସନ୍ତାକାଲି ପୋଷ୍ଟ ମର୍ଟମ କରାଯିବ ବୋଲି ଜଣାଯାଇଛି । ଗ୍ରାମ ଆନନ୍ଦ ମୁଖର ଥିବା ବେଳେ ଏପରି ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି । ସରକାରୀ ସହାୟତା ଯୋଗାଇ ଦେବାକୁ ସରପଂଚ ରାଜେଶ ଜେନା, ବ୍ଲକ ସଦସ୍ୟ ବ୍ରଜମୋହନ ପ୍ରଧାନ, ଅକ୍ଷୟ ଜେନା ଓ ୱାର୍ଡ ସଦସ୍ୟ ଦାବି କରିଛନ୍ତି ।

## ଅମିତ ଶାହଙ୍କ ଭାରତ-ବଙ୍ଗଳାଦେଶ ସୀମା ଗସ୍ତ

ଦକ୍ଷିଣ ସାଲମାରା (ଆସାମ), ୦୯/୦୫ : କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଭାରତ-ବଙ୍ଗଳାଦେଶ ସୀମାରେ ଲାଗିଥିବା ଦକ୍ଷିଣ ସାଲମାରା-ମାନକଚାର ଜିଲ୍ଲାର ମାନକଚାରରେ ବିଏସ୍ଏଫ୍‌ର ୪୫ତମ ବାଟାଲିୟନର ସୀମା ଚୌକୀର ସୋମବାର ଦିନ ଗସ୍ତ କରିଛନ୍ତି । ଶ୍ରୀ ଶାହଙ୍କ ସହ ଆସାମର ମୁଖ୍ୟମନ୍ତ୍ରୀ ଡା. ହେମନ୍ତ ବିଶ୍ୱ ଶର୍ମା ଏବଂ ଆସାମ ସରକାରର ମନ୍ତ୍ରୀ ରଞ୍ଜିତ କୁମାର ଦାସ ମଧ ଉପସ୍ଥିତ ଥିଲେ । ବିଏସ୍ଏଫ୍‌ର ବରିଷ୍ଠ ଅଧିକାରୀ କେନ୍ଦ୍ରମନ୍ତ୍ରୀଙ୍କୁ ଚୌକିର ପରିଚାଳନା ଅଂଚଳ ଏବଂ ସୀମା ସୁରକ୍ଷା ପାଇଁ ଚୌକିର ପ୍ରାସଙ୍ଗିକତା ବିଷୟରେ ସୂଚନା ଦେଇଥିଲେ । ସୀମା ଅଂଚଳର ସୁରକ୍ଷାକୁ ନେଇ ବିଏସଏଫ୍‌ର ଅଧିକାରୀ ବିସ୍ତାର ଭାବେ ସୂଚନା ଦେଇଛି ।

# ଜିଲ୍ଲା ରେଡ୍‌କ୍ରସ ସମିତି ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ




ବାରିପଦା, ୦୯/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଜିଲ୍ଲାଶାଖା ଆନୁକୂଲ୍ୟରେ ବିଶ୍ୱ ରେଡ୍‌କ୍ରସ ଦିବସ ବାରିପଦାରେ ପାଳିତ ହୋଇଯାଇଅଛି । ରେଡ୍‌କ୍ରସର ପ୍ରତିଷ୍ଠାତା ଜିନ ହେନେରୀ ଡୁନାଂଟଙ୍କ ଜନ୍ମ ଜୟନ୍ତୀ ଦିବସ ମଇ ୮ ତାରିଖ ଦିନଟିକୁ ବିଶ୍ୱ ରେଡ୍‌କ୍ରସ ଦିବସ ଭାବରେ ପାଳନ କରାଯାଉ ଥିବା ବେଳେ, ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜରୁରୀ ପରିଚାଳନା କେନ୍ଦ୍ର ଠାରେ ସକାଳ ୮ ଘଟିକା ସମୟରେ ଭାରତୀୟ ରେଡ୍‌କ୍ରସ ସଂସ୍ଥା ଜିଲ୍ଲା ଶାଖା ମୟୂରଭଞ୍ଜ ଓ ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀ ଅଧିକାରୀ ତଥା ଜିଲ୍ଲା ରେଡ୍‌କ୍ରସ ସମିତିର ସେକ୍ରେଟାରୀ, ଡେପୁଟୀ କଲେକ୍ଟର ସୁଜୟ କୁମାର ପତି, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀଣୀ ହରପ୍ରିୟା ଚାନ୍ଦ ଓ ଜିଲ୍ଲା ସଂଯୋଜିକା ସୁମିତ୍ର ସ୍ୱାଇଁ, ସେକ୍‌ସନ ଅଫିସର ଦେବାନନ୍ଦ ବେହେରା ପ୍ରମୁଖ ସମେତ ଜିଲ୍ଲା ରେଡ୍‌କ୍ରସ ସମିତିର ଆଜୀବନ ସଦସ୍ୟ ତଥା ଯୁଗ୍ମ ସଂପାଦକ ଅମର କୁମାର ସେଠୀ, ଜିଲ୍ଲା ରେଡ୍‌କ୍ରସର ସମିତିର ଆଜୀବନ ସଦସ୍ୟ ଶିକ୍ଷକ ଅସିମ୍ ଚକ୍ରବର୍ତ୍ତି, ଶିକ୍ଷକ ଡ. ଶଶିଧର ବିଶ୍ୱାଳ, ରେଡ୍‌କ୍ରସ ସଦସ୍ୟ ଶ୍ରୀ ଦୀପକ ମିଶ୍ର, ଶିକ୍ଷକ ସମୋନାଥ ସିଂ, ସ୍ୱେଚ୍ଛାସେବୀ ରେଡ୍‌କ୍ରସ ସଦସ୍ୟା ଭାସ୍ୱତୀ ବାରିକ ଏବଂ ସଂପୃକ୍ତ ଜିଲ୍ଲା ଜରୁରୀ ବିଭାଗ କର୍ମଚାରୀ ମାନେ ଯୋଗଦେଇ ଜିନ୍ ହେନେରୀ ଡୁନାଣ୍ଟଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ରେଡ୍‌କ୍ରସ ସମିତି ସେକ୍ରେଟାରୀ ତଥା ଜିଲ୍ଲା ରେଡ୍‌କ୍ରସ କମିଟିର ଡେପ୍ୟୁଟି କଲେକ୍ଟର ସୁଜୟ କୁମାର ପତି ବିଶ୍ୱ ରେଡ୍‌କ୍ରସ ଦିବସ ପାଳନର ତାପର୍ଯ୍ୟ ଉପରେ ଆଲୋକପାତ କରିତ୍ରିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ନାୟକ, ଜିଲ୍ଲା ରେଡ୍‌କ୍ରସ ସମିତିର ଆଜୀବନ ସଦସ୍ୟ ତଥା ଯୁଗ୍ମ ସଂପାଦକ ଶ୍ରୀ ସେଠୀ, ଶିକ୍ଷକ ଶ୍ରୀ ସିଂ, ଶ୍ରୀ ଚକ୍ରବର୍ତୀ, ଶ୍ରୀ ମିଶ୍ର, ବିଶ୍ୱ ରେଡ୍‌କ୍ରସ ଦିବସ ପାଳନର ମହତ୍ୱ ଓ ରେଡ୍‌କ୍ରସ ସଂସ୍ଥାର ସେବା ମୂଳକ କାର୍ଯ୍ୟକ୍ରମ ଆଲୋକପାତ ପୂର୍ବକ ରେଡକ୍ରସର ପ୍ରତିଷ୍ଠାତା ଜିନ୍ ହେନେରୀ ଡୁନାଣ୍ଟଙ୍କ କର୍ମମୟ ଜୀବନ ଦର୍ଶନ ଉପରେ ସ୍ମୃତି ଚାରଣ କରିଥିଲେ । ଏହି ଦିବସ ପାଳନ ଅବସରରେ ଜିଲ୍ଲା ରେଡ୍‌କ୍ରସ ସମିତି ତତ୍ୱାବଧାନରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୬୧ ୟୁନିଟି ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରରେ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଡ. ବିଶ୍ୱାଳ ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଶେଷରେ ରେଡ୍‌କ୍ରସ ସଦସ୍ୟା ଭାସ୍ୱତୀ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହଳଦୀପଦାରେ ୬ଘଣ୍ଟା ଧରି ରେଳରୋକ : ଉଭୟପଟୁ ଟ୍ରେନ ଚଳାଚଳ ବନ୍ଦ

ବସ୍ତା, ୦୯/୦୫ (ନି.ପ୍ର): ପୂର୍ବ ଘୋଷଣା ଅନୁଯାୟୀ ବାଲେଶ୍ୱର ଜିଲାର ହଳଦୀପଦା ଠାରେ ସୋମବାର ରେଳରୋକ ଆନ୍ଦୋଳନ ହୋଇଥିଲା । ସକାଳ ୬ରୁ ୧୨ଘଣ୍ଟା ପର୍ଯ୍ୟନ୍ତ ଏହି ରେଳରୋକ ଯୋଗୁଁ ରୂପସାରେ ବାଙ୍ଗିରୀପୋଷି -ଭୁବନେଶ୍ୱର ଏକ୍ସପ୍ରେସ, ବାଲେଶ୍ୱରରେ ବାଘାଯତୀନ ଟ୍ରେନ, ସମେତ ବିଭିନ୍ନ ଏକ୍ସପ୍ରେସ , ପାସେଞ୍ଜର ଓ ମାଲବାହୀ ଟ୍ରେନ ଉଭୟ ପଟୁ ଷ୍ଟେସନ ମାନଙ୍କରେ ଦୀର୍ଘସମୟ ଧରି ଅଟକି ରହିଥିଲା । ବାଙ୍ଗିରୀପୋଷି - ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନର ରହଣୀ, ରିଜର୍ଭେସନ କାଉଣ୍ଟର ଖୋଲିବା, ନିଧିପଣ୍ଡା ଓଭରବ୍ରିଜ ନିର୍ମାଣ ପ୍ରଭୃତି ୧୦ଦଫା ଦାବି ନେଇ ହୋଇଥିବା ଆନ୍ଦୋଳନରେ ହଳଦୀପଦା ପ୍ରଗତି ମଞ୍ଚର ସଭାପତି ରବୀନ୍ଦ୍ରନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାଧାକୃଷ୍ଣ ଜେନା, ବିଜୟକୁମାର ନାୟକ, ବିରେନ କୁମାର ନନ୍ଦ, ଚୈତନ୍ୟ ସାହୁ, ସୁଦର୍ଶନ ନାୟକ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଉପଦେଷ୍ଟା ଯଯାତି ଦାସ, ବାଲେଶ୍ୱର ସଦରବ୍ଲକ ଅଧକ୍ଷ ସୁନୀତା ବେହେରା, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ଜିଲା ପରିଷଦ ସଦସ୍ୟ ସଂଜୟ ସେଠୀ, ବିଜେପି ନେତା ସନ୍ତୋଷ ସେଠୀ, ରାଇସୁଆ, ହଳଦୀପଦା, କୁରାଢ଼ିଆ, ଓଲନ୍ଦା ସାରଗାଁ, ର ସରପଞ୍ଚ, ସମିତସଭ୍ୟ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅନୁରୋଧ କ୍ରମେ ୧୫ଦିନ ପାଇଁ ଆନ୍ଦୋଳନରୁ ଓହରି ଯିବାକୁ କହିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ମାତ୍ର ବାଙ୍ଗିରୀପୋଷି ଭୁବନେଶ୍ୱର ବାଙ୍ଗିରିପୋଷି ଟ୍ରେନ ରହଣୀ ନ କଲେ ଆଗାମୀ ୨୬ତାରିଖରେ ପୁର୍ଣ ରେଳରୋକ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ଆନ୍ଦୋଳନ ସ୍ଥଳରେ ରେଳବିଭାଗ କର୍ମକର୍ତ୍ତା, ରେଳ ସୁରକ୍ଷା ବଳ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର ଓ ପ୍ରଗତିମଞ୍ଚ କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ଲିଖିତ ଚୁକ୍ତିନାମା ହୋଇ ସଂପୃକ୍ତ ବିଭିନ୍ନ ଅଧିକାରୀଙ୍କୁ ପ୍ରେରଣ କରାଯାଇଥିଲା ।

# ଆପ ରାଜ୍ୟ ପ୍ରଭାରୀଙ୍କ ମୟୂରଭଞ୍ଜ ଗସ୍ତର ପ୍ରସ୍ତୁତି ବୈଠକ



ବାରିପଦା, ୦୯/୦୫ (ନି.ପ୍ର): ଜିଲ୍ଲା ସ୍ତରୀୟ କର୍ମୀ ସମ୍ମିଳନୀ ଓ ୨୦୦ ୟୁନିଟ ଦେୟମୁକ୍ତ ବିଦ୍ୟୁତ ଆନ୍ଦୋଳନର ସମୀକ୍ଷା ବୈଠକ ଚଳିତ ମଇ ମାସ ୧୫ ତାରିଖ ରେ ବାରିପଦା ରୋଟାରୀ ଭବନଠାରେ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମ ରେ ଆପ ଓଡିଶା ପ୍ରଭାରୀ ତଥା ଦିଲ୍ଲୀ କେଣ୍ଟ ବିଧାୟକ ବିରେନ୍ଦ୍ର ସିଂହ କାଦିଆନ ଏବଂ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦାନ କରିବେ । ଏହି ଅବସରରେ ଅରବିନ୍ଦ କେଜ୍ରିୱାଲଙ୍କ ଦୁର୍ନୀତିମୁକ୍ତ ନୀତି ଆଦର୍ଶ ରେ ଅନୁପ୍ରାଣିତ ମୟୂରଭଞ୍ଜ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ମହିଳା ଆମ୍ ଆଦମୀ ପାର୍ଟିରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏଣୁ ଆଜି ସକାଳ ୯ ଘଟିକା ସମୟରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଆପ୍ ଜିଲ୍ଲା ସଭାପତି କବି ମନୋଜ କୁମାର ମହାନ୍ତ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଧାପକ ଗୋପବନ୍ଧୁ, ସୁକୁମାର ରଞ୍ଜନ ପ୍ରଧାନ, ସତ୍ୟ ସୁନ୍ଦର ଦେ, ଶିବାଜୀ ମହାନ୍ତ, ଧୀରେନ୍ଦ୍ର ପାତ୍ର, ଉଦଳାର ସନ୍ତୋଷ କୁମାର ମୁର୍ମୁ, କ୍ଷୀରୋଦ କୁମାର ସରେନ୍, କରଂଜିଆ ର ବିଶ୍ୱଜିତ ସାହୁ ପ୍ରମୁଖ ଯୋଗଦାନ କରି ନିଜର ମତାମତ ରଖିଥିଲେ । ଶେଷରେ ବିଶ୍ୱବିଜୟୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବସ୍ତା ବାଲିଆପାଳ ରାସ୍ତାର ରିତିମତ ଗଛକଟା

ବସ୍ତା, ୦୯।୫ (ନି.ପ୍ର.) : ବସ୍ତା ବାଲିଆପାଳ ରାସ୍ତାର ଦୁଇ ପାର୍ଶ୍ୱରେ ଜୋରଦାର ଗଛକଟା ଚାଲିଛି । ବହୁବର୍ଷର ପୁରୁଣାଗଛ, ଏବର ନୂତନ ଗଛ ସବୁ ଗୁଡିକୁ କାଟି ସଫା କରି ଦିଆଯାଉଛି । ବନବିଭାଗର ବନନିଗମ ଏହି ଗଛ କାଟୁଛି ବୋଲି କୁହାଯାଉଥିଲେ ହେଁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପାଖରେ ଏହି ଖବର ନାହିଁ । ରାସ୍ତା ପ୍ରଶସ୍ତୀକରଣ ପାଇଁ ଏଭଳି ଗଛକଟା ଯାଉଛି ବୋଲି କୁହାଯାଉଛି । ବନବିଭାଗ ଏସବୁ ଗଛ କାଟୁଥିବା ବେଳେ ସରକାରୀ ନିୟମ ଅନୁସାରେ ଯେତିକି ଗଛ କଟାଯାଉଛି ତାହା ସପକ୍ଷରେ ଅଧିକ ଗଛ ଲଗାଯାଉନାହିଁ । ରାସ୍ତାର ଗୋଟିଏ ପାର୍ଶ୍ୱରେ ଗଛକାଟି ରାସ୍ତା ପ୍ରଶସ୍ତୀକରଣ କରାଯାଇ ପାରନ୍ତା । ଓ ଅନ୍ୟପାର୍ଶ୍ୱରେ ଗଛ ସୁରକ୍ଷିତ ରଖା ଯାଇପାରନ୍ତା । ମାତ୍ର ଏପରି ନ କରି ସବୁ ଗଛ କାଟି ପଦା କରି ଦିଆଯାଉଛି । ଦରଡା ମକୁଳିସି, ଛଚିନା ଠାରୁ ଆରମ୍ଭ କରି ଜାମଶୂଳୀ, ବାଲିଆପାଳ ପର୍ଯ୍ୟନ୍ତ ଏଭଳି ଚାଲିଥିବ ଜଣାଯାଇଛି ।

# ଜୟପୁର ହାଇସ୍କୁଲରେ ଦୁଇ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ଉଦଳା, ୦୯/୦୫ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଜୟପୁର ହାଇସ୍କୁଲରୁ ଅବସର ଗ୍ରହଣ କରିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକ ଓ ବରିଷ୍ଠ ସହକାରୀ ଶିକ୍ଷକ ଦିଲୀପ କୁମାର ନାୟକଙ୍କ ପାଇଁ ବିଦ୍ୟାଳୟ ତରଫରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ସଭାର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ପଟ୍ଟନାୟକ ସଭାର ଆଭିମୁଖ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ସ୍ୱାଗତ ଭାଷଣ ସହ ମଙ୍ଗଳାଷ୍ଟକ ପାଠ କରିଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜଗଦୀଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସହ ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ରାଜ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥାବିଶିଷ୍ଟ ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର ମୁଖ୍ୟବକ୍ତା, ପରିଚାଳାନା କମିଟିର ପୂର୍ବତନ ସଭାପତି ଗୌରାଙ୍ଗ ଚରଣ ପୁଥାଳ, ସମ୍ପାଦକ ସୋମନାଥ କର, ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଜୟପୁର ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମମତା ସିଂ, ପଞ୍ଚାୟତ ସମିତି ସଭ୍ୟା ଶ୍ରୀମତୀ ଭାରତୀ ସାହୁ, ଜୟପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥାଇ ଅବସରପ୍ରାପ୍ତ ଦୁଇ ଆଦର୍ଶ ଶିକ୍ଷକଙ୍କ ଗୁଣଗାନ ସହ ବିଦ୍ୟାଳୟର ଗୌରବମୟ ଇତିହାସର ରୋମନ୍ଥନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର କ୍ଲଷ୍ଟରର ପୂର୍ବତନ ସିଆରସିସି ପ୍ରିୟବ୍ରତ ବାରିକ, ଶିକ୍ଷାବିତ ହିରେନ କୁମାର ରାୟ ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବରୋଜ କୁମାର ରାଜ, ବିଦାୟୀ ଦୁଇ ଶିକ୍ଷକଙ୍କ ସହ କଟାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ମାନ ବାଣ୍ଟିଥିଲେ । ସମ୍ବର୍ଦ୍ଧନା ସଭାର ଶେଷରେ ବିଦାୟୀ ଦୁଇ ଶିକ୍ଷକ ବିଦ୍ୟାଳୟରେ ତାଙ୍କର ଅନୁଭୂତି ଓ ଅଭୁଲା ସ୍ମୃତିକୁ ପ୍ରକାଶ କରିଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକଙ୍କ ସହଧର୍ମିଣୀ ଦୀପ୍ତିଲତା ଦାସ ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର....

ଏବଂ ବୈଜ୍ଞାନିକ ପୃଷ୍ଠଭୂମିର କୌଣସି ପ୍ରମାଣର ଆବଶ୍ୟକତା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ବେଦର ଭାଷା ସଂସ୍କୃତର ବୈଜ୍ଞାନିକତା, ପୁନରୁଦ୍ଧାର, ସଂସ୍କୃତ ସହ ଜଡ଼ିତ ଭାରତୀୟତାର ପରିଚୟ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ସଭ୍ୟତାକୁ ଅବଲୋକନ କଲେ ଆମ ସମାଜ ସଂସ୍କୃତି ସମ୍ପନ୍ନ, ଭୌତିକ ସମ୍ପନ୍ନ ତଥା ଭାରତୀୟ ଶିକ୍ଷା ବ୍ୟବସ୍ଥାର ଗଭୀରତା ବୁଝାପଡ଼େ । ଆମର ସଭ୍ୟତାକୁ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଆଗକୁ ନେବାର ଦାୟିତ୍ୱ ଆମ ସମସ୍ତଙ୍କ ଉପରେ ନ୍ୟସ୍ତ ରହିଛି । ଏକବିଂଶ ଶତାବ୍ଦୀରେ ଭାରତକୁ ଆତ୍ମନିର୍ଭର କରିବା ଏବଂ ବିଶ୍ୱ କଲ୍ୟାଣର ମାର୍ଗ ପ୍ରଶସ୍ତ କରିବା ପାଇଁ ଭାରତୀୟ ଶିକ୍ଷା ବ୍ୟବସ୍ଥା କିଭଳି ହେବା ଦରକାର ସେ ନେଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରି ମହାନ ଅନୁଷ୍ଠାନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଦରକାର । ଆମର ପୁଞ୍ଜି ହେଉଛି ଜ୍ଞାନ, ଶିକ୍ଷା, ମାନବିକତା ଏବଂ ବୌଦ୍ଧିକ କ୍ଷମତା । ଏ ସବୁର ଉପଯୋଗ କରି ଭାରତ ଓ ବିଶ୍ୱ କଲ୍ୟାଣରେ ବ୍ରତୀ ହେବା ଦରକାର । ବର୍ତ୍ତମାନ ସମୟରେ ଦେଶରେ ରାଷ୍ଟ୍ରୀୟ ଶିକ୍ଷା ନୀତି(ଏନଇପି)ର କ୍ରିୟାନ୍ୱୟନ ହେଉଛି । ଶିକ୍ଷା ନୀତିରେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବିଔପନିବେଶୀକରଣର ଆଧିପତ୍ୟକୁ ସମାପ୍ତ କରି ଭାରତୀୟତା ଆଧାରିତ ଶିକ୍ଷା ବ୍ୟବସ୍ଥା କରିବା ଏବଂ ଭାରତୀୟ ଜ୍ଞାନ ଓ ଭାଷାକୁ ଗୁରୁତ୍ୱ ଦିଆଯାଇଛି ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ....

ତିଆରି କରି ଦାଖଲ କରିବାକୁ ଏଏସ୍ଆଇକୁ କହିଛନ୍ତି । ବର୍ତ୍ତମାନ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିରର କ'ଣ କ୍ଷତି ହୋଇଛି, ତାହା ନିର୍ଦ୍ଦିଷ୍ଟ ଭାବେ ରିପୋର୍ଟରେ ଉଲ୍ଲେଖ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ କୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ମେ' ୨୦ ତାରିଖରେ କରିବେ ବୋଲି କହିଛନ୍ତି । ଶ୍ରୀମନ୍ଦିର ନିକଟରେ ଏବେ ଟଏଲେଟ୍ ଆଦି ନିର୍ମାଣ ହେଉଥିବା ବେଳେ ସେଗୁଡ଼ିକର କାମ ପାଖାପାଖି ୭୦-୭୫ ଭାଗ ଶେଷ ହୋଇଗଲାଣି । ତେଣୁ ଆବେଦନକାରୀଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ଉପରେ ସ୍ଥଗିତାଦେଶ ଜାରି କରିବାକୁ ହାଇକୋର୍ଟଙ୍କୁ ନିବେଦନ କରାଯାଇଥିଲା । ତେବେ ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରି ନାହାନ୍ତି । ସରକାରଙ୍କ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ ଯାହା ସବୁ ହେଉଛି ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍ ଲାଇନ୍ ଭିତରେ ହେଉଛି । ଆଜି ଆବେନକାରୀ ଓ ସରକାରଙ୍କ ପକ୍ଷରୁ କୋର୍ଟରେ ଏହି ମାମଲାରେ ଜୋରଦାର ଯୁକ୍ତ ଉପସ୍ଥପାନ କରାଯାଇଥିଲା । ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଶ୍ରୀମନ୍ଦିର ଚାରିପାଖେ ଏବେ ଯେଉଁ ନିର୍ମାଣ କାର୍ଯ୍ୟ ଚାଲିଛି, ସେଥିପାଇଁ କୌଣସି ଅନୁମତି ଆବଶ୍ୟକ ନାହିଁ । ଅନ୍ୟପକ୍ଷରେ ଏଏସ୍ଆଇ ପକ୍ଷରୁ କୁହାଯାଇଥିଲା ଯେ ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତିର ଆବଶ୍ୟକତା ରହିଛି । ବରିଷ୍ଠ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଏଏସ୍ଆଇ ଆଇନ ଅନୁସାରେ ବି ଏ ପ୍ରକାର ନିର୍ମାଣ ପାଇଁ ଅନୁମତି ଦେଇପାରିବନି । ତେଣୁ ଆଜି ସତ୍ୟପାଠ ଦାଖଲ କରି କହିଦେଲେ ଯେ ସେମାନେ କିଛି ଅନୁମତି ଦେଇ ନାହାନ୍ତି । ଶ୍ରୀମନ୍ଦିରରୁ ୭୫ ମିଟର ଭିତରେ ଏହି ନିର୍ମାଣ କାର୍ଯ୍ୟ ଚାଲିଛି । ତେଣୁ ଏହା ବେଆଇନ । ଯଦି ଏଏସ୍ଆଇ ଅନୁମତି ଦେଇ ନଥିଲା, ତା'ହେଲେ ବେଆଇନ ନିର୍ମାଣ କାମ ଚାଲିଥିବା ବେଳେ କାହିଁକି ମାମଲା ରୁଜୁ କରି ନଥିଲା । ଆଇନ ଅନୁଯାୟୀ ଏଏସ୍ଆଇ ଏତଲା ଦେଇପାରିବ ।

## ବହୁଚର୍ଚ୍ଚିତ ପ୍ରମୋଦିନୀ ରାଉଳଙ୍କୁ ....

ଜେଲ ଦଣ୍ଡାଦେଶ ସହ ଉଭୟଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଜୋରିମାନା କରାଯାଇଛି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୯ ମାସ ଜେଲରେ ରହିବେ ଦୋଷୀ । ୨୦୦୯ ଏପ୍ରିଲ ୧୮ ତାରିଖରେ ପ୍ରମୋଦିନୀ ରାଉଳଙ୍କୁ ଏସିଡ୍ ମାଡ କରିଥିଲେ ୨ ଦୁର୍ବୃତ ସନ୍ତୋଷ ବେଦାନ୍ତ ଓ ଅନୀଲ ଦଳସିଂରାୟ । ଏକତରଫା ପ୍ରେମକୁ ନେଇ ପ୍ରମୋଦିନୀଙ୍କୁ ଆକ୍ରମଣ ହୋଇଥିଲା । ୨୦୧୭ରୁ ଗିରଫ ହୋଇ ଉଭୟ ଜେଲରେ ଥିଲେ । ତେବେ କୋର୍ଟଙ୍କ ରାୟରେ ସଂପୂର୍ଣ୍ଣ ସନ୍ତୁଷ୍ଟ ନଥିବା କହିଛନ୍ତି ପ୍ରମୋଦିନୀ । ଭଦ୍ରକ ଅଂଚଳର ପାରା ମିଲିଟାରୀରେ ଯବାନ ଭାବେ କାର୍ଯ୍ୟରତ ଥିବା ସନ୍ତୋଷ କୁମାର ବେଦାନ୍ତ ପ୍ରମୋଦିନୀଙ୍କୁ ଏକତରଫା ପ୍ରେମ କରୁଥିଲେ । ପ୍ରେମରେ ବିଫଳ ହେବାରୁ ତାଙ୍କୁ ଏସିଡ୍ ମାଡ୍ କରି ଫେରାର ହୋଇଯାଇଥିଲେ । ଘଟଣା ଘଟାଇବା ପରେ ପୁନଶ୍ଚ ନିଜ ଚାକିରୀକୁ ଫେରିଯାଇଥିଲେ । ୨୦୧୨ ମସିହାରେ ପୋଲିସ ଏହି କେସକୁ ବନ୍ଦ କରିଦେଇଥିଲା । ହେଲେ ପରେ ୨୦୧୭ ମସିହାରେ ତତକାଳୀନ ଏସପି ଜୟ ନାରାୟଣ ପଙ୍କଜ ଏହି କେସକୁ ରି-ଓପନ କରିଥିଲେ । ଅଭିଯୁକ୍ତ ଏବଂ ତାର ସହଯୋଗୀକୁ ଗିରଫ କରିଥିଲା ପୋଲିସ । ମୋଟ୍ ୧୮ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଜଗତସିଂହପୁର ଏଏସଜେ ମହିଳା କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ୨୦୦୯ରେ ତିର୍ତୋଲ ଆଦିକବି ସାରଳା ଦାସ କଲେଜରେ ଯୁକ୍ତ ୨ରେ ପଢୁଥିବାବେଳେ ପ୍ରମୋଦିନୀଙ୍କ ଉପରକୁ ଏସିଡ ମାଡ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତି କରାଗଲା । ତାଙ୍କ ଶରୀରର ୮୦ ଭାଗ ଏସିଡରେ ପୋଡି ଯାଇଥିବାବେଳେ ପ୍ରାୟ ୯ ମାସ ଧରି ଆଇସିୟୁରେ ରଖି ଚିକିତ୍ସା କରାଗଲା । ହେଲେ ତାଙ୍କର ୨ଟି ଆଖି ନଷ୍ଟ ହୋଇ ଯାଇଥିଲା ।

## ସାହିନବାଗରେ ଜବରଦଖଲ....

କେଉଁ ମୌଳିକ ଅଧିକାର ହନନ ହୋଇଛି ? ଘଟଣାକୁ ନେଇ ଏବେ ରାଜନୈତିକ ବୟାନ ବାଜି ବଢ଼ିବାରେ ଲାଗିଛି । ରାଜଧାନୀ ଦିଲ୍ଲୀରେ ପ୍ରଶାସନ ପକ୍ଷରୁ ପୁଣି ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ଅଭିଯାନ । ଦିଲ୍ଲୀର ସବୁଠାରୁ ଚର୍ଚ୍ଚିତ ଅଞ୍ଚଳ କୁହାଯାଉଥିବା ସାହିନବାଗରେ ବୁଲଡୋଜର ଚଲେଇଛି ପ୍ରଶାସନ । ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ସହ ପାରା ମିଲିଟାରୀ ଫୋର୍ସ ମୁତୟନ କରାଯାଇଛି । ସେପଟେ ସ୍ଥାନୀୟ ଲୋକେ ଉଚ୍ଛେଦକୁ ବିରୋଧ କରଛନ୍ତି ।

# ଶରତଚନ୍ଦ୍ର ହାଇସ୍କୁଲରେ ପୁରାତନ ଛାତ୍ର ସଂସଦ ଗଠିତ



ବାରିପଦା, ୦୯/୦୫ (ନି.ପ୍ର): ବାରିପଦାସ୍ଥିତ ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଚଳିତ ମେ ମାସ ଆଠ ତାରିଖରେ ପୁରାତନ ଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡା. ମହାଦେବ ଦାଶଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂସଦ ଗଠିତ ହୋଇଛି । ସଂସଦର ସଭାପତି ରୂପେ ଡ. ବିଜୟ କୁମାର ଅଗ୍ରୱାଲ, ଉପସଭାପତି ରୂପେ ଦିବାକର ଦାଶ ଓ କୁମାର ରଞ୍ଜନ ପଣ୍ଡା, ସମ୍ପାଦକ ରୂପେ ପ୍ରଦୀପ କୁମାର ନାୟକ, କୋଷାଧକ୍ଷ ରୂପେ ନଳିନୀ କାନ୍ତ ବିନ୍ଧାଣୀ, ଯୁଗ୍ମ ସମ୍ପାଦକ ରୂପେ ଭାନୁମିତ୍ର ଆଚାର୍ଯ୍ୟ, ସହସମ୍ପାଦକ ରୂପେ ପଙ୍କଜ କୁମାର ମିଶ୍ର, କାର୍ଯ୍ୟ ନିର୍ବାହୀ ସଦସ୍ୟ ରୂପେ ଶ୍ରୀନିବାସ ଭଞ୍ଜ, ଗଣେଶ ଚନ୍ଦ୍ର ତିୱାରୀ, ତରୁଣ ବାରିକ, ଦୀପକ କୁମାର ରାମ, ବସନ୍ତ କୁମାର ନାୟକ, ବିଶ୍ୱଜିତ୍ ପଣ୍ଡା, ସନ୍ତୋଷ କୁମାର ପାତ୍ର, ବିଜୟ କୁମାର ସାହୁ, ପ୍ରଭାତ କୁମାର ଘଡେଇ, ସରୋଜ କୁମାର ଖୁଣ୍ଟିଆ, ନଳିନୀ ରଞ୍ଜନ ମହାନ୍ତି, ସଞ୍ଜୟ କୁମାର ଦେ, ଡା. ମହାଦେବ ଦାଶ, ଶଶିଭୂଷଣ ଆଚାର୍ଯ୍ୟ, କଳିଙ୍ଗ କେଶରୀ ଜେନା, କାର୍ଯ୍ୟପାଳିକା ବିଭାଗରେ ସଞ୍ଜିବ କୁମାର ମିଶ୍ର, ଧୃତି ସୁନ୍ଦର ସାହୁ, ଡଃ. ଡି.ଏନ. ଦତ୍ତ, ହୃଦାନନ୍ଦ ଆଚାର୍ଯ୍ୟ ପ୍ରମୁଖ ହୋଇଛନ୍ତି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ପରିଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତ୍ସ୍ନାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳା ପୋଲିସ ବିରୁଦ୍ଧରେ ବଢୁଛି ଜନଅସନ୍ତୋଷ



ଉଦଳା, ୦୯/୦୫ (ନି.ପ୍ର): ଉଦଳା ପୋଲିସ ବିରୁଦ୍ଧରେ ଜନଅସନ୍ତୋଷ କିଛି ନୂଆ କଥା ନୁହେଁ । ପୋଲିସର କାର୍ଯ୍ୟକଳାପକୁ ବିରୋଧ କରି ଅତିତରେ ଏଠାରେ ବାରମ୍ୱାର ଆନ୍ଦୋଳନ ମୁଣ୍ଡ ଟେକିଛି । କିନ୍ତୁ ପୋଲିସ ବିଭାଗର କୌଣସି ପରିବର୍ତ୍ତନ ଏପର୍ଯ୍ୟନ୍ତ ପରିଲକ୍ଷିତ ହେଉନାହିଁ । ସାଧାରଣ ଜନତା ତା ଦୂରର କଥା ଗଣମାଧମ ପ୍ରତିନିଧି ମାନଙ୍କ ଉପରେ ମଧ ପୋଲିସର ବକ୍ର ଚାହାଣୀ ସୂଚାଇ ଦେଉଛି, 'ଆମେ ଗଣତନ୍ତ୍ର ନୁହେଁ ଏକଛତ୍ରବାଦୀ ଶାସନ ଚାହୁଁ ।' ସେହିପରି ଏକ ଲୁଟ ମାମଲାରେ ସମ୍ପୃକ୍ତ ଜଣେ ଯୁବକକୁ ଉଦଳା ପୋଲିସ ଦୁଇଦିନ ତଳେ ଗିରଫ କରିଥିବା ବେଳେ ସନ୍ଦେହଜନକସ୍ଥିତିରେ ଉକ୍ତ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ରେମୁଣାଥାନା ଅନ୍ତର୍ଗତ ମନ୍ଦାରପୁର ଅଞ୍ଚଳର ପ୍ରଦୀପ କୁମାର ଦାସ(୩୮) ବୋଲି ଜଣାଯାଇଛି । ତେବେ ଏହାକୁ କେନ୍ଦ୍ର କରି ଉତ୍ତେଜନା ଲାଗି ରହିଥିବା ବେଳେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଭାତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଶବ ବ୍ୟବଛେଦ କରାଯାଇଛି । ମୟୂରଭଞ୍ଜ ଏସ୍.ପି.ଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଏସ୍.ଡ଼ି.ପି.ଓ. ସୁଦର୍ଶନ ଦାସ ଘଟଣାର ତଦନ୍ତ କରୁଛନ୍ତି । ତେବେ ପୁଲିସର ଏତାଦୃଶ କାର୍ଯ୍ୟକଳାପ ବିରୁଦ୍ଧରେ ଏକ ବଡ଼ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ଜଣାଯାଇଛି ।

# ଜିଲ୍ଲାପାଳ ଓ ଏସପିଙ୍କ ବସ୍ତାରେ ମିଳିତ ଯୁଗ୍ମ ଶୁଣାଣୀ ଶିବିର : ସାମ୍ବାଦିକଙ୍କ ଧାରଣା ଓ ହୋହଲ୍ଲା

ବସ୍ତା, ୦୯।୫ (ନି.ପ୍ର.) : ସୋମବାର ବାଲେଶ୍ୱର ଜିଲା ବସ୍ତାବ୍ଲକରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁଶେଖର ମିଶ୍ରଙ୍କ ମିଳିତ ଯୁଗ୍ମ ଶୁଣାଣୀ ଶିବିରରେ ସାମ୍ବାଦିକଙ୍କ ପ୍ରବଳ ହଟ୍ଟଗୋଳ, ହୋହଲ୍ଲା ଓ ଧାରଣା ଆଦି ଯୋଗୁଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରଥମେ ଜିଲ୍ଲାପାଳ ହଳଦୀପଦା ରେଳରୋକ ନାଁ ରେ ୩ଘଣ୍ଟା ବିଳମ୍ବରେ ଆସିଥିଲେ ବୋଲି କହିଥିଲେ ଏବଂ ସାମ୍ବାଦିକ ମାନଙ୍କୁ ୫/୧୦ମିନିଟ ଭିତରେ ଫଟୋ ଉଠାଇ ବାହାରକୁ ଚାଲିଯିବା ପାଇଁ ନିର୍ଦ୍ଦେଶ କରିଥିଲେ । ଓ ପୁଲିସ ଲଗାଇ ସାମ୍ବାଦିକଙ୍କୁ ବାହାର କରି ଦିଆଯାଇଥିଲା । ଏଥିରେ ସାମ୍ବାଦିକମାନେ ଉତ୍‌କ୍ଷିପ୍ତ ହୋଇ ଶିବିର ହେଉଥିବା କନ୍‌ଫରେନ୍ସ ହଲ ସାମନା ଦ୍ୱାରରେ ଧାରଣାରେ ଦୀର୍ଘସମୟ ବସିଥିଲେ । ଜିଲାପାଳ ଓ ବିଡିଓ ବିଭିନ୍ନ ବିରୋଧି ସ୍ଲୋଗାନ ଧ୍ୱନୀ ନାରାବାଜି ଦେଇ ଚାଲିଥିଲେ । ଜିଲାପାଳ ବାଧ ହୋଇ ଘଟଣାସ୍ଥଳକୁ ଆସିଥିଲେ ଏବଂ ସଫେଇ ଦେଇଥିଲେ । ମାତ୍ର ସାମ୍ବାଦିକମାନେ ତାଙ୍କ ଜିଦ୍‌ରେ ଅଟଳ ରହିବା ପରେ କନ୍‌ଫରେନ୍ସ ହଲକୁ ଡାକି ଜିଲାପାଳ ଓ ଏସପି ନିଜର ଭୁଲ ସ୍ୱୀକାର କରି ସାମ୍ବାଦିକ ମାନେ ସବୁ ବୈଠକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହିବେ ବୋଲି କହିଥିଲେ । ବାଲି ସୈରାତ, ମାଟିଉଠା, ଇଟାଭାଟି ପ୍ରଭୃତିରେ ପ୍ରବଳ ଅନିୟମୀତତା ହେଉଥିବା ନେଇ ସାମ୍ବାଦିକମାନେ ଅଭିଯୋଗ କରିଥିଲେ । ସାମ୍ବାଦିକଙ୍କୁ ଏସପି ଓ ପୁଲିସ ପକ୍ଷରୁ ସହଯୋଗ ମିଳୁନାହିଁ ବୋଲି ଅଭିଯୋଗ କରିବାରୁ ସବୁ ଥାନା ଅଧିକାରୀଙ୍କୁ ତଥ୍ୟ ଦେବାପାଇଁ ଏସପି ନିର୍ଦ୍ଦେଶ କରିଥିଲେ । ଏହି ଶିବିରରେ ତହସିଲଦାର କାର୍ତ୍ତିକକୁମାର ଦାଶ, ବିଡିଓ ଜ୍ଞାନରଂଜନ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭଗାର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ରକୁମାର ସାହୁ, ବ୍ଲକ ଉପାଧକ୍ଷ ଦିଲୀପ କୁମାର ଦାସମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଲୋକେ ୨୩ ସାର୍ବଜନୀନ ଓ ୯୪ ବ୍ୟକ୍ତିଗତ ଅଭିଯୋଗ କରିଥିଲେ । ପ୍ରକାଶ ଯୋଗ୍ୟ ଯେ ଏହି ଜନଶୁଣାଣୀ ଶିବିର ପାଇଁ ଗୋଟିଏ ଛୋଟିଆ ତମ୍ବୁ ଟଙ୍ଗା ଯାଇଥିଲା ଯାହାକି ସ୍ଥାନ ନ ଅଣ୍ଟିବା ଯୋଗୁଁ ଲୋକେ ଖରାରେ ସନ୍ତୁଳି ଯାଇଥିଲେ । ପିଇବା ପାଣିର ମଧ ବ୍ୟବସ୍ଥା ହୋଇ ନ ଥିଲା । ସମସ୍ତ ଅଭିଯୋଗ ଫର୍ଦ୍ଦ ଜେରକ୍ସ କରି ଆଣିବା ପାଇଁ କୁହାଯାଉଥିଲା । ଅଥଚ ପ୍ରଶାସନ ପକ୍ଷରୁ ଜେରକ୍ସ ବ୍ୟବସ୍ଥା ହୋଇ ନ ଥିଲା ।

ବାଲେଶ୍ୱର, ମଙ୍ଗଳବାର, ୧୦ ମଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ପଶ୍ଚିମବଂଗ ଦଲାଲ କବ୍‌ଜାରେ ଉତ୍ତର ବାଲେଶ୍ୱରର ରବିଧାନ ଚାଷ

ଜଳେଶ୍ୱର, ୦୯/୦୫ (ନି.ପ୍ର): ଗତ କିଛିବର୍ଷ ଧରି ରବି ଓ ଖରିଫ ଧାନ ଅମଳ ସମୟକୁ ସରକାରୀ ମଣ୍ଡି ଖୋଲୁନଥିବାରୁ ଚାଷୀମାନେ ଧାନର ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୭ଶହ ଟଙ୍କାରୁ କମ୍ ମୂଲ୍ୟରେ କ୍ୟୁଣ୍ଟାଲ ପ୍ରତି ଧାନ ପଶ୍ଚିମବଂଗର ଧାନବ୍ୟବସାୟୀ ମାନଙ୍କ ଦଲାଲ କିଣୁଥିବା ବେଳେ ଚାଷୀ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି । ଖର୍ଚ୍ଚ ଭରଣ ଲାଗି ଧାନ ବିକ୍ରି ଚାଷୀର ଏକମାତ୍ର ବିକଳ୍ପ ହୋଇଥିବାରୁ ଚାଷୀ ଧାନବିକ୍ରି କରିବାକୁ ବାଧ୍ୟ ହେଉଛି । ଗତ ଖରିଫ ଋତୁରରେ ଅଧିକ ବର୍ଷା, ପଶ୍ଚିମବଂଗର ଉଦ୍‌ବୃତ୍ତବର୍ଷାପାଣି ଓ ସୁବର୍ଣ୍ଣରେଖା ନଦୀର ବାରମ୍ବାର ବନ୍ୟା ଯୋଗୁଁ ଖରିଫ ଧାନଚାଷ ବ୍ୟାହତ ହୋଇଥିଲା । ଜଳେଶ୍ୱର, ଭୋଗରାଇର ଧୌୟା ଅଂଚଳ ଭାବେ ପରିଚିତ ୫୯ ଟି ଗାଁ ର ସମସ୍ତ ଧାନଚାଷ ଧୋଇ ଯାଇଥିଲା । ରବି ଧାନଚାଷକୁ ପାଥେୟ କରି ଜଳେଶ୍ୱର, ଭୋଗରାଇ, ବାଲିଆପାଳର ଗରିବ ଚାଷୀମାନେ ରବିଧାନଚାଷ ଲାଗି ଅଣ୍ଟ ଭିଡିଥିଲେ । ବାଲେଶ୍ୱର ଜିଲାରେ ୨୪୫୦୦ ହେକ୍ଟର ଜମିରେ ଚଳିତବର୍ଷ ରବିଧାନ ଚାଷ ହେବାର ଜିଲା ଆକଳନ କମିଟି ସ୍ଥିର କରିଥିଲା ବେଳେ ବାସ୍ତବରେ ଏହା ବହୁ ଅଧିକ ରହିଛି । ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜଳେଶ୍ୱରରେ ୬୫୦୦ ହେକ୍ଟର, ଭୋଗରାଇରେ ୧୦ହଜାର ହେକ୍ଟର ଓ ବାଲିଆପାଳରେ ୨ହଜାର ହେକ୍ଟର ଧାନ ଚାଷ ହେବାର ଜିଲା କମିଟି ଆକଳନ କରିଥିଲା । ବାସ୍ତବରେ ଏହାଠାରୁ ଅଧିକ ଜମିରେ ଧାନଚାଷ ହୋଇଛି । ଏବେ ଧାନ ଅମଳ ସମୟ । ବାତ୍ୟା ଅସାନିର ଭୟରେ ଗତ ୫ଦିନ ଧରି ଧାନ ଅମଳ ଆରମ୍ଭ ହୋଇଥିବା ବେଳେ ସରକାରୀ ମଣ୍ଡି ଗୁଡିକ ଆସନ୍ତା ୨୦ ତାରିଖରୁ ଖୋଲିବ ବୋଲି ପ୍ୟାକ୍ସ ସୂତ୍ରରୁ ପ୍ରକାଶ । ସରକାରୀ ମଣ୍ଡିରେ ଧାନ କ୍ୟୁଣ୍ଟାଲ ପ୍ରତି ୧୮୬୫ଟଙ୍କାରେ କିଣିବାକୁ ଥିବା ବେଳେ ଏବେ ପଶ୍ଚିମବଂଗର ଧାନ ବ୍ୟବସାୟୀଙ୍କ ଦଲାଲମାନେ ୧୧୦୦ ଟଙ୍କାରେ କିଣୁଛନ୍ତି । ଫଳରେ ଚାଷୀମାନେ କ୍ୟୁଣ୍ଟାଲ ପ୍ରତି ୭୬୫ଟଙ୍କା କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି । ଏବେ ଧାନ କଟା, ବୁହା, ଅମଳ ସହିତ ବିଗତ ଦିନରେ ସାର, କୀଟନାସକ, ଅଣୁସାର ଏବଂ ମଜୁରୀ ଲାଗି ଚାଷୀମାନେ ଧାର କରଜ, ଘରର ଆସବାପତ୍ର ବିକ୍ରି କରି ଧାନ ରୁଆ ପୋତା କରିଥିଲେ ।

## 'ଯବାନ ମାର୍ଶଲ ସମଲେଦ କ୍ଲବ' ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ



ବାଲେଶ୍ୱର,୦୯/୦୫ (ନି.ପ୍ର): ସାନ୍ତାଳୀ ଭାଷା ଲିପି 'ଅଲିଚିକି'ର ପ୍ରସ୍ତୁତି ଓ ପ୍ରସାରର ବିନ୍ଧାଣୀ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୭ତମ ଜୟନ୍ତୀ ପାଳନ ଅବସରରେ ବାଲେଶ୍ୱର 'ଯୱାନ ମାର୍ଶଲ ସମଲେଦ କ୍ଲବ' ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ପୌରପରିଷଦର ୯ନଂ ୱାର୍ଡ କାଉନସିଲର ସଞ୍ଜୀବ ଦାସ ଓ ୧୦ନଂ ୱାର୍ଡ କାଉନସିଲର ରାଧାକୃଷ୍ଣ ଦାସ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଆଦିବାସୀ ଯୁବକଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ବିକାଶରେ ଏହି ଭଳି ପ୍ରତିଯୋଗିତା ବେଶ ସହାୟକ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ପଣ୍ଡିତ ମୁର୍ମୁଙ୍କ ଜୟନ୍ତୀ ଉତ୍ସବ ଓ ସାଂସ୍କୃତିକ ସନ୍ଧ୍ୟାରେ ପୂର୍ବତନ ଲୋକସଭା ସାଂସଦ ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗରେ ମୌଳିକ ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖି ଆସିଥିବା ଆଦିବାସୀ ସମ୍ପ୍ରଦାୟକୁ ଉଚିତ ନ୍ୟାୟ ପ୍ରଦାନରେ ପଣ୍ଡିତ ମୁର୍ମୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ସମାଜର ମୁଖ୍ୟ ସ୍ରୋତରେ ଆଦିବାସୀଙ୍କୁ ସାମିଲ ପାଇଁ ପଣ୍ଡିତ ମୁର୍ମୁ ଯେଉଁ ମାର୍ଗ ଦର୍ଶନ କରିଛନ୍ତି ତାହାକୁ ସମ୍ମାନ ଦେଇ ରାଜ୍ୟ ସରକାର ସମ୍ପ୍ରତି ବିଭିନ୍ନ ଯୋଜନା ମାଧ୍ୟମରେ ଉଚିତ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଜେନା କହିଥିଲେ । ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ଜୀବନାଦର୍ଶ ଓ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ବାଲେଶ୍ୱରର ସହରରେ ବସବାସ କରୁଥିବା ଆଦିବାସୀଙ୍କ ଯେକୌଣସି ସମସ୍ୟାର ସମାଧାନ ପାଇଁ ପୌର ପରିଷଦ ପକ୍ଷରୁ ଅଗ୍ରାଧିକାର ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏକଦୀବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଓ ରନର୍ସ ଅପ ଟିମକୁ ଏହି ଅବସରରେ ଅତିଥିମାନେ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ନେତା ତଥା ଗୀତିକାର ଲାଲମୋହନ ହେମ୍ବ୍ରମ୍, ଯୁବନେତା ଭାଗବତ ସାହୁ, କାଉନସିଲର ସଞ୍ଜୀବ ଦାସ ଓ ରାଧାକୃଷ୍ଣ ଦାସ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ଲବର ସଭାପତି ପାଦୁମ ହାଁସଦା, ସମ୍ପାଦକ ପୁରସ୍ତମ ମୁର୍ମୁଙ୍କ ସମେତ ରାମକୃଷ୍ଣ ପଟ୍ଟାୟତ, ନିତ୍ୟାନନ୍ଦ ମିଶ୍ର, ନରୋତ୍ତମ ସେଠୀ, ସଞ୍ଜୟ କୁମାର ହେମ୍ବ୍ରମ, ମହେନ୍ଦ୍ର ମୁର୍ମୁ, ଶଙ୍କର ମାରାଣ୍ଡି, ବୁଦ୍ଧିରାମ ହେମ୍ବ୍ରମ, ଦିଲ୍ଲୀପ ସୋରେନ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ କବି ସଂଘମିତ୍ରା ରାଏ ଗୁରୁଙ୍କର କବିତା ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୦୯/୦୫ (ନି.ପ୍ର): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ଶନିବାର ସନ୍ଧ୍ୟାରେ କବି ସଂଘମିତ୍ରା ରାଏ ଗୁରୁଙ୍କର କବିତା ପୁସ୍ତକ 'ଟୋପାଏ କାକରର ମୋହ' କୋଠଘରର ପ୍ରତିଷ୍ଠାତା ତଥା ସମ୍ପାଦିକା ଶ୍ରୀମତୀ ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ,ବରେଣ୍ୟ ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ଡ଼ଃ ଫନି ମହାନ୍ତି, ବିଶିଷ୍ଟ ସାହିତ୍ୟିକା, ଅନୁବାଦିକା ଡ଼ଃ ଶକୁନ୍ତଳା ବଳିୟାର ସିଂହ,ବିଶିଷ୍ଟ ଲେଖିକା ଡ଼ଃ ପ୍ରବାସିନୀ ମହାକୁଡ଼ ବିଶିଷ୍ଟ କବି ବିପିନ ବିହାରୀ ଦଳାଇ, ହରିଶ୍ଚନ୍ଦ୍ର ବେହେରା ଯୋଗଦେଇ ପୁସ୍ତକଟିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଭୂୟସୀ ପ୍ରଂଶସା କରିଥିଲେ । ସାହିତ୍ୟ ସମାଜର ପ୍ରତିଫଳନ, ଈର୍ଷା, ହିଂସା ଅସୂୟା ଭାବରୁ ଦୂରେଇ ରହିଲେ ସୁନ୍ଦର ସାହିତ୍ୟ ରଚନା ହୋଇ ପାରିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲ । ବିଶିଷ୍ଟ କବି ଭାଷା ବିଜ୍ଞାନୀ ଡ଼ଃ ଦେବାଶିଷ ମହାପାତ୍ର, ଡ଼ଃ ଅଞ୍ଜଳି ତ୍ରିପାଠୀ, କବି ମମତା ବାରିକ, ନମିତା ପାଇକ ରାୟ, ସୁଷମା ପରିଜା, ଅନିତା ପାଣି ଯୋଗ ଦେଇ ଉନ୍ମୋଚିତ ପୁସ୍ତକରୁ କବିତା ପାଠ କରିଥିଲେ । ଟିଭି ଉପସ୍ଥାପକ ଶିବାନନ୍ଦ ବାରିକ, ସଂଯୋଜିକା ଶର୍ବାଣି ଦାଶ ଖୁବ ସୁନ୍ଦର ଭାବରେ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ପୁସ୍ତକଟିର ରଚୟିତା ସଂଘମିତ୍ରା ର଼ାଏ ଗୁରୁ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ, ମୋନିକା ମହାପାତ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଏବଂ ଆମ ଓଡ଼ିଶାର ମହାନ ଦିବଂଗତ ଲେଖିକା ଡ଼ଃ ବୀଣାପାଣି ମହାନ୍ତି ଓ ବିଶିଷ୍ଟ ସଂଗୀତଜ୍ଞ ପ୍ରଫୁଲ କରଙ୍କ ଉଦ୍ଦେଶରେ ନିରବ ପ୍ରାର୍ଥନା କରା ଯାଇଥିଲା । ପରିଶେଷରେ ଶିକ୍ଷା ପରାମର୍ଶ ଦାତା ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଭରଚୁଆଲ ସାରସ୍ୱତ ସଭାରେ. କୋଠଘରର ସମସ୍ତ ସଦସ୍ୟ ଓ କବି ଉପସ୍ଥିତ ଥିଲେ ।

## ବାଲେଶ୍ୱରରେ 'ରମେଶ ଗୁପ୍ତା ଫାଉଣ୍ଡେସନ'ଗଠିତ

ବାଲେଶ୍ୱର,୦୯/୦୫ (ନି.ପ୍ର): ସାମାଜସେବା ମାଧ୍ୟମରେ ଗରିବ ଅବହେଳିତ ବର୍ଗଙ୍କ ଉନ୍ନତି ପାଇଁ ବାଲେଶ୍ୱରରେ 'ରମେଶ ଗୁପ୍ତା ଫାଉଣ୍ଡେସନ' ପ୍ରତିଷ୍ଠା ହୋଇଛି । ବରିଷ୍ଠ ଇଞ୍ଜିନିୟର ତଥା ବ୍ୟବସାୟୀ ରମେଶ ଗୁପ୍ତାଙ୍କ ଜନ୍ମ ଦିବସ ଅବସରରେ ସ୍ଥାନୀୟ ଏଲଏନ ପ୍ଲାଜାରେ ଏହି ନୂତନ ସଂଗଠନର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ତଥା ଶିକ୍ଷାବିତ ସତ୍ୟଜିତ ମିଶ୍ର ପୌରହିତ୍ୱ କରିବା ସହ ରମେଶ ଗୁପ୍ତା ଫାଉଣ୍ଡେସନ ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟକ୍ଷ ଇଂ ରମେଶ ଗୁପ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଫାଉଣ୍ଡେସନର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ । ଫାଉଣ୍ଡେସନର ଉପାଧ୍ୟକ୍ଷା ସଙ୍ଗୀତା ଗୁପ୍ତା, ସମ୍ପାଦକ ଅଶ୍ୱିନୀ ଗୁପ୍ତା, ଡିଜିଟାଲ ପାର୍ଟନର ସୁବ୍ରତ କୁମାର ରଥ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଡେଥ୍‌ଜୋନ୍‌ରେ ରେଳ ଧାରଣାରେ କଟି ଜଣଙ୍କର ମୃତ୍ୟୁ

ଜଳେଶ୍ୱର ୯/୫ (ନି.ପ୍ର): ଜଳେଶ୍ୱର ରେଳ ଷ୍ଟେସନର ୨ନଂ ପ୍ଲାଟଫର୍ମର ପ୍ରଥମଶ୍ରେଣୀ ଶୟନକକ୍ଷ ନିକଟରେ ଚଳିତବର୍ଷ ୧୦ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାରୁ ଏହା ଡେଥ୍‌ଜୁନ୍‌ଭାବେ ପରିଚିତ । ୨୪ ଘଣ୍ଟା ନ ପୁରୁଣୁ ସେଠାରେ ୨ଜଣଙ୍କ ମୃତ୍ୟୁ ଘଟିବା ଯାତ୍ରୀଙ୍କୁ ସନ୍ଦେହ ଘେରକୁ ଟାଣିଛି । ଆଜି ଭୋର ୩.୩୦ରେ ଜଣେ ବୟସ୍କ ବ୍ୟକ୍ତି ୨ନଂ ରୁ ୧ ନଂକୁ ଆସିବାଲାଗି ଓଭରବ୍ରିଜ୍ ବ୍ୟବହାର ନ କରି ଟ୍ରେନ୍‌ଲାଇନ୍ ପାସ୍ କରୁଥିବା ବେଳେ ଟ୍ରେନ୍‌ରେ କଟି ମରିଥିବାର ରେଳ ବାଇ ପୁଲିସ୍ ସୂତ୍ରରୁ ପ୍ରକାଶ । ଗତ ରବିବାର ଅପ୍ ଉତ୍କଳ ଏକ୍ସପ୍ରେସ୍ ୬ ଘଣ୍ଟା ବିଳମ୍ବରେ ଋଷିକେଶରୁ ପୁରି ଅଭିମୁଖେ ବାହାରିଥିଲା । ଏହି ଟ୍ରେନ୍‌ରେ ଭୋଗରାଇର ନାଇଜୁଳି ଗାଁର ବାବୁ କୁମାର ମହାନ୍ତି (୬୭) ଗାଁକୁ ଆସିବା ଲାଗି ଟ୍ରେନ୍‌ରେ ଚଢିଥିଲେ । ଟ୍ରେନ୍‌ଟି ସାଢେ ୩ଟାରେ ଜଳେଶ୍ୱରରେ ପହଞ୍ଚିଥିଲା ଓ ସେ ରେଳ ଧାରଣ ପାରିହୋଇ ବସ୍‌ଷ୍ଟାଣ୍ଡକୁ ଯିବାକୁ ଚାହିଥିଲେ । କିନ୍ତୁ ଡାଉନ୍ ଲାଇନ୍‌ରେ ଅନ୍ୟଏକ ଏକ୍ସପ୍ରେସ୍ ଆସୁଥିବାରୁ ସେଥିରେ ସେ କଟି ମୃତ୍ୟୁବରଣ କରିଥିବା ଜିଆର୍‌ପି ସୂତ୍ରରୁ ପ୍ରକାଶ । କିନ୍ତୁ ଜିଆର୍‌ପି ଅଫିସ୍‌ଟି ରେଳ ପ୍ଲାଟଫର୍ମରେ ନ ଥାଇ ଦୂରରେ ରହୁଥିବାରୁ ଷ୍ଟେସନ ଅଂଚଳରୁ ଛିନ୍‌ତାଇ, ଲୁଟ୍, ଚୋରୀ ଅଧିକ ଘଟୁଥିବା ବେଳେ ଯାତ୍ରୀମାନେ ଓଭରବ୍ରିଜ୍ ବ୍ୟବହାର ନ କରି ରେଳ ଧାରଣା ପାରି ହୋଇଥାନ୍ତି । ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଚଳିତବର୍ଷ ୧୦ଜଣଙ୍କ ମୃତ୍ୟୁ ହେବା ଅନ୍ୟଏକ ଆଲୋଚ୍ୟର ବିଷୟ ହୋଇଥିବା ବେଳେ ଜିଆର୍‌ପି, ଆର୍‌ପିଏଫ କାର୍ଯ୍ୟାଳୟ ୧ନଂ କିମ୍ବା ୨ନଂ ପ୍ଲାଟଫର୍ମରେ ହେବାକୁ ଦାବି ହେଉଛି ।

## ସାମାଜିକ ସୁରକ୍ଷା ଯୋଜନାରେ ସବୁ ହିତାଧିକାରୀଙ୍କୁ ମିଳିବ ୧୦୦ ଟଙ୍କାର ଗ୍ରୀଷ୍ମକାଳୀନ ସହାୟତା

ଭୁବନେଶ୍ୱର, ୦୯/୦୫ (ନି.ପ୍ର): ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଭିନ୍ନକ୍ଷମ ଭତା ଓ ଅନ୍ୟାନ୍ୟ ବର୍ଗରେ ଭତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ସ୍ୱରୂପ ଅତିରିକ୍ତ ୧୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଭତା ହିତାଧିକାରୀମାନେ ଏହି ସହାୟତା ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ସିଧାସଳଖ ପାଇବାକୁ ଥିବାବେଳେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ବାବଦରେ ଅତିରିକ୍ତ ୧୦୦ ଟଙ୍କା ଚଳିତ ମାସ ୧୫ ତାରିଖ ଦିନ ସେମାନଙ୍କ ନିୟମିତ ଭତା ସହିତ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ପ୍ରକାଶ କରିଛନ୍ତି ।

## ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ



ଭଦ୍ରକ,୦୯/୦୫ (ନି.ପ୍ର): ଓ.ଏ.ଏସ୍.(ଏସ୍) ପାହ୍ୟାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶାନ୍ତନୁ କୁମାର ମହାନ୍ତି ଆଜି ପୂର୍ବାହ୍ନରେ ଭଦ୍ରକ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଓ.ଟି.ଡି.ସି.ର ଜେନେରାଲ ମ୍ୟାନେଜର ଭାବେ ଭୁବନେଶ୍ୱରରେ ଅବସ୍ଥାପିତ ଥିଲେ । ପୂର୍ବରୁ ଖୋର୍ଦ୍ଧା ଜିଲ୍ଲାରେ ବି.ଡି.ଓ., ଉପଜିଲ୍ଲାପାଳ ଭାବେ ମଧ୍ୟ ଦକ୍ଷତାର ସହିତ କାର୍ଯ୍ୟ କରିଆସିଛନ୍ତି । ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ବିଭାଗ ଜରିଆରେ ସମସ୍ତ ସରକାରୀ ଯୋଜନା ଗୁଡ଼ିକର ସଠିକ କାର୍ଯ୍ୟକାରୀତା ନେଇ ଅତିରିକ୍ତ ଜିଲ୍ଲାପାଳ ଭାବେ ସୁରୁରୁ ରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ କି ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଅବସର ପରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାଏକ ଏହି ଦାୟିତ୍ୱରେ ଥିଲେ ।

## ପଛୁଆ ଜିଲ୍ଲାରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଲେ ମନ୍ତ୍ରୀ ଦିବ୍ୟଶଙ୍କର

ଭୁବନେଶ୍ୱର, ୦୯/୦୫ (ନି.ପ୍ର): ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ଭିତିଭୂମି ରହିଛି । ରାଜ୍ୟରେ କଂଚାମାଲର ଅଭାବ ନଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘସୂତ୍ରୀ ଯୋଜନା ଫଳରେ ଶିଳ୍ପ-ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଯେଉଁ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି, ସେଥିନେଇ ଅନେକ ବଡ଼ ବଡ଼ ସଂସ୍ଥା ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ଦେଖାଇଛନ୍ତି । ଏହି କିଛି ବର୍ଷ ମଧ୍ୟରେ ଅନେକ ସଂସ୍ଥା ଶିଳ୍ପ ପ୍ରତିଷ୍ଠା ସହ ସେମାନଙ୍କ ଉତ୍ପାଦନ ଆରମ୍ଭ କରିସାରିଛନ୍ତି । ଆହୁରି ଅନେକ ପ୍ରକଳ୍ପ ପାଇପ୍‌ଲାଇନ୍ ରେ ଅଛି । ତେବେ ନିର୍ଦ୍ଦିଷ୍ଟ ଜିଲ୍ଲା କିମ୍ବା ଅଂଚଳରେ ଶିଳ୍ପ ପ୍ରତିଷ୍ଠା ବ୍ୟତିରେକ ରାଜ୍ୟର ପଛୁଆ ଜିଲ୍ଲାମାନଙ୍କରେ ଶିଳ୍ପ ପ୍ରତିଷ୍ଠା ଲାଗି ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୫-'ଟି' ସମୀକ୍ଷା ବୈଠକରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଅଧ୍ୟକ୍ଷତା କରି କହିଥିଲେ ଯେ ବଡ଼ ଶିଳ୍ପ ସହିତ କ୍ଷୁଦ୍ର ଶିଳ୍ପ, ବିଶେଷ କରି ସ୍ଥାନୀୟ ସଂସ୍ଥାମାନଙ୍କୁ ଶିଳ୍ପ ପ୍ରତିଷ୍ଠା ଲାଗି ସୁଯୋଗ ସୃଷ୍ଟି ହେବା ଆବଶ୍ୟକ । ଏହା ଦ୍ୱାରା ସବୁ ଅଂଚଳର ବିକାଶ ସମ୍ଭବ ହୋଇପାରିବ । ଏଥିଲାଗି ଶିଳ୍ପ ବିଭାଗ ଅନ୍ୟ ପ୍ରମୁଖ ବିଭାଗମାନଙ୍କ ସହ ସଂଯୋଗ ସ୍ଥାପନ କରି ଏକ ନୋଡ଼ାଲ ବିଭାଗର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ । ବିଭିନ୍ନ ଜିଲ୍ଲାରେ ଦକ୍ଷତା ବୃଦ୍ଧି ନିମନ୍ତେ ସମ୍ମିଳନୀ ଆୟୋଜନ ସହ କୃଷି, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପରାମର୍ଶ ଦେଇଥିଲେ । ବୈଠକରେ ଇନ୍‌ଫୋଭ୍ୟାଲି, ପାରାଦୀପ ପ୍ଲାଷ୍ଟିକ୍ ପାର୍କ, ଭଦ୍ରକ ଟେକ୍ସଟାଇଲ୍ ପାର୍କ, ଭଦ୍ରକ, ଇଡ୍‌କୋ ଟାୱାର, ଅନୁଗୋଳ ଆଲୁମିନିୟମ୍ ପାର୍କ, ଓଡ଼ିଶା ଅର୍ଥନୈତିକ କରିଡର ନିମନ୍ତେ ଜମି ଅଧିଗ୍ରହଣ ଏବଂ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇଡ୍‌କୋ ତଥା ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଇପିକଲର ସିଜିଏମ୍ କଲ୍ୟାଣ ଚନ୍ଦ୍ର ମହାନ୍ତି ଏବଂ ଇଡ୍‌କୋ(ଲ୍ୟାଣ୍ଡ) ସିଜିଏମ୍ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଡ. ବୁଦ୍ଧେଶ୍ୱର ପତିଙ୍କ 'ନାମ ସଂଜିବନୀ' ପୁସ୍ତକ ଉନ୍ମୋଚିତ



ଜଳେଶ୍ୱର, ୦୯/୦୫ (ନି.ପ୍ର): ଜଳେଶ୍ୱର ବ୍ଲକର ସର୍ବପ୍ରଥମ ଡକ୍ଟରେଟ୍ ଧାରୀ ଦୀନକୃଷ୍ଣ କଲେଜର ପୂର୍ବତନ ଅଧ୍ୟକ୍ଷ, ଆଧ୍ୟାତ୍ମିକ ଚିନ୍ତା ଚେତନାର ଅନ୍ୟତମ ବିନ୍ଧାଣୀ ଡ. ବୁଦ୍ଧେଶ୍ୱର ପତିଙ୍କ ଲିଖିତ ଆଧ୍ୟାତ୍ମିକ ବାଦର ଅନ୍ୟଏକ ନିଦର୍ଶନ ' ନାମ ସଂଜିବନୀ' ପୁସ୍ତକ ଉନ୍ମୋଚିତ ହୋଇଛି । ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଏହି ପୁସ୍ତକକୁ ପଣ୍ଡିତ ରବିନାରାୟଣ ରଥଙ୍କ କରକମଳରେ ଉନ୍ମୋଚନ ତଥା ନବଗ୍ରହ ହୋମ ବିଧି ପରିସମାପ୍ତି ହୋଇଥିଲା । କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପୌରହିତ୍ୟ କରିଥିଲେ । ଏଥିରେ ସଂପାଦକ ସୁଧାଂଶୁ ସେଖର ପ୍ରଧାନ, କ୍ଷେତ୍ର ମୋହନ ଗିରି, ଡ. ଅଜିତ୍ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ମଧୁସୂଦନ ଦତ୍ତ, ଶ୍ରୀକୃଷ୍ଣ ମହାନ୍ତି, ତାରାପଦ ମହାନ୍ତି, ରାମଚନ୍ଦ୍ର ସିଂହ, ଶଶିକାନ୍ତ ପ୍ରଧାନ, ଇଂ ଅକ୍ଷୟ ଦାସ, ଶରତ ଚନ୍ଦ୍ର ପଣ୍ଡା, ଡା. ପଦ୍ମଲାଭ ପ୍ରଧାନ, ଗଣେଶ ଗିରି, ଶଶିକାନ୍ତ ପାତ୍ର ଓ ରମଣି ମହାପାତ୍ର ପ୍ରମୁଖ ପୁସ୍ତକ ସଂପର୍କରେ ଅଭିମତ ଓ ସାମ୍ପ୍ରତିକ ସମାଜରେ ଏପରି ପୁସ୍ତକର ଆବଶ୍ୟକତା ସଂପର୍କରେ କହିଥିଲେ । ନବନିର୍ମିତ କାର୍ଯ୍ୟାଳୟକୁ ମଧ୍ୟ ରବିନାରାୟଣ ରଥ ଉଦ୍‌ଘାଟନ କରିବା ସହିତ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଏକ ଆଶା ସଂଚାର କରିଥିବା ସଂପର୍କରେ କହିଥିଲେ ।

## ୫ବର୍ଷରେ ଓଡ଼ିଶାର ଦାରିଦ୍ର୍ୟ ଓ ବେକାରୀ ଦୂର ସମୃଦ୍ଧ ଓଡିଶା ଦଳର ସଂକଳ୍ପ : ଡଃ ଯତୀଶ ଚନ୍ଦ୍ର ମହାନ୍ତି



ଭୁବନେଶ୍ୱର, ୦୯/୦୫ (ନି.ପ୍ର): ଆଗାମୀ ୫ ବର୍ଷ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି ସମୃଦ୍ଧ ଓଡିଶା । ଏହି ୫ ବର୍ଷରେ ଓଡିଶାକୁ ଭାରତର ଏକ ନମ୍ବର ରାଜ୍ୟ ଭାବେ ଗଢି ତୋଳିବାକୁ ଦଳ ରଣନୀତି ପ୍ରସ୍ତୁତ କରିଛି । ଆଜି ଭୁବନେଶ୍ୱର ଠାରେ ଆୟୋଜିତ ଦଳର ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ସଭାପତି ଡଃ ଯତୀଶ ଚନ୍ଦ୍ର ମହାନ୍ତି ଏହା ପ୍ରକାଶ କରିଛନ୍ତି । ଆଗାମୀ ନିର୍ବାଚନରେ ଦଳକୁ ବହୁ ସଂଖ୍ୟାରେ ଜିତାଇବାକୁ ସେ ନିବେଦନ କରିବା ସହ ମାତ୍ର ୫ ବର୍ଷରେ ଓଡିଶାର ରୂପରେଖ ବଦଳାଇବାକୁ ପ୍ରତିଶୃତି ଦେଇଛନ୍ତି ସମୃଦ୍ଧ ଓଡିଶା ସଭାପତି ଡଃ ମହାନ୍ତି । ରାଜ୍ୟରୁ ଗରିବୀ ଓ ବେକାରୀ ଦୂର କରିବା ସହ ବେରୋଜଗାରୀରୁ ମୁକ୍ତି ପାଇଁ ରାଜ୍ୟର ଏକ କୋଟି ଚାକିରୀ ଓ ଆତ୍ମନିଯୁକ୍ତିର ବ୍ୟବସ୍ଥା ଉପରେ ସେ ଦୃଢୋକ୍ତି ଦେଖାଇଛନ୍ତି । ଓଡିଶାର ଭବିଷ୍ୟତ ଯୁବପିଢୀର ସର୍ବାଙ୍ଗୀନ ବିକାଶକୁ ଅଗ୍ରାଧିକାର ଦେବା ସହ ରାଜନୈତିକ ଦଳମାନଙ୍କର ଆକ୍ରୋଶ ଓ ପୁଲିସ୍ ପ୍ରଶାସନର ମିଥ୍ୟା କେଶରୁ ଯୁବପିଢୀଙ୍କୁ ସୁରକ୍ଷା ଦେବ ସମୃଦ୍ଧ ଓଡିଶା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦଳ ତରଫରୁ ମାଗଣା ବିଜୁଳି ଓ ପାଣି ଦେବା ବଦଳରେ ପ୍ରତି ପରିବାରର ମାସିକ ରୋଜଗାର ୨୦ ହଜାର ଟଙ୍କାକୁ ବଢାଇ ସମସ୍ତ ଶୁଳ୍କ ଲୋକେ ନିଜେ ଦେବାକୁ ବ୍ୟବସ୍ଥା କରିବ ଦଳ । ରାଜ୍ୟରୁ ଦୁର୍ନୀତି ଦୂର ହେବ ଓ ସବୁ ବିଧାୟକ ସାଂସଦ ଓ ରାଜନୈତିକ ପଦାଧିକାରୀ ପ୍ରତି ୬ ମାସରେ ଜନସାଧାରଣଙ୍କର ସାମ୍ନାରେ ହାଜର ହୋଇ ନିଜ ସାଧୁତାର ପ୍ରମାଣ ଦେବେ । ମୋଟାମୋଟି ଭାବେ ସ୍ୱଚ୍ଛ, ନିର୍ମଳ, ସୁଶାସନ ଦେବା ପାଇଁ ସମୃଦ୍ଧ ଓଡିଶା ଚେଷ୍ଟା କରିବ ବୋଲି ସଭାପତି ଡଃ ଯତୀଶ ଚନ୍ଦ୍ର ମହାନ୍ତି ଘୋଷଣା କରିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ବିଜେପିର ବରିଷ୍ଠ ନେତା ତଥା ଓଡିଶା ସରକାରଙ୍କ ଉଦ୍ୟୋଗ ବିଭାଗର ପୂର୍ବତନ ସଚିବ ପଞ୍ଚାନନ ଦାସ, ଅଧ୍ୟାପକ ଡଃ ପ୍ରଦୀପ୍ତ ବାରିକ୍, ସିଣ୍ଡିକେଟ୍ ବ୍ୟାଙ୍କର ପୂର୍ବତନ ଡିଜିଏମ୍ ହରିଶ ପ୍ରଧାନ, ଶିକ୍ଷାବିତ୍ ଡଃ ମିନାକ୍ଷୀ ଦାସ, ବିଜେପିର ଯୁବନେତା ନୀଳକଣ୍ଠ ରେଡ୍ଡୀ, ବିଜେଡିର ନାରୀନେତ୍ରୀ ବିସ୍ମିତା ଦାସ ଓ ଅନ୍ୟମାନେ ସମୃଦ୍ଧ ଓଡିଶା ଦଳରେ ଯୋଗ ଦେଇଥିଲେ ।

## ପଦ୍ମଶ୍ରୀ ଡଃ ରଜତ କରଙ୍କ ବିୟୋଗରେ ସି.ପି.ଆଇ.(ଏମ୍)ର ଶୋକ

ଭୁବନେଶ୍ୱର, ୦୯/୦୫ (ନି.ପ୍ର): ଓଡିଶାର ଖ୍ୟାତନାମା ଲେଖକ, ସାହିତ୍ୟିକ, ନାଟ୍ୟକାର, ଶିକ୍ଷାବିତ ପଦ୍ମଶ୍ରୀ ଡଃ ରାଜତ କରଙ୍କ ବିୟୋଗରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରି ତାଙ୍କ ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁ । ରଜତ କରଙ୍କ ବିୟୋଗରେ ଓଡିଶା ଜଣେ ବିଶିଷ୍ଟ କୃତିଙ୍କୁ ହରାଇଲା ବୋଲି ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଜଣାଇଛନ୍ତି ।

## ଧାମନଗର ବ୍ଲକରେ ମିଳିତ ଜନ ଶୁଣାଣି : ଜିଲ୍ଲାପାଳଙ୍କ ନିକଟରେ ଆଗତ ହେଲା ୬୦ଟି ଅଭିଯୋଗ



ଭଦ୍ରକ,୦୯/୦୫ (ନି.ପ୍ର): ପୂର୍ବ ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ଏସ୍.ପି. ଚରଣ ସିଂ ମୀନାଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ବି.ଡ଼ି.ଓ., ଧାମନଗର ଦୁର୍ଗାଚରଣ ମୁର୍ମୁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଶୁଣାଣି ପାଇଁ ଗ୍ରହଣ କରାଯାଇଥିବା ସମୁଦାୟ ୬୦ଟି ଅଭିଯୋଗ ମଧ୍ୟରୁ ୫୦ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ୨ଟି ଅଭିଯୋଗ ତତ୍‌କାଳ ସମାଧାନ କରାଯାଇଥିଲା ବେଳେ ଅନ୍ୟ ଗୁଡ଼ିକର ସମାଧାନ ପାଇଁ ଉପସ୍ଥିତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସି.ଏମ୍.ଆର୍,ଏଫ୍. ଏବଂ ରେଡ଼କ୍ରସ ସମ୍ବନ୍ଧରେ କୌଣସି ଅଭିଯୋଗ ଆସି ନଥିଲା । ସରକାରୀ ଜାଗା ଅବରୋଧ, ଘରପୋଡ଼ି ସାହଯ୍ୟ ଟଙ୍କା ନ ମିଳିବା, ଡ୍ରେନ୍ ନଥିବାରୁ ପାଣି ଜମିବା ଯୋଗୁଁ ରାସ୍ତାକାମ ହୋଇ ନପାରିବା, କାଳିଆ ଯୋଜନାରେ ଟଙ୍କା ନମିଳିବା, ବିଧବା ଭତ୍ତା, ଇନ୍ଦିରା ଆବାସ ଯୋଜନା ଆଦି ସମ୍ବନ୍ଧରେ ଅଭିଯୋଗ ଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo